بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3 | ସଂଖ୍ୟା 18

ସାପ୍ତାହିକ

# ବଦର

The Weekly BADAR Qadian କାଦିଆନ

ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

03 ମଇ 2018 03 ହିଜ୍‌ରତ୍ 1397 ହି.ଶ 16 ଶାବାନ୍ 1439 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوۡا

كُلُوۡا مِنۡ طَيِّبٰتِ مَا رَزَقۡنٰكُمۡ

وَاشۡكُرُوۡا لِلّٰهِ اِنۡ كُنۡتُمۡ اِيَّاهُ تَعۡبُدُوۡنَ

(سورۃ البقرہ:173)

**ଅନୁବାଦ** - ହେ ବିଶ୍ୱାସକାରୀମାନେ ! ଆମ୍ଭେ ତୁମମାନଙ୍କୁ ଯେଉଁ ସବୁ ବିଶୁଦ୍ଧ ଦ୍ରବ୍ୟ ଦେଇଅଛୁ ତନ୍ମଧ୍ୟରୁ ଖାଓ ଏବଂ ଯଦି ତୁମେମାନେ (ପ୍ରକୃତରେ) ଉପାସନା କରୁଅଛ ତେବେ ତାହାଙ୍କ ପ୍ରତି କୃତଜ୍ଞତା (ମଧ୍ୟ) ଜ୍ଞାପନ କର ।

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦ୍ଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ଇଶ୍ୱର ମୋତେ ସମ୍ବୋଧନ କରି କହିଛନ୍ତି କି ତୁମେ ଓ ଯେଉଁ ବ୍ୟକ୍ତି ତୁମ ଘରର ଚାରିକାନ୍ଥ ଭିତରେ ରହିବ ଏବଂ ସେ ଯେ ସମ୍ପୂର୍ଣ୍ଣ ଅନୁସରଣ, ଆଜ୍ଞାବହତା ଓ ନିଷ୍ଠାର ସହିତ ତୁମଠାରେ ଲୀନ ହୋଇଯିବେ ସେ ସମସ୍ତଙ୍କୁ ତାଉନ୍‌ରୁ ବଂଚାଇ ଦିଆଯିବ । ପରିଶେଷରେ ଲୋକେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଏହାକୁ ମାନିନେବେ କି ଅନ୍ୟମାନଙ୍କ ମୁକାବିଲାରେ ଖୁଦାଙ୍କ ସାହାଯ୍ୟ ଓ ସହଯୋଗ ଏହି କୌମ୍ ସହିତ ରହିଛି ଏବଂ ତାର ବିଶେଷ କରୁଣା ଏହି ଲୋକମାନଙ୍କୁ ଏପରି ବଂଚାଇଛି ଯାହାର କୌଣସି ଦୃଷ୍ଟାନ୍ତ ନାହିଁ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

لَنۡ يُّصِيۡبَنَاۤ اِلَّا مَا كَتَبَ اللّٰهُ لَنَا ۚ هُوَ مَوۡلٰٮنَا ۚ وَعَلَى اللّٰهِ فَلۡيَتَوَكَّلِ الۡمُؤۡمِنُوۡنَ ○

(ସୁରା ଅଲ ତୌବା:୫୧)

*ଅନୁବାଦ:-* ଆମକୁ କୌଣସି ଦୁଃଖ କଷ୍ଟ କଦାପି ପହଂଚି ପାରିବ ନାହିଁ । କେବଳ ଅଲ୍ଲାଃ ଯାହା କିଛି ଆମମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କରିଛନ୍ତି ତାହା ହିଁ ଆମ୍ଭଙ୍କୁ ମିଳେ । ସେ ହିଁ ଆମ ମାନଙ୍କର କାର୍ଯ୍ୟ ସମ୍ପାଦନକାରୀ ଏବଂ ବିଶ୍ୱାସକାରୀମାନଙ୍କର ଅଲ୍ଲାଃଙ୍କ ଉପରେ ହିଁ ନିର୍ଭର କରିବା ଉଚିତ୍ ।

କୃତଜ୍ଞତା ଜ୍ଞାପନ କରିବାର କଥା କି ବଡ ଅଂଗ୍ରେଜ୍ ସରକାର ନିଜ ପ୍ରଜାଙ୍କ ଉପରେ ଦୟା ପରବଶ ହୋଇ ପୁନର୍ବାର ତାଉନ୍ (ପ୍ଲେଗ୍ ରୋଗ) ରୁ ବଂଚାଇବା ନିମନ୍ତେ ଟିକା (ଇଂଜେକ୍‌ସନ୍)ର ବ୍ୟବସ୍ଥା କରିଛନ୍ତି ଓ ଲୋକମାନଙ୍କ ନିମନ୍ତେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର ବୋଝକୁ ନିଜେ ବହନ କରିଛନ୍ତି । ବାସ୍ତବରେ ଏହା ହେଉଛି ଏପରି କାର୍ଯ୍ୟ ଯାହାକୁ କୃତଜ୍ଞତା ଜ୍ଞାପନ କରି ସ୍ୱାଗତ କରିବା ବୁଦ୍ଧିମାନ୍ ପ୍ରଜାଙ୍କ କର୍ତ୍ତବ୍ୟ । ଟୀକା ସମ୍ବନ୍ଧରେ ଯିଏ କୁ ଧାରଣା ରଖୁଛି ସେ ହେଉଛ ବଡ଼ ନିର୍ବୋଧ ଓ ସେ ନିଜେ ନିଜର ଶତ୍ରୁ ଅଟେ । କାରଣ ଏହା ଅନେକ ଥର ପ୍ରମାଣିତ ହୋଇସାରିଛି କି ଏହି ସମ୍ବେଦନଶୀଳ ସତର୍କ ସରକାର କୌଣସି ବିପଦମୂଳକ (ରୋଗର) ଉପଚାର (ଶିଘ୍ର) କରିବାକୁ ଚାହାଁନ୍ତି ନାହିଁ ବରଂ ବହୁ ପରୀକ୍ଷା ନିରୀକ୍ଷା କରିବା ପରେ ଯେତେବେଳେ ସଠିକ୍ ଔଷଧ ନିର୍ଦ୍ଧାରଣ ହୁଏ ଓ ତାହା ପ୍ରକୃତରେ ଫଳପ୍ରଦ ହୋଇଥାଏ ସେତେବେଳେ ସେ ତାହା ପ୍ରୟୋଗ କରିଥାନ୍ତି । ତେଣୁ ଏପରି ସଠିକ୍ ମଙ୍ଗଳମୟ କାର୍ଯ୍ୟ ପାଇଁ ଲକ୍ଷ୍ୟାଧିକ ଟଙ୍କା ସରକାର ଖର୍ଚ୍ଚ କରିଥାନ୍ତି ଓ କରିସାରିଛନ୍ତି । ତେଣୁ ଏହା ମାନବିକତା ନୁହେଁ କି ତା ସମ୍ବନ୍ଧରେ ଏହା କୁହାଯିବ କି ସରକାରଙ୍କ ଏପରି ଖର୍ଚ୍ଚ ବହନ କରିବା ଓ ଏଥିପାଇଁ ତାର ମୁଣ୍ଡ ବ୍ୟଥା ହେବାରେ କୌଣସି ବିଶେଷ ମତଲବ୍ ଅଛି ବୋଲି । ଯେଉଁ ନାଗରିକ କୁଧାରଣାରେ ଏପର୍ଯ୍ୟନ୍ତ ପହଂଚିଛି ସେ ହେଉଛି ଅଭାଗା । ଏଥିରେ କୌଣସି ସନ୍ଦେହ ନାହିଁ କି ଏପର୍ଯ୍ୟନ୍ତ ଯାହା କିଛି ଉପାୟ ଭୌତିକ ସାଧନ ଦ୍ୱାରା ଏହି ସରକାର ଅବଲମ୍ବନ କରିଛନ୍ତି ସେ ସବୁ ମଧ୍ୟରୁ ସର୍ବୋତ୍କୃଷ୍ଟ ଉପାୟ ହେଉଛି ଟିକାକରଣ କରିବା । ଏ ଉପାୟଟି ଲାଭପ୍ରଦ ବୋଲି କେହି ଅମାନ୍ୟ କରିପାରିବେ ନାହିଁ । ସମସ୍ତ ନାଗରିକଙ୍କ ନିମନ୍ତେ ଏହା ଅନିର୍ବାଜ୍ୟ ଅଟେ କି ଏହା ଉପରେ ଅମଳ କରି ସେ ଦୁଃଖ ଯାହା ସରକାର ତାଙ୍କ ଜୀବନ ପାଇଁ ଉଠାଇଛନ୍ତି ସେଥିରୁ ତାକୁ ଭାରାମୁକ୍ତ କରନ୍ତୁ । କିନ୍ତୁ ଆମେ ବହୁତ ସମ୍ମାନର ସହିତ ଏହି ଦୟାଶୀଳ ସରକାରଙ୍କ ନିକଟରେ ନିବେଦନ କରୁଅଛୁ କି ଯଦି ଆମ ନିମନ୍ତେ ଏକ ସ୍ୱର୍ଗୀୟ ପ୍ରତିବନ୍ଧକ ନଥାନ୍ତା ତେବେ ସର୍ବପ୍ରଥମେ ଆମେ ହିଁ ପ୍ରଜା ମାନଙ୍କ ମଧ୍ୟରୁ ଟୀକା କରଣ କରିଥାନ୍ତୁ । ସ୍ୱର୍ଗୀୟ ପ୍ରତିବନ୍ଧକ ହେଉଛି ଏହା କି ଇଶ୍ୱର ଚାହାଁନ୍ତି କି ଏ ଯୁଗରେ ମନୁଷ୍ୟମାନଙ୍କ ନିମନ୍ତେ ଗୋଟିଏ ସ୍ୱର୍ଗୀୟ କରୁଣାର ନିଦର୍ଶନ ଦେଖାଇବେ । ତେଣୁ ସେ (ଇଶ୍ୱର) ମୋତେ ସମ୍ବୋଧନ କରି କହିଲେ କି ତୁମେ ଓ ଯେଉଁ ବ୍ୟକ୍ତି ତୁମ ଘରର ଚାରିକାନ୍ଥ ଭିତରେ ରହିବେ ଓ ଯିଏ ସମ୍ପୂର୍ଣ୍ଣ ଆନୁଗତ୍ୟ, ଆଜ୍ଞାପାଳନ ଓ ନିଷ୍ଠାପର ହୋଇ ତୁମଠାରେ ଲୀନ ହୋଇଯିବେ ସେ ସମସ୍ତ ଲୋକଙ୍କୁ ତାଉନ୍‌ରୁ ବଂଚାଇ ଦିଆଯିବ । ସେହି ଶେଷ ଦିନ ଗୁଡିକରେ ଇଶ୍ୱରଙ୍କର ଏହା (ଏକ) ନିଦର୍ଶନ ହେବ । ଯଦ୍ୱାରା ସେ କୌମ୍ ଭିତରେ ଫରକ କରି ଦେଖାଇଦେବେ । କିନ୍ତୁ ଯିଏ ସମ୍ପୂର୍ଣ୍ଣ ରୂପେ ତୁମକୁ ଅନୁସରଣ କରୁନାହିଁ ସେ ତୁମ ମଧ୍ୟରେ ନାହିଁ । ସେଥିଯୋଗୁ ଦୁଃଖ କରନାହିଁ । ଏହା ଅଲ୍ଲାଃଙ୍କ ନିର୍ଦ୍ଦେଶ ଅଟେ । ଯେଉଁଥିପାଇଁ ଆମକୁ ନିଜ ନିମନ୍ତେ ଓ ସେହି ସମସ୍ତ ଲୋକଙ୍କ ନିମନ୍ତେ, ଯେଉଁମାନେ ଆମ ଘରର ଚାରିକାନ୍ଥ ଭିତରେ ରହୁଛନ୍ତି ଟୀକାକରଣ କରିବାର କୌଣସି ଆବଶ୍ୟକ ନାହିଁ । କାରଣ ଯେପରି ମୁଁ ଏବେ ବର୍ଣ୍ଣନା କରିସାରିଛି କି ଆଜିଠାରୁ ବହୁଦିନ ପୂର୍ବେ ସେହି ଇଶ୍ୱର ଯିଏ ପୃଥିବୀ ଓ ଆକାଶର ଇଶ୍ୱର ଅଟନ୍ତି, ଯାହାଙ୍କ ଜ୍ଞାନର ପରିସୀମା ବାହାରେ କୌଣସି ବସ୍ତୁ ନାହିଁ, ସେ ମୋ ଉପରେ ଓ୍ୱହି (ସ୍ୱର୍ଗବାଣୀ) ଅବତୀର୍ଣ୍ଣ କଲେ କି ମୁଁ ଏପରି ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାଉନ୍‌ର ମୃତ୍ୟୁରୁ ବଂଚାଇବି ଯିଏ ଏହି ଘରର ଚାରିକାନ୍ଥ ଭିତରେ ରହିବ । ସର୍ତ୍ତ ଏହା ଅଟେ କି ସେ ନିଜର ସମସ୍ତ ବିରୋଧପୂର୍ଣ୍ଣ ମନୋଭାବରୁ ଦୂରେଇ ରହି ସମ୍ପୂର୍ଣ୍ଣ ରୂପେ ନିଷ୍ଠା, ଆଜ୍ଞାବହତା ଓ ବିନମ୍ରତାର ସହିତ ଏହି ସିଲ୍‌ସିଲାରେ ବୟତ କରି ଦାଖଲ ହେବ । ଖୁଦାଙ୍କ ନିର୍ଦ୍ଦେଶ ଓ ତାଙ୍କୁ ପ୍ରେରିତ ଦୂତଙ୍କ ସମ୍ମୁଖରେ କୌଣସି ପ୍ରକାରର ଗର୍ବ, ଉଦଣ୍ଡ, ଅହଂକାର, ଅସାବଧାନ (ଅବୋଧତା), ଉଦ୍ଧତ ଓ ସ୍ୱେଚ୍ଛାଚାରୀ ହେବନାହିଁ । ତାର କାର୍ଯ୍ୟକଳାପ ଶିକ୍ଷାନୁରୂପ ଥିବ ଓ ସେ (ଖୁଦା) ମୋତେ ସମ୍ବୋଧନ କରି ଏହା ମଧ୍ୟ କହିଛନ୍ତି କି ସାଧାରଣତଃ କାଦିଆନ୍‌ରେ ଭୟଙ୍କର କ୍ଷତିକାରଣ ତାଉନ୍ ଆସିବ ନାହିଁ । ଯଦ୍ୱାରା ଲୋକେ କୁକୁର ପରି ମରିବେ ଓ ଦୁଃଖରେ ମ୍ରିୟମାଣ ହୋଇ ପାଗଳ ପରି ହୋଇଯିବେ । ସାଧାରଣତଃ ଏ ଜମାତ୍‌ର ସମସ୍ତ ଲୋକେ ସେମାନେ ଯେତେସଂଖ୍ୟକ ହୁଅନ୍ତୁ ନା କାହିଁ ବିରୋଧିମାନଙ୍କ ତୁଳନାରେ ତାଉନ୍‌ରୁ ସୁରକ୍ଷିତ ରହିବେ । କିନ୍ତୁ ସେମାନଙ୍କ ମଧ୍ୟରେ ଏପରି ଲୋକେ, ଯେ ନିଜ ଅହଦ୍ (ଶପଥ) ଉପରେ ସମ୍ପୂର୍ଣ୍ଣ ରୂପେ କାଏମ୍ ନାହାଁନ୍ତି ବା ତାଙ୍କ ବିଷୟରେ ଅନ୍ୟ କୌଣସି କାରଣ ନିହିତ ଥିବ ଯାହା ଖୁଦାଙ୍କ ଜ୍ଞାତସାରରେ ଥିବ, ସେମାନଙ୍କ ଉପରେ ତାଉନ୍‌ର ଆକ୍ରମଣ ହୋଇପାରେ । କିନ୍ତୁ ପରିଶେଷରେ ଲୋକେ ଆଶ୍ଚର୍ଯ୍ୟ ହୋଇ ଏହାକୁ ମାନିନେବେ ଯେ ଅନ୍ୟମାନଙ୍କ ମୁକାବିଲାରେ ଇଶ୍ୱରଙ୍କ ସାହାଯ୍ୟ ସହଯୋଗ ଏହି କୌମ୍ ସହିତ ଅଛି ଓ ସେ ତାର ବିଶେଷ କରୁଣା ସାହାଯ୍ୟରେ ଏହି ଲୋକମାନଙ୍କୁ ଏଭଳି ବଂଚାଇଛନ୍ତି ଯାହାର ଦୃଷ୍ଟାନ୍ତ ନାହିଁ । ଏକଥାରେ କିଛି ଅଭାଗା ଚମକି ପଡ଼ିବେ ଓ କିଛି ହସିବେ ଓ କିଛି ମୋତେ ପାଗଳ ବୋଲି କହିବେ ଓ କିଛି ଲୋକେ ଆଶ୍ଚର୍ଯ୍ୟ ହୋଇଯିବେ କି କଣ ଏପରି ଇଶ୍ୱର ଅଛନ୍ତି, ଯିଏ ବିନା କୌଣସି ସାଧନରେ ମଧ୍ୟ କରୁଣା ଅବତୀର୍ଣ୍ଣ କରିପାରେ । ଏହାର ଉତର ହେଉଛି - ହଁ ନିଶ୍ଚିତ ରୂପେ ଏପରି ଶକ୍ତିଶାଳୀ ଇଶ୍ୱର ବିଦ୍ୟମାନ । ଯଦି ସେ ଏପରି ହୋଇନଥାନ୍ତା ତେବେ ତା ସହିତ ସମ୍ପର୍କ ରଖିଥିବା ଲୋକେ ଜିବୀତ ମରିଯାଆନ୍ତେ । ସେ ଏପରି ଅଜବ ଶକ୍ତିଶାଳୀ ଓ ତାର ପବିତ୍ର ଶକ୍ତି ସମୂହ ଅଜବ ଅଟେ । ଗୋଟିଏ ପଟେ ଅବୋଧ ବିରୋଧିମାନଙ୍କୁ ନିଜ ବନ୍ଧୁମାନଙ୍କ ଉପରେ କୁକୁରଙ୍କ ପରି ନିଯୁକ୍ତ କରିଦେଉଛି ଓ ଗୋଟିଏ ପଟେ ଫରିସ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥାଏ କି ତାଙ୍କର ସେବା କର । ଏହିପରି ଯେବେ ଦୁନିଆ ଉପରେ ତାର କ୍ରୋଧ ବ୍ୟାପିଯାଏ ଓ ତାର ପ୍ରକୋପ ଅତ୍ୟାଚାରୀଙ୍କ ଉପରେ ଜୋସ୍ ମାରିଥାଏ । ସେତେବେଳେ ତାର ଆଖି ତାର ବିଶେଷ ଲୋକମାନଙ୍କ ସୁରକ୍ଷା କରିଥାଏ । ଯଦି ଏପରି ନହୁଅନ୍ତା ତେବେ ସତ୍ୟବାଦୀମାନଙ୍କର କାରଖାନା ଧ୍ୱଂସ ହୋଇଯାଆନ୍ତା ଓ କେହି ତାଙ୍କୁ ଚିହ୍ନିପାରନ୍ତେ ନାହିଁ । ତାର ଶକ୍ତି ଅପାର କିନ୍ତୁ ବିଶ୍ୱାସ ଅନୁସାରେ ଲୋକମାନଙ୍କ ଉପରେ ପ୍ରକଟ ହୋଇଥାଏ ଯାହାଙ୍କୁ ବିଶ୍ୱାସ, ପ୍ରେମ ଓ ତା ପ୍ରତି ଧ୍ୟାନ କରିବା ପ୍ରଦାନ କରାଯାଇଛି ଓ ବିଷୟବାସନାରୁ ତାକୁ ବାହାର କରାଯାଇଛି । ସେମାନଙ୍କ ନିମନ୍ତେ ଅଲୌକିକ ଶକ୍ତି ପ୍ରକଟ ହୋଇଥାଏ । ଇଶ୍ୱର ଯାହା ଚାହାଁନ୍ତି ତାହା କରିଥାନ୍ତି କିନ୍ତୁ ଅଲୌକିକ ଶକ୍ତି ସେ ସେମାନଙ୍କ ପାଇଁ ଦେଖାଇଥାଏ ଯେଉଁମାନେ ଖୁଦାଙ୍କ ନିମନ୍ତେ ନିଜର (କୁ) ଅଭ୍ୟାସକୁ ନିଃଶେଷ କରିଥାନ୍ତି । ଏ ଯୁଗରେ ଏଭଳି ଲୋକେ ବହୁତ କମ୍ ଅଟନ୍ତି ଯିଏ ତାକୁ ଜାଣିଛନ୍ତି ଓ ତାର ଅଲୌକିକ ଶକ୍ତି ଉପରେ ବିଶ୍ୱାସ ରଖିଛନ୍ତି । ବରଂ ଏପରି ଲୋକେ ବହୁତ ଅଛନ୍ତି ଯେଉଁମାନଙ୍କୁ ସେହି ଶକ୍ତିଶାଳୀ ଇଶ୍ୱରଙ୍କ ଉପରେ ବିଶ୍ୱାସ ନାହିଁ, ଯାହାଙ୍କ ଶବ୍ଦକୁ ପ୍ରତ୍ୟେକ ବସ୍ତୁ ଶୁଣିଥାଏ, ଯାହାଙ୍କ ନିକଟରେ କୌଣସି କଥା ଅସମ୍ଭବ ନୁହେଁ । ଏଠାରେ ମନେରଖିବାକୁ ହେବ ଯେ ଯଦିଚ ତାଉନ୍ ଇତ୍ୟାଦି ରୋଗ ନିମନ୍ତେ ଉପଚାର କରିବା ପାପ ନୁହେଁ ବରଂ ଗୋଟିଏ ହଦିସ୍‌ରେ ଆସୁଛି କି ଏପରି କୌଣସି ରୋଗନାହିଁ ଯାହା ପାଇଁ ଔଷଧ ସୃଷ୍ଟି କରିନାହାଁନ୍ତି । କିନ୍ତୁ ମୁଁ ଏକଥାକୁ ପାପ ବୋଲି ମଣୁଛି କି ଇଶ୍ୱରଙ୍କ ସେହି ନିଦର୍ଶନକୁ ଟିକା କରଣ ଦ୍ୱାରା ସଂଶୟପୂର୍ଣ୍ଣ କରିଦେବି, ଯେଉଁ ନିଦର୍ଶନକୁ ସେ ଆମପାଇଁ ପୃଥିବୀରେ ସ୍ପଷ୍ଟ ରୂପେ ପ୍ରକାଶ କରିବାକୁ ଚାହୁଁଛନ୍ତି ଓ ମୁଁ ତାର ସଚ୍ଚା ନିଦର୍ଶନ ଓ ସଚ୍ଚା ପ୍ରତିଶ୍ରୁତିର ଅନାଦର ଓ ଅପମାନ କରି ଟୀକାକରଣ କରିବାକୁ ଚାହୁଁନାହିଁ । ଯଦି ମୁଁ ଏପରି କରେ ତେବେ ଏ ପାପ ଦ୍ୱାରା ମୁଁ ଦଣ୍ଡିତ ହେବି ଅର୍ଥାତ୍ ମୁଁ ଖୁଦାଙ୍କ ସେହି ପ୍ରତିଶ୍ରୁତି ଉପରେ ବିଶ୍ୱାସ ଆଣିବି ନାହିଁ ଯାହା ସେ ମୋ ସହିତ କରିଛନ୍ତି । ଏବଂ ଯଦି ଏପରି ହୁଏ ତେବେ ତ ମୋତେ ଉକ୍ତ ଡାକ୍ତରଙ୍କ ନିକଟରେ କୃତଜ୍ଞ ହେବା ଉଚିତ୍ ହେବ ଯିଏ ଏହି ଟିକାର ଉଦ୍ଭାବନ କରିଛନ୍ତି ନା ଖୁଦାଙ୍କ କୃତଜ୍ଞ ଯିଏ ମୋତେ ପ୍ରତିଶ୍ରୁତି ଦେଇଛନ୍ତି କି ଯିଏ ଏହି ଚାରିକାନ୍ଥ ଭିତରେ ଅଛନ୍ତି ମୁଁ ତାଙ୍କୁ ବଂଚାଇବି । *(କଶ୍‌ତିନୁହ୍ ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୧)*

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ଖୁତ୍‌ବା ଇଦୁଲ୍ ଫିତର୍

ଆଜି ହେଉଛି ଇଦ୍ ଓ ଏହା ଖୁସିର ଦିନ ଅଟେ । ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ଅନୁସାରେ ଆମେ ଏଇଥିପାଇଁ ଖୁସି ମନାଉଛେ କି ଖୁଦାତାଲା ମନୁଷ୍ୟର ପ୍ରକୃତି ଓ ସ୍ୱଭାବକୁ ଦେଖି ଇଦ୍‌ର ଖୁସି ମନାଇବା ପାଇଁ ଦିନ ଧାର୍ଯ୍ୟ କରିଛନ୍ତି । ମଣିଷର ପ୍ରକୃତି ଓ ସ୍ୱଭାବ ଏହା ଚାହେଁ କି ସେ ନିଜ ଲୋକମାନଙ୍କ ସହିତ ଓ ସାଙ୍ଗ ସାଥିମାନଙ୍କ ସହିତ ମିଳିମିଶି ଆନନ୍ଦ ଉତ୍ସବ ପାଳନ କରିବ ଓ ଏପରି ଅବସ୍ଥା ସୃଷ୍ଟି କରିବ ଯେଉଁଥିରେ ତାକୁ ଖୁସି ଓ ଉତ୍ସବ ପାଳନ କରିବା ପାଇଁ ଅବସର ମିଳିପାରିବ । ଏ ଦୁନିଆରେ ଆମେ ଦେଖୁଛେ କି ଅନ୍ୟ ଧର୍ମ ଗୁଡିକରେ ଓ ଅନ୍ୟ ଜାତି ସମୂହରେ ମଧ୍ଯ ଏହି ମନୁଷ୍ୟର ପ୍ରକୃତି ମୁତାବକ ନିଜ ନିଜର ଉତ୍ସବ ପାଳନ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି ।

କିନ୍ତୁ ସେହି ସବୁ ଜାତୀୟ ଧର୍ମରେ ଆନନ୍ଦ ଉତ୍ସବର ଦିନ ଗୁଡିକରେ ଏପରି ସାମୁହିକ ସ୍ୱରୂପ ଦେଖିବାକୁ ମିଳେନାହିଁ । ଯେଉଁ ପ୍ରକାର ସାମୂହିକ ଓ ସାମାଜିକତାର ସ୍ୱରୂପ ଇସ୍‌ଲାମରେ ରଖାଯାଇଛି । ଇସ୍‌ଲାମୀୟ ଇଦ୍ ଓ ଆନନ୍ଦ ଉତ୍ସବର ଦିନରେ ଏହା ଏକ ବିଶେଷତ୍ୱ ରହିଛି କି ସେହି ଇଦ୍ ଦିନ ଇଦ୍‌ର ଖୁତ୍‌ବା ଓ ଇଦ୍‌ର ନମାଜ ମଧ୍ଯ ପଢ଼ାଯାଏ । ଆଁ ହଜ୍‌ରତ୍ ସ:ଆ:ସ ଆମକୁ ଇଦ୍‌ର ଖୁତ୍‌ବା ପଢ଼ି ବତାଇଛନ୍ତି କି ଯେଉଁଠି ଲୋକମାନେ ଇଦ୍‌ର ଖୁସିକୁ ପାଳନ କରିବେ ସେଠାରେ ଖୁଦାତାଲାଙ୍କର କଥା ମଧ୍ଯ ଶୁଣିବେ ଓ ତାର ଉପାସନା କରିବା ନିମନ୍ତେ ଏକତ୍ରିତ ହେବେ ।

ଅଲ୍ଲାଃତାଲା ମନୁଷ୍ୟଙ୍କ ନିମନ୍ତେ ଯେଉଁ ଦୁଇଟି ଦାୟିତ୍ୱ ଅର୍ପଣ କରିଛନ୍ତି ସେହି ଦୁଇଟିର ପରିପ୍ରକାଶ ହେବ । ସେହି ଦୁଇଗୋଟି ଦାୟିତ୍ୱ କଣ ? ଗୋଟିଏ ହେଉଛି ହୁକୁକୁଲ୍ଲାଃ (ଅଲ୍ଲାଃତାଲାଙ୍କର ହକ୍) କୁ ପ୍ରଦାନ କରିବା । ଦ୍ୱିତୀୟଟି ହେଉଛି ହୁକୁକୁଲ୍ ଇବାଦ୍ ଅର୍ଥାତ୍ ଅଲ୍ଲାଃଙ୍କ ସୃଷ୍ଟଜଙ୍କ ଅଧିକାରକୁ ପ୍ରଦାନ କରିବା । ଏବେ ଅଲ୍ଲାଃତାଲାଙ୍କ ଅଧିକାରକୁ ପ୍ରଦାନ କରିବା ପାଇଁ ଆମେ ପ୍ରତ୍ୟହ ଉପାସନା ପ୍ରତି ଧ୍ୟାନ ଦେଇଥାଉ ଓ ପାଂଚବେଳା ଫର୍ଜ୍ ପଢ଼ିଥାଉ । ତେବେ ଇଦ୍‌ଦିନ, ଯାହା ହେଉଛି ଏକ ଖୁସିର ଦିନ, ସେହିଦିନ ଆମେ ଛଅବେଳା ଫର୍ଜ୍ ନମାଜ ପାଠ କରିଥାଉ ।

ଜଣେ ସାଂସାରିକ ବ୍ୟକ୍ତି ଏହାକୁ ଦେଖି କହିବ କି ଏହାତ ଭଲ ଇଦ୍, ଯେଉଁଥିରେ ଆନନ୍ଦ ଉତ୍ସବ ଓ ଖେଳକୁଦ କରିବା ପରିବର୍ତ୍ତେ ନମାଜ ପାଠ କରାଯାଉଅଛି । ପୁଣି ଉପାସନା ପ୍ରତି ଧ୍ୟାନ ଆକର୍ଷଣ କରାଯାଉଛି । କିନ୍ତୁ ଜଣେ ମୋମିନ୍ (ବିଶ୍ୱାସକାରୀ) ଏହା ଭାବିଥାଏ କି ବାସ୍ତିବିକ ଆନନ୍ଦ ଓ ଖୁସି ଏଥିରେ ଅଛି, ଏବେ ଅଲ୍ଲାଃତାଲାଙ୍କର ଉପାସନା କରାଯିବ ଓ ତାର କୃତଜ୍ଞତା ଜ୍ଞାପନ କରାଯିବ । ସେ ଆମକୁ ଏ ଅବସର ପ୍ରଦାନ କରିଛନ୍ତି କି ଆମେ ତାର ଉପାସନା କରିବା ସହିତ ତାର ହକ୍‌କୁ ମଧ୍ଯ ପ୍ରଦାନ କରିବା ଓ ତାର ମଖ୍‌ଲୁକ୍ (ସୃଷ୍ଟଜ)ଙ୍କର ମଧ୍ଯ ହକ୍ ପ୍ରଦାନ କରିବା । ତତ୍ ସହିତ ନିଜର ଖୁସି ଓ ଆନନ୍ଦ ଉତ୍ସବକୁ ମଧ୍ଯ ନିଜ ସାଙ୍ଗ ସାଥି ମାନଙ୍କ ସହିତ ମିଳିମିଶି ପାଳନ କରିବା ।

## ଖୁତ୍‌ବା ଇଦୁଲ୍ ଫିତର୍ : ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]

**(ପ୍ରଦତ୍ତ: ୨୬ ଜୁନ୍ ୨୦୧୭ ଅନୁଯାୟୀ ୨୬ ଏହ୍‌ଶାନ୍ ୧୩୯୬ ହିଜ୍‌ରି ଶମ୍‌ସି) ସ୍ଥାନ-ମସ୍‌ଜିଦ୍ ବଇତୁଲ୍ ଫୁତୁହ୍, ଲଣ୍ଡନ୍, ୟୁ.କେ**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ
وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ-
بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ الرَّحْمٰنِ الرَّحِيْمِ
مٰلِكِ يَوْمِ الدِّيْنِ إِيَّاكَ نَعْبُدُ وَإِيَّاكَ نَسْتَعِيْنُ
إِهْدِنَا الصِّرَاطَ الْمُسْتَقِيْمَ صِرَاطَ الَّذِيْنَ
أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ

ଆଜି ହେଉଛି ଇଦ୍ ଓ ଏହା ଖୁସିର ଦିନ ଅଟେ । ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ଅନୁସାରେ ଆମେ ଏଇଥିପାଇଁ ଖୁସି ମନାଉଛେ କି ଖୁଦାତାଲା ମନୁଷ୍ୟର ପ୍ରକୃତି ଓ ସ୍ୱଭାବକୁ ଦେଖି ଇଦ୍‌ର ଖୁସି ମନାଇବା ପାଇଁ ଦିନ ଧାର୍ଯ୍ୟ କରିଛନ୍ତି । ମଣିଷର ପ୍ରକୃତି ଓ ସ୍ୱଭାବ ଏହା ଚାହେଁ କି ସେ ନିଜ ଲୋକମାନଙ୍କ ସହିତ ଓ ସାଙ୍ଗ ସାଥିମାନଙ୍କ ସହିତ ମିଳିମିଶି ଆନନ୍ଦ ଉତ୍ସବ ପାଳନ କରିବ ଓ ଏପରି ଅବସ୍ଥା ସୃଷ୍ଟି କରିବ ଯେଉଁଥିରେ ତାକୁ ଖୁସି ଓ ଉତ୍ସବ ପାଳନ କରିବା ପାଇଁ ଅବସର ମିଳିପାରିବ । ଏ ଦୁନିଆରେ ଆମେ ଦେଖୁଛେ କି ଅନ୍ୟ ଧର୍ମ ଗୁଡିକରେ ଓ ଅନ୍ୟ ଜାତି ସମୂହରେ ମଧ୍ଯ ଏହି ମନୁଷ୍ୟର ପ୍ରକୃତି ମୁତାବକ ନିଜ ନିଜର ଉତ୍ସବ ପାଳନ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି । କିନ୍ତୁ ସେହି ସବୁ ଜାତୀୟ ଧର୍ମରେ ଆନନ୍ଦ ଉତ୍ସବର ଦିନ ଗୁଡିକରେ ଏପରି ସାମୁହିକ ସ୍ୱରୂପ ଦେଖିବାକୁ ମିଳେନାହିଁ । ଯେଉଁ ପ୍ରକାର ସାମୂହିକ ଓ ସାମାଜିକତାର ସ୍ୱରୂପ ଇସ୍‌ଲାମରେ ରଖାଯାଇଛି । ଇସ୍‌ଲାମୀୟ ଇଦ୍ ଓ ଆନନ୍ଦ ଉତ୍ସବର ଦିନରେ ଏହା ଏକ ବିଶେଷତ୍ୱ ରହିଛି କି ସେହି ଇଦ୍ ଦିନ ଇଦ୍‌ର ଖୁତ୍‌ବା ଓ ଇଦ୍‌ର ନମାଜ ମଧ୍ଯ ପଢ଼ାଯାଏ । ଆଁ ହଜ୍‌ରତ୍ ସ:ଆ:ସ ଆମକୁ ଇଦ୍‌ର ଖୁତ୍‌ବା ପଢ଼ି ବତାଇଛନ୍ତି କି ଯେଉଁଠି ଲୋକମାନେ ଇଦ୍‌ର ଖୁସିକୁ ପାଳନ କରିବେ ସେଠାରେ ଖୁଦାତାଲାଙ୍କର କଥା ମଧ୍ଯ ଶୁଣିବେ ଓ ତାର ଉପାସନା କରିବା ନିମନ୍ତେ ଏକତ୍ରିତ ହେବେ । ଅଲ୍ଲାଃତାଲା ମନୁଷ୍ୟଙ୍କ ନିମନ୍ତେ ଯେଉଁ ଦୁଇଟି ଦାୟିତ୍ୱ ଅର୍ପଣ କରିଛନ୍ତି ସେହି ଦୁଇଟିର ପରିପ୍ରକାଶ ହେବ । ସେହି ଦୁଇଗୋଟି ଦାୟିତ୍ୱ କଣ ? ଗୋଟିଏ ହେଉଛି ହୁକୁକୁଲ୍ଲାଃ (ଅଲ୍ଲାଃତାଲାଙ୍କର ହକ୍) କୁ ପ୍ରଦାନ କରିବା । ଦ୍ୱିତୀୟଟି ହେଉଛି ହୁକୁକୁଲ୍ ଇବାଦ୍ ଅର୍ଥାତ୍ ଅଲ୍ଲାଃଙ୍କ ସୃଷ୍ଟଜଙ୍କ ଅଧିକାରକୁ ପ୍ରଦାନ କରିବା । ଏବେ ଅଲ୍ଲାଃତାଲାଙ୍କ ଅଧିକାରକୁ ପ୍ରଦାନ କରିବା ପାଇଁ ଆମେ ପ୍ରତ୍ୟହ ଉପାସନା ପ୍ରତି ଧ୍ୟାନ ଦେଇଥାଉ ଓ ପାଂଚବେଳା ଫର୍ଜ୍ ପଢ଼ିଥାଉ । ତେବେ ଇଦ୍‌ଦିନ, ଯାହା ହେଉଛି ଏକ ଖୁସିର ଦିନ, ସେହିଦିନ ଆମେ ଛଅବେଳା ଫର୍ଜ୍ ନମାଜ ପାଠ କରିଥାଉ । ଜଣେ ସାଂସାରିକ ବ୍ୟକ୍ତି ଏହାକୁ ଦେଖି କହିବ କି ଏହାତ ଭଲ ଇଦ୍, ଯେଉଁଥିରେ ଆନନ୍ଦ ଉତ୍ସବ ଓ ଖେଳକୁଦ କରିବା ପରିବର୍ତ୍ତେ ନମାଜ ପାଠ କରାଯାଉଅଛି । ପୁଣି ଉପାସନା ପ୍ରତି ଧ୍ୟାନ ଆକର୍ଷଣ କରାଯାଉଛି । କିନ୍ତୁ ଜଣେ ମୋମିନ୍ (ବିଶ୍ୱାସକାରୀ) ଏହା ଭାବିଥାଏ କି ବାସ୍ତିବିକ ଆନନ୍ଦ ଓ ଖୁସି ଏଥିରେ ଅଛି, ଏବେ ଅଲ୍ଲାଃତାଲାଙ୍କର ଉପାସନା କରାଯିବ ଓ ତାର କୃତଜ୍ଞତା ଜ୍ଞାପନ କରାଯିବ । ସେ ଆମକୁ ଏ ଅବସର ପ୍ରଦାନ କରିଛନ୍ତି କି ଆମେ ତାର ଉପାସନା କରିବା ସହିତ ତାର ହକ୍‌କୁ ମଧ୍ଯ ପ୍ରଦାନ କରିବା ଓ ତାର ମଖ୍‌ଲୁକ୍ (ସୃଷ୍ଟଜ)ଙ୍କର ମଧ୍ଯ ହକ୍ ପ୍ରଦାନ କରିବା । ତତ୍ ସହିତ ନିଜର ଖୁସି ଓ ଆନନ୍ଦ ଉତ୍ସବକୁ ମଧ୍ଯ ନିଜ ସାଙ୍ଗ ସାଥି ମାନଙ୍କ ସହିତ ମିଳିମିଶି ପାଳନ କରିବା ।

ସେହିଦିନ ଯେବେ କି ଆମ ଉପରେ ଛଅଗୋଟି ନମାଜ ଧାର୍ଯ୍ୟ କରାଯାଇଛି । ତତ୍ ସହିତ ଯେପରି କି ଏହା ଆମେ ଜାଣିଛେ କି ଆମେ ସୁରା ଫାତିହା ମଧ୍ଯ ଅଧିକା ପଢ଼ିଥାଉ । ପ୍ରତ୍ୟେକ ନମାଜରେ ସୁରା ଫାତିହା ପଢ଼ିବା ଅନିର୍ବାର୍ଯ୍ୟ ଅଟେ । ପ୍ରତ୍ୟେକ ରେକାତ୍ ମଧ୍ଯ ପଢ଼ିବା ଜରୁରୀ ଅଟେ । ଓ ସୁରା ଫାତିହାରେ ଆମେ ଯେବେ ଅଲ୍‌ହମ୍‌ଦୋ ଲିଲ୍ଲାହେ ରବ୍‌ବିଲ୍ ଆଲମିନ୍ କହିଥାଉ ଓ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିଥାଉ । ଏଥିରେ ଅଲ୍ଲାଃତାଲାଙ୍କର୍ ହମ୍‌ଦ୍(ପ୍ରଶଂସା ଗାନ)ଅଛି, ତସ୍‌ବିହ୍ (ଗୁଣଗାନ) ଅଛି ଓ ତହ୍‌ମିଦ୍ ଅଛି । ସାଧାରଣ ଦିନ ଗୁଡିକରେ ଫର୍ଜ୍ ନମାଜ ଓ ସୁନ୍ନତ୍ ନମାଜରେ ୩୨ ଥର ସୁରା ଫାତିହା ପଢ଼ିଥାଉ । ଅର୍ଥାତ୍ ଅଲ୍‌ହମ୍‌ଦୋଲିଲ୍ଲାହେ ରବ୍‌ବିଲ୍ ଆଲମିନ୍ କହିଥାଉ ଓ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିଥାଉ । କିନ୍ତୁ ଇଦ୍‌ଦିନ ଆମେ ୩୪ ଥର ଅଲ୍‌ହମ୍‌ଦୋଲିଲ୍ଲାହେ ରବ୍‌ବିଲ୍ ଆଲମିନ୍ କହିଥାଉ ଓ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିଥାଉ । ଏବଂ ଯେଉଁମାନେ ନଫିଲ୍ ନମାଜ ପାଠ କରନ୍ତି ସେମାନେ ଆହୁରି ଅଧିକ ମଧ୍ଯ ପଢ଼ିଥାନ୍ତି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ‘‘ଅଲ୍‌ହମ୍‌ଦୋଲିଲ୍ଲାହେ ଶବ୍ଦରେ ମୁସଲ୍‌ମାନ୍ ମାନଙ୍କୁ ଏ ଶିକ୍ଷା ଦିଆଯାଇଅଛି କି ଯେବେ ତାଙ୍କୁ ପ୍ରଶ୍ନ କରାଯାଏ ବା ତାଙ୍କୁ ପଚରାଯାଏ କି ସେମାନଙ୍କର ମାବୁଦ୍ (ପୂଜାର ଉପାସ୍ୟ) କିଏ ବୋଲି ତେବେ ପ୍ରତ୍ୟେକ ମୁସଲ୍‌ମାନ୍‌ଙ୍କ ଉପରେ ଏହା ଧାର୍ଯ୍ୟ ଅଟେ କି ସେ ଏ ଉତର ଦେବ କି ମୋର ମାବୁଦ୍ ହେଉଛନ୍ତି ସେ ଯାହାଙ୍କ ନିମନ୍ତେ ସମସ୍ତ ପ୍ରଶଂସା ରହିଛି ଓ କୌଣସି ପ୍ରକାର ବା କୌଣସି ପୁର୍ଣ୍ଣତା ଓ ଶକ୍ତି ଏପରି ନାହିଁ ଯାହା ତା ନିକଟରେ ନଥିବ’’ । (ତଫସିର ହଜ୍‌ରତ୍ ମସିହ୍ ମଉଦ୍, ପ୍ରଥମ ଖଣ୍ଡ, ପୃଷ୍ଠା-୮୨, ହାସିୟା) ଅର୍ଥାତ୍ ପ୍ରତ୍ୟେକ ପ୍ରକାରର ପୁର୍ଣ୍ଣତା ଓ ଶକ୍ତି ଅଲ୍ଲାଃତାଲାଙ୍କ ନିକଟରୁ ହିଁ ପ୍ରମାଣିତ ବା ତା ନିମନ୍ତେ ହିଁ ଉଦ୍ଦିଷ୍ଟ ।

ପୁଣି ଅଲ୍‌ହମ୍‌ଦୋଲିଲ୍ଲାଃ କୁ ଆହୁରି ଅଧିକ ସ୍ପଷ୍ଟ କରି କହୁଛନ୍ତି- ଗୋଟିଏ ସ୍ଥାନରେ ସୁରା ଫାତିହା ସମ୍ବନ୍ଧରେ ଆପଣ ଆ:ସ କହୁଛନ୍ତି କି ‘‘ଅଲ୍‌ହମ୍‌ଦୋଲିଲ୍ଲାଃ.....ଯାହାର ଅର୍ଥ ହେଉଛି କି ପ୍ରତ୍ୟେକ ପ୍ରକାରର ପ୍ରଶଂସା ଓ ଗୁଣଗାନ ତା ପାଇଁ ଅଟେ ଯିଏ ହେଉଛନ୍ତି ମୁସଲ୍ଲମ । ଅର୍ଥାତ୍ ଯାହାଙ୍କ ନାମ ହେଉଛି ଅଲ୍ଲାଃ ଓ ଅଲହମ୍‌ଦୋଲିଲ୍ଲାଃ ଶବ୍ଦଟି ସେଥିଯୋଗୁ ଆରମ୍ଭ କରାଯାଇଛି କି ଏହାର ଅସଲ ଅର୍ଥ ଏହା କି ଖୁଦାତାଲାଙ୍କର ଉପାସନା ଆତ୍ମାର ଜୋସ୍ ମନର ଆକର୍ଷଣ ଦ୍ୱାରା ହେଉ’’ । ଇବାଦତ୍ (ଉପାସନା) କେବଳ ବାହ୍ୟ ଆକାରରେ ବା ମୁଣ୍ଡରୁ ବୋଝ ଓହ୍ଲାଇ ଦେବାପାଇଁ ନହେଉ ବରଂ ରୁହ୍ (ଆତ୍ମା) ର ଉତ୍ସାହ ଓ ମନରେ ଉପାସନା କରିବା ପ୍ରତି ଏକ ଆକର୍ଷଣ ସୃଷ୍ଟି ହେଉ । ପୁଣି କହୁଛନ୍ତି- ‘‘ଏପରି ଆକର୍ଷଣ ଯାହା ପ୍ରେମରେ ପରିପୂର୍ଣ୍ଣ ଥିବ ଓ ତାହା ଆଉ କାହାପାଇଁ ମନରେ କଦାପି ଜାଗ୍ରତ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ଏହା ପ୍ରମାଣିତ ନହୋଇଯାଇଛି କି ସେହି ବ୍ୟକ୍ତିଜଣକ ଏପରି ସମ୍ପୂର୍ଣ୍ଣ ଗୁଣର ଅଧିକାରୀ ବୋଲି ଓ ଯାହାଙ୍କ ସହିତ ସାକ୍ଷାତ୍ କରିବା ପରେ ଏ ମନ ସ୍ୱତଃପ୍ରୃତ ଭାବେ ପ୍ରଶଂସା କରିବାକୁ ଲାଗିଯାଏ’’ । ଯଦି ମଣିଷ ଚିନ୍ତା କରିବ ତେବେ ଅଲ୍ଲାଃତାଲାଙ୍କର ଏହି ଅସ୍ତିତ୍ୱ ନିମନ୍ତେ ତା ହୃଦୟରୁ ହିଁ ବାସ୍ତବିକ ପ୍ରଶଂସା ବାହାରିପାରିବ । କାରଣ ସେହିଁ ସମସ୍ତ ଉତମ ଗୁଣର ସମାହାର ଅଟନ୍ତି । ପୁଣି କହୁଛନ୍ତି- ‘‘ଓ ଏହା ତ ସମ୍ପୂର୍ଣ୍ଣ ରୂପେ ସ୍ପଷ୍ଟ ଅଟେ କି ସମ୍ପୂର୍ଣ୍ଣ ପ୍ରଶଂସା ଦୁଇଗୋଟି ସୁଗୁଣ ପାଇଁ ହୋଇଥାଏ । ଗୋଟିଏ ହେଉଛି କମାଲେ ହୁସୁଲ୍ (ପୁର୍ଣ୍ଣ ସୌନ୍ଦର୍ଯ୍ୟ) ଏବଂ ଦ୍ୱିତୀୟଟି ହେଉଛି କମାଲେ ଏହ୍‌ସାନ୍ (ପୁର୍ଣ୍ଣ ଅନୁଗ୍ରହ)’’ । ଯଦି ଏହି ଦୁଇଟିଯାକ କାହା ପାଖରେ ଥାଏ ତେବେ ତାର ପ୍ରଶଂସା କରାଯାଇପାରିବ । ଗୋଟିଏ ହେଉଛି ତାର ସୌନ୍ଦର୍ଯ୍ୟ ଓ ଅନ୍ୟଟି ହେଉଛି ତାର ଅନୁଗ୍ରହ । ତେବେ ଯାଇ ମଣିଷ ତାର ପ୍ରଶଂସା ଗାନ କରିଥାଏ ଓ ତାର କୃତଜ୍ଞତା ଜ୍ଞାପନ କରିଥାଏ । ପୁଣି କହିଲେ- ‘‘ଯଦି କାହା ନିକଟରେ ଉକ୍ତ ଦୁଇଗୋଟି ଗୁଣ ବିଶେଷ ଏକତ୍ର ଥାଏ ତେବେ ତା ପାଇଁ ତାର ମନ ଉତ୍ସର୍ଗ ହୁଏ ଓ ପବିତ୍ର କୋରାନ୍‌ର ବଡ଼ ଅର୍ଥ ହେଉଛି ଏହା କି ଖୁଦାତାଲା ଏହି ଦୁଇ ପ୍ରକାର ବିଶେଷ ସୁଗୁଣକୁ ସତ୍ୟକୁ ଅନ୍ୱେଷଣ କରୁଥିବା ଲୋକମାନଙ୍କ ଉପରେ ପ୍ରକଟ କରିଥାଏ । ଯଦ୍ୱାରା ଅଲ୍ଲାଃତାଲାଙ୍କ ପ୍ରତି ଲୋକଙ୍କର ଏକ ବିଶେଷ ଆକର୍ଷଣ, ଜୋସ୍ ଓ ପ୍ରେମଭାବ ଜାଗ୍ରତ ହୋଇଥାଏ । ପୁଣି କହିଲେ- ‘‘ଆତ୍ମାର ଉତ୍ସାହ ଓ ଆକର୍ଷଣ ଦ୍ୱାରା ତାର ଉପାସନା କରନ୍ତୁ’’ । (ଅୟାମେ ସୁଲାହ୍, ରୁହାନି ଖଜାଏନ୍, ଖଣ୍ଡ-୧୪, ପୃଷ୍ଠା-୨୪୭)

ପୁଣି ଆପଣ ଆ:ସ କହୁଛନ୍ତି- ଯେବେକି ଅଲ୍ଲାଃତାଲା ହେଉଛନ୍ତି ସମସ୍ତ ସମ୍ପୂର୍ଣ୍ଣ ବିଶେଷ ଗୁଣର ସମାହାର । ସେଥିପାଇଁ ସବୁ ପ୍ରକାରର ଉତମ ଗୁଣ ତା ଠାରେ ହିଁ ମିଳିଥାଏ । ଓ ତାହାଦ୍ୱାରା ତାର ସୌନ୍ଦର୍ଯ୍ୟ ପ୍ରକାଶ୍ୟ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

## ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃଙ୍କ ସହିତ ଆଁ ହଜ୍‌ରତ୍ ସ:ଆ:ସଙ୍କର ଥିବା ପ୍ରେମ ଓ ସ୍ନେହର ବିଶ୍ୱାସ ବର୍ଦ୍ଧକ ଘଟଣାବଳୀର ଚର୍ଚ୍ଚା ।

## ହଜୁର୍ ଅକ୍‌ରମ୍ ସ:ଆ:ସଙ୍କ ପ୍ରାର୍ଥନାରୁ ତାଙ୍କ ବଗିଚାର ଫଳରେ ଅସାଧାରଣ ରୂପେ ବର୍‌କତ୍ ଓ କରଜ ପ୍ରଦାନ ନିମନ୍ତେ ବିଶେଷ ରୂପେ ଧ୍ୟାନ ଦେବା ପାଇଁ ତାଗିଦ୍ ।

## ମୋକରମ୍ ବିଲାଲ୍ ଅଦ୍‌ଲବି ସାହେବ ଅଫ୍ ସିରିଆ ଏବଂ ମୋକରମା ସଲିମା ମିର୍ ସାହିବା ପୂର୍ବତନ ସଦର ଲଜ୍‌ନା ଇମାଇଲ୍ଲାଃ କରାଚିଙ୍କ ଦେହାନ୍ତ । ମର୍‌ହୁମିନ୍ (ମୃତକ)ଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ।

**ଖୁଲାସା ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]**
**(ପ୍ରଦତ୍ତ: ୩୦ ମାର୍ଚ୍ଚ ୨୦୧୮ ଅନୁଯାୟୀ ୩୦ ଅମାନ୍ ୧୩୯୭ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ହଜରତ ମହମ୍ମଦ ସ.ଆଙ୍କ ଜଣେ ସାହାବି ଥିଲେ ହଜରତ ଜାବିର ବିନ୍ ଅବ୍‌ଦୁଲ୍ଲାଃ । ସେ ହଜରତ ଅବଦୁଲ୍ଲାଃ ବିନ୍ ଉମର ବିନ୍ ହରାମଙ୍କ ପୁତ୍ର ଥିଲେ । ଅବଦୁଲ୍ଲାଃ ବିନ୍ ଉମର ବିନ୍ ହରାମ ସେହି ସାହାବା ଅଟନ୍ତି ଯାହାଙ୍କ ଚର୍ଚ୍ଚା କିଛି ଜୁମା, ପୂର୍ବରୁ ମୁଁ ଜିକର୍ (ଅଲ୍ଲାଃଙ୍କ ଗୁଣଗାନ) କରିବା ସମ୍ବନ୍ଧରେ ବର୍ଣ୍ଣନା କରିଥିଲି କି ତାଙ୍କ ଶହିଦ ହେବା ପରେ ହଜୁର ସ.ଆ କହିଲେ- ଅଲ୍ଲାଃତାଲା ତାଙ୍କୁ ପଚାରିଲେ କି ତୁମର କ'ଣ କାମନା ରହିଛି କୁହ? ମୁଁ ତୁମ ମନବାଞ୍ଛା ପୂରଣ କରିବି ସେତେବେଳେ ସେ କହିଥିଲେ ହେ ଅଲ୍ଲାଃ! ମୋତେ ପୁନର୍ବାର ଜୀବିତ କରି ସଂସାରକୁ ଫେରାଇଦିଅ, ମୁଁ ପୁନର୍ବାର ତୁମ ମାର୍ଗରେ ଶହିଦ ହେବାକୁ ଚାହେଁ । **ଅଲ୍ଲାଃତାଲା ଉତର ଦେଲେ ଏହା ସମ୍ଭବ ନୁହେଁ କାରଣ ମୃତ୍ୟୁବରଣ କରିଥିବା ବ୍ୟକ୍ତି ପୁନର୍ବାର ସଂସାରକୁ ଫେରିନଥାଏ ।** ତେବେ ଏଥିରୁ ତାଙ୍କ ବଳିଦାନର ସ୍ତର ଏବଂ ଅଲ୍ଲାଃଙ୍କର ତାଙ୍କ ସହ ଅଭୂତପୂର୍ବ ବ୍ୟବହାରର ସନ୍ଧାନ ମିଳୁଅଛି । ହଜରତ ଜାବିର ବିନ୍ ଅବଦୁଲ୍ଲାଃ ବାଲ୍ୟାବସ୍ଥାରେ ହିଁ ବୟତେ ଉକବା ସାନିୟା ସମୟରେ ବୟତ କରିଥିଲେ । ହଜରତ ଅବଦୁଲ୍ଲାଃ ବିନ୍ ଉମର ବିନ୍ ହରାମଙ୍କ ଜୀବନ ଚର୍ଚ୍ଚାରେ ଏହା ମଧ୍ୟ ଆଲୋଚନା ହୋଇଥିଲା କି ସେ ନିଜ ପୁତ୍ରଙ୍କୁ କହିଥିଲେ କି ମୁଁ ଜଣେ ଯହୁଦିଙ୍କ ଠାରୁ କରଜ ଆଣିଛି ଆମ ବଗିଚାର ଫଳ ବିକ୍ରି କରି ତାର ଋଣ ପରିଶୋଧ କରିଦେବ । ସେ ଉକ୍ତ ଋଣ ପରିଶୋଧ କରିଥିଲେ, ସେତେବେଳେ ଏହି ପ୍ରଥା ପ୍ରଚଳିତ ଥିଲା କି ବଗିଚା ଓ ଫସଲ ବନ୍ଧା ରଖି ଲୋକେ କରଜ ନେଉଥିଲେ । ହଜରତ ଜାବିର ମଧ୍ୟ ନିଜ ଖର୍ଚ୍ଚ ବହନ କରିବା ନିମନ୍ତେ କରଜ ନିଅନ୍ତି ।

ହଜରତ ଜାବିର ବିନ୍ ଅବଦୁଲ୍ଲାଃ କୁହନ୍ତି ମଦିନାରେ ଜଣେ ଯହୁଦି ଥିଲା ଯେ ମୋ ଖଜୁର ବଗିଚାର ଫଳ ଅମଳ ହେବା ପର୍ଯ୍ୟନ୍ତ ମୋତେ କରଜ ଦେଉଥିଲେ । ଏକଦା ବର୍ଷ ବିତିଗଲା କିନ୍ତୁ ବଗିଚାରେ ଫଳ ଭଲ ଆସିଲା ନାହିଁ । କିନ୍ତୁ ଉକ୍ତ ଯହୁଦି ଜଣକ ପ୍ରତିବର୍ଷ ପରି କରଜ ଆଦାୟ କରିବାକୁ ଆସିଗଲେ । ମୁଁ ତାଙ୍କୁ ଆଉ ଏକ ବର୍ଷ ସମୟ ମାଗିଲି କିନ୍ତୁ ସେ ମନା କରିଦେଲେ । ଏହି ଖବର ହଜୁର ସ.ଆଙ୍କ ନିକଟରେ ପହଂଚିଲା, ହଜୁର ସାହାବାଙ୍କୁ କହିଲେ ଚାଲ ଆମେ ଜାବିରଙ୍କ ପାଇଁ ଯହୁଦିକୁ ସମୟ ମାଗିବା । ହଜୁର କିଛି ସାହାବାଙ୍କ ସହିତ ମୋ ବଗିଚାକୁ ଆସିଲେ ଏବଂ ଯହୁଦିଙ୍କ ସହିତ କଥା ହେଲେ କିନ୍ତୁ ଯହୁଦି ଜଣକ କହିଲା ହେ ଅବୁ କାସିମ୍! ମୁଁ ତାକୁ ଆଉ ସମୟ ଦେବି ନାହିଁ । ଯହୁଦିର ଏପରି ଆଚରଣ ଦେଖି ଆପଣ ଗଛଗୁଡ଼ିକର (ସର୍ବେକ୍ଷଣ) କରି ଏକ ଚକର ଲଗାଇ ଆସି ପୁନର୍ବାର ଯହୁଦି ସହିତ କଥାହେଲେ କିନ୍ତୁ ସେ ପୁନର୍ବାର ମନା କରିଦେଲା । ଜାବିର୍ କୁହନ୍ତି ଏହି ସମୟରେ ମୁଁ ହଜୁର ସ.ଆଙ୍କ ସତ୍କାର ପୂର୍ବକ ବଗିଚାରୁ କିଛି ଫଳ ତୋଳିଆଣି ଆପଣଙ୍କ ସମ୍ମୁଖରେ ରଖିଲି ଯାହାକି ହଜୁର ସେବନ କଲେ । ହଜୁର କହିଲେ ଜାବିର ବଗିଚାରେ ତୁମ କୁଡ଼ିଆ କେଉଁଠି ଅଛି? ମୁଁ ସେଥିସମ୍ବନ୍ଧରେ ଅବଗତ କରେଇବାରୁ ହଜୁର କହିଲେ ମୋ ପାଇଁ ସେଠାରେ ଚଟାଇ ବିଛାଅ, ମୁଁ ସେଠାରେ କିଛି ମସୟ ବିଶ୍ରାମ କରିବାକୁ ଚାହେଁ । ସେ କୁହନ୍ତି ମୁଁ ଅଦେଶର ପାଳନ କଲି । ଆପଣ ସେଠାରେ ବିଶ୍ରାମ କଲେ । ନିଦରୁ ଉଠିବା କ୍ଷଣି ମୁଁ ମୁଠାଏ ଖଜୁର ନେଇ ହଜୁର ଆ.ସଙ୍କ ସମ୍ମୁଖରେ (ପୁନର୍ବାର) ଉପସ୍ଥିତ ହୋଇଗଲି । ଆପଣ ସେଥିମଧ୍ୟରୁ କିଛି ସେବନ କଲେ ଏବଂ ଛିଡ଼ା ହୋଇ ଯହୁଦି ସହିତ କଥା ହେଲେ କିନ୍ତୁ ତେବେ ମଧ୍ୟ ସେ ରାଜି ହେଲା ନାହିଁ । ଆପଣ ପୁଣି ବଗିଚାରେ ବୁଲି ଆସିଲେ ଏବଂ ମୋତେ କହିଲେ ଜାବିର୍ ଗଛରୁ ଫଳ ତୋଳିବା ଆରମ୍ଭ କର ଏବଂ ଯହୁଦିର କରଜ ପରିଶୋଧ କର । ମୁଁ ଫଳ ତୋଳିବା ଆରମ୍ଭ କରିଦେଲି ଏହି ସମୟରେ ଆପଣ ଗଛ ମୂଳେ ଛିଡ଼ା ହୋଇରହିଲେ । **ସେ କୁହନ୍ତି ମୁଁ ଫଳ ତୋଳି ଯହୁଦିର ସମସ୍ତ କରଜ ପରିଶୋଧ କରିଦେଲି, ତା'ପରେ ମଧ୍ୟ ଆହୁରି କିଛି ଫଳ ବଂଚିଗଲା । ମୁଁ ଏହି ସୁସମ୍ବାଦ ହଜୁର ସ.ଆଙ୍କୁ ଦେଲି ଏଥିରେ ହଜୁର କହିଲେ ମୁଁ ସାକ୍ଷୀ ଦେଉଅଛି କି ମୁଁ ଅଲ୍ଲାଃଙ୍କ ରସୁଲ ଅଟେ ।**

ହଜୁର ଅନଓ୍ୱର ଅ.ବ କହିଲେ- ଅତଃ ଯେଉଁସ୍ଥଳେ ଏହି ଘଟଣାରେ ହଜୁର ସ.ଆଙ୍କ ଦୟା ଓ ଦୁଆ ସ୍ୱୀକାର ହେବା ଯୋଗୁଁ ଫଳରେ ଅଭୂତପୂର୍ବ ବରକତ୍ ହେବାର ଆମେ ଦେଖୁଅଛେ ସେଠାରେ କରଜ ପରିଶୋଧ କରିବା ପ୍ରତି ବ୍ୟାକୁଳତା ସ୍ପଷ୍ଟ ପରିଲକ୍ଷିତ ହେଉଅଛି । ସୁତରାଂ ଏହି ଆତ୍ମା ଜଣେ ପ୍ରକୃତ ମୋମିନ୍‌ର ବିଶେଷତ୍ୱ ହେବା ଉଚିତ୍ । କିଛି ଲୋକ ଅହେମଦି ହେବା ପରେ ମଧ୍ୟ ଏକଥା ଚିନ୍ତା କରିନଥାନ୍ତି ଏବଂ କରଜ ପରିଶୋଧ କରିବା ମାମଲାରେ ଦିନ ଗଡ଼ାଇ ଚାଲିଥାନ୍ତି, ଏପରିକି ବର୍ଷ ବର୍ଷ ବିତି ଯାଇଥାଏ ଶେଷରେ ମୁକଦ୍ଦମାର ମଧ୍ୟ ସମ୍ମୁଖୀନ ହୋଇଥାନ୍ତି । ଅତଃ ଆମକୁ ସର୍ବଦା ହଜରତ ମସିହ ମଉଦ ଆ.ସଙ୍କ ଏହି ଉପଦେଶ ମନେରଖିବା ଉଚିତ୍ କି ମୋ ବୟତ କରିବା ପରେ ସାହାବାମାନଙ୍କ ନମୁନାକୁ ନିଜ ଉପରେ ଲାଗୁ କର ତେବେଯାଇ ସେହି ସୌନ୍ଦର୍ଯ୍ୟମୟ ପରିବେଶ ସୃଷ୍ଟି ହୋଇପାରିବ ଯାହାକି ମେହେଦି ଓ ମହିହଙ୍କ ଆସିବା ପରେ ପ୍ରତିଷ୍ଠା ହେବା ଧାର୍ଯ୍ୟ ଥିଲା

କରଜ ପରିଶୋଧ କରିବା ସମ୍ବନ୍ଧରେ ହଜରତ ଜାବିର ର.ଅଙ୍କର ଏକ ବର୍ଣ୍ଣନା ରହିଛି କି ଜଣେ ସାହାବିଙ୍କ ଉପରେ ଦୁଇ ଦିନାର୍ କରଜ ଥିଲା କିନ୍ତୁ ଦୁର୍ଭାଗ୍ୟବଶତଃ ତାହା ପରିଶୋଧ କରିବା ପୂର୍ବରୁ ହିଁ ତାଙ୍କର ଦେହାନ୍ତ ଘଟିଲା । ହଜୁର ସ.ଆ ତାଙ୍କ ଜନାଯାଃ ପଢାଇବାକୁ ମନାକରିଦେଲେ ଏଥିରେ ଅନ୍ୟ ଜଣେ ସାହାବି କହିଲେ ମୁଁ କରଜ ପରିଶୋଧ କରିବାର ଦାୟିତ୍ୱ ବହନ କରୁଅଛି ସେତେବେଳେଯାଇ ହଜୁର ସ.ଆ ତାଙ୍କର ଜନାଯାଃ ପଢାଇଲେ ଏବଂ ତାହା ପରଦିନ ଉକ୍ତ ବ୍ୟକ୍ତିଙ୍କୁ ପଚାରିଲେ କି ତୁମେ ସେହି ଦୁଇ ଦିନାର ପରିଶୋଧ କରିଦେଲ କି ନାହିଁ? ଅତଃ ହଜୁର ସ.ଆ କରଜ ପରିଶୋଧ କରିବାକୁ ଏଭଳି ଗୁରୁତ୍ୱ ଦେଇଛନ୍ତି ଏବଂ ସେଥିପ୍ରତି ଚିନ୍ତିତ ରହିବା ମଧ୍ୟ ଆବଶ୍ୟକ । କିନ୍ତୁ ହଜରତ ଜାବିରଙ୍କ ଠାରୁ ବର୍ଣ୍ଣନା ମିଳୁଅଛି କି ହଜରତ ମହମ୍ମଦ ସ.ଆ କହିଲେ ଯଦି କୌଣସି ମୋମିନ୍ ସମ୍ପତି ଛାଡ଼ିଯାଏ ତେବେ ତାହାର ପରିବାରବର୍ଗଙ୍କୁ ମିଳିଥାଏ ଏବଂ ଯଦି କେହି କରଜ ଛାଡ଼ିଯାଏ ଏବଂ ଯେଉଁ ସମ୍ପତି ଛାଡ଼ିଯାଇଥାଏ ସେଥିରେ ସମ୍ପୂର୍ଣ୍ଣ ପରିଶୋଧ ହୋଇପାରି ନପାରେ କିମ୍ବା ଅନାଥ ସନ୍ତାନ ଛାଡ଼ିଯାଏ ତେବେ ସେମାନଙ୍କର ବ୍ୟବସ୍ଥା କରିବା ପ୍ରଶାସନ ଓ କର୍ମକର୍ତାମାନଙ୍କ ଦାୟିତ୍ୱ । ଅନାଥ ପିଲାମାନଙ୍କ ଆବଶ୍ୟକତା ପୂରଣ କରିବା ସମ୍ବନ୍ଧରେ ଇସଲାମ ବେଶ୍ ଗୁରୁତ୍ୱ ଦେଇଅଛି । ଉପରୋକ୍ତ ଦୁଇ ଗୋଟି (ମାମଲା) ଭିନ୍ନ ଭିନ୍ନ ପରିସ୍ଥିତି ମନେହେଉଅଛି । **ପ୍ରଥମତଃ** ଅଯଥାରେ କରଜ ନେଉଥିବା କରଜଧାରୀଙ୍କୁ ବୁଝାଇଲେ କି କରଜ (ପରିଶୋଧ) କରିବା ଅତ୍ୟନ୍ତ ଜରୁରୀ ଏବଂ ଏପରି ବ୍ୟକ୍ତିର ଯଦି ଦେହାନ୍ତ ଘଟେ ତେବେ ତାହାର ପରିଜନଙ୍କ କର୍ତବ୍ୟ କି ସେମାନେ ତାହାର କରଜ ପରିଶୋଧ କରନ୍ତୁ ଏବଂ **ଦ୍ୱିତୀୟ** ଅବସ୍ଥାରେ ପ୍ରଶାସନକୁ ସଚେତନ କଲେ କି ଅନାଥ ପିଲାମାନଙ୍କ ଲାଳନପାଳନ କର ଏବଂ ମୃତକଙ୍କ କରଜ ପରିଶୋଧ କର । ତେବେ ଇସଲାମୀୟ ଶାସନ ବ୍ୟବସ୍ଥାରେ ଥିବା କର୍ମକର୍ତାମାନଙ୍କୁ ହଜୁର ସ.ଆ ଏହି ନିର୍ଦ୍ଦେଶ ଦେଇଛନ୍ତି କି କିଭଳି ଆମକୁ ନିଜ ଅଧିନସ୍ଥ

ଅଂଚଳର ଦାୟିତ୍ୱ ସମ୍ପାଦନ କରିବା ଉଚିତ୍ କିନ୍ତୁ ଦୁର୍ଭାଗ୍ୟବଶତଃ ଇସଲାମୀୟ ଦେଶମାନଙ୍କରେ ସବୁଠାରୁ ଅଧିକ ଜନସାଧାରଣଙ୍କ ଅଧିକାର କ୍ଷୁର୍ଣ୍ଣ ହେଉଅଛି ।

ହଜରତ ମହମ୍ମଦ ସ.ଆଙ୍କର ହଜରତ ଜାବିର ର.ଅଙ୍କ ଉପରେ ଆଉ ଏକ ଦୟା ଓ ନମ୍ର ଆଚରଣର ବର୍ଣ୍ଣନା ମିଳୁଅଛି । ବର୍ଣ୍ଣନାକାରୀ କୁହନ୍ତି ଏକଦା ମୁଁ ହଜରତ ଜାବିର ବିନ୍ ଅବଦୁଲ୍ଲାଃ ଅନ୍‌ସାରୀଙ୍କ ନିକଟକୁ ଆସିଲି ଏବଂ କହିଲି ଆପଣ ହଜୁର ସ.ଆଙ୍କ ଠାରୁ ଯେଉଁ କଥା ଶୁଣିଛନ୍ତି ତାହା (ମୋତେ) କୁହନ୍ତୁ । ସେ କହିଲେ ଏକଦା ମୁଁ ହଜୁର ସ.ଆଙ୍କ ସହିତ ଯାତ୍ରାରେ ଥିଲି ଯେତେବେଳେ ଆମେ ମଦିନା ଫେରିଲୁ ସେତେବେଳେ ହଜୁର ସ.ଆ କହିଲେ କି ଯେଉଁମାନେ ନିଜ ପରିବାରବର୍ଗଙ୍କ ନିକଟକୁ ଶିଘ୍ର ଫେରିବାକୁ ଇଚ୍ଛା କରୁଛନ୍ତି ସେମାନେ ଚାଲିଯାନ୍ତୁ । ହଜରତ ଜାବିର କୁହନ୍ତି ଏକଥା ଶୁଣି ଆମେ ଶିଘ୍ର ଶିଘ୍ର ଚାଲିବା ଆରମ୍ଭ କରିଦେଲୁ ମୁଁ ନିଜର ଏକ ମାଟିଆ ରଙ୍ଗର ଓଟ ଉପରେ ବସିଥିଲା, ତା ଦେହରେ କୌଣସି ପ୍ରକାରର ଦାଗ ନଥିଲା ଲୋକମାନେ ମୋ ପଛେ ପଛେ ଥିଲେ । ମୁଁ ଏହିପରି (ତିବ୍ର) ବେଗରେ ଯାଉଥିଲି କି ମୋ ଓଟ ହଠାତ୍ ଅଟକିଗଲା ଏବଂ ମୋ କଥା ମାନିଲା ନାହିଁ ଅର୍ଥାତ ଆଗକୁ ବଢିଲା ନାହିଁ । ହଜରତ ମହମ୍ମଦ ସ.ଆ ତାକୁ ଦେଖି ମୋତେ କହିଲେ ଓଟ ଉପରେ ଭଲ ଭାବରେ ବସ ତାପରେ ହଜୁର ତାହାକୁ ପାଚଣରେ ଥରେ ପିଟିଲେ, ସେଥିରେ ଓଟ ଉଠିଯାଇ ଚାଲିବା ଆରମ୍ଭ କରିଦେଲା ଏବଂ ବେଶ୍ ତିବ୍ର ବେଗରେ ଚାଲିଲା । ହଜୁର ସ.ଆ କହିଲେ କ'ଣ ତୁମେ ଏହି ଓଟକୁ ବିକ୍ରି କରିବ ? ମୁଁ କହିଲି ଜି ହଜୁର ବିକ୍ରି କରିବି ଯେତେବେଳେ ଆମେ ମଦିନାରେ ପହଂଚିଲୁ ହଜୁର ସ.ଆ ଅନେକ ସାହାବାଙ୍କ ସହିତ ମସଜିଦ୍‌ରେ ପ୍ରବେଶ କଲେ, ମୁଁ ମଧ ଆପଣଙ୍କ ସାଥିରେ ଚାଲିଗଲି ଏବଂ ଓଟକୁ ମସଜିଦ୍ ସମ୍ମୁଖ ଭାଗର କଣରେ ଥିବା ପଥରରେ ବାନ୍ଧିଦେଲି । ତାପରେ ମୁଁ କହିଲି ହଜୁର ଏହା ଆପଣଙ୍କର ଓଟ ଅଟେ । ଆପଣ ବାହାରକୁ ବାହାରିଲେ ଏବଂ ଓଟ ଚାରିପଟେ ବୁଲିଆସି କହିଲେ ଏହା ମୋର ଓଟ । ହଜୁର ସ.ଆ ସୁନାର କିଛି ଓ୍ୱକିଏ (ମୋ ନିକଟକୁ) ପଠାଇ କହିଲେ ଏହା ଜାବିରଙ୍କୁ ଦେଇ ଆସ । ତାପରେ କହିଲେ କ'ଣ ତୁମେ (ଓଟ)ର ସମ୍ପୂର୍ଣ୍ଣ ମୂଲ୍ୟ ପାଇଗଲ, ମୁଁ କହିଲି ଜି ହଜୁର ପାଇଗଲି । ହଜୁର ସ.ଆ କହିଲେ ସେହି ମୂଲ୍ୟ ଓ ଓଟ (ଉଭୟ) ତୁମର ଅଟେ । ତେବେ ହଜୁର ସ.ଆ ଦୟା ପୂର୍ବକ ଓଟ (ମୋତେ) ଫେରାଇଦେଲେ ଏବଂ ମୂଲ୍ୟ ମଧ ପ୍ରଦାନ କଲେ । **ତେବେ ଏଭଳି ଆଚରଣ ଥିଲା ହଜୁର ସ.ଆଙ୍କର ନିଜ ସାହାବା ଓ ସେମାନଙ୍କ ସନ୍ତାନମାନଙ୍କ ସହିତ** । ଅଲ୍ଲାଃତାଲା ଉକ୍ତ ସାହାବାମାନଙ୍କ ସ୍ତର ବୃଦ୍ଧି କରନ୍ତୁ ଏବଂ ଆମକୁ ମଧ ସେମାନଙ୍କ ପୁଣ୍ୟକର୍ମକୁ ଅବ୍ୟାହାତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ।

ହଜୁର ଅନଓ୍ୱର ଅ.ବ କହିଲେ- ବର୍ତମାନ ମୁଁ ଦୁଇ ଜଣ ନିଷ୍ଠାପର ବ୍ୟକ୍ତିତ୍ୱଙ୍କର (ଉତମ) ଚର୍ଚ୍ଚା କରିବାକୁ ଯାଉଅଛି । ପ୍ରଥମ ଶ୍ରୀମାନ ବିଲାଲ ଅଦଲବି ସାହେବ ସିରିୟା ନିବାସୀ ଯେ କାର ଦୁର୍ଘଟଣାରେ ଭୀଷଣ ରୂପେ ଆହାତ ହୋଇଥିଲେ ଏବଂ ଚଳିତ ମାସ ୧୭ ତାରିଖ ଦିନ ତାଙ୍କ ହୃଦସ୍ପନ୍ଦନ ବନ୍ଦ ହେବା ଯୋଗୁଁ ଦେହାନ୍ତ ଘଟିଲା । **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** । ବିଲାଲ୍ ସାହେବ ୧୯୭୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ୧୭ ବର୍ଷ ବୟସରେ ସେ ଜମାଅତ ସହ ପରିଚିତ ହୋଇଥିଲେ । କିଛି ଦିନପରେ ସେ ବୟତ କରିନେଲେ । ସିରିୟା ଜମାଅତର ସଦର ସାହେବ ଲେଖିଛନ୍ତି ତାଙ୍କର କ୍ରୀଡ଼ା ସାମଗ୍ରୀର ଦୋକାନ ଥିଲା । ସେ ସର୍ବଦା ଅଭାବି ଲୋକମାନଙ୍କ ଆବଶ୍ୟକତା ପୂରଣ କରୁଥିଲେ । ବେଶ୍ ସ୍ୱାଭିମାନୀ ବିକ୍ତିତ୍ୱ ଥିଲେ । କୌଣସି ଅହେମଦିଙ୍କୁ ଏଭଳି ଅବସ୍ଥାରେ ଦେଖିପାରୁ ନଥିଲେ କି ତାହା ପାଖରେ ପିନ୍ଧିବାକୁ କିଛି ହେଲେ (ବସ୍ତ୍ର) ନାହିଁ । ନିଜ ପିଲାମାନଙ୍କର ମଧ ବେଶ୍ ଯତ୍ନ ନେଉଥିଲେ । ସବୁଠାରୁ ଉତମ ସ୍କୁଲରେ ସେମାନଙ୍କର ନାମ ଲେଖାଇଥିଲେ । **ନିୟମିତ ଭାବରେ ଚାନ୍ଦାର ହିସାବ ରଖିବା ଓ ତାହା ପ୍ରଦାନ କରିବା, ସେବା କରିବା, ନମାଜ ଓ ଉପାସନା (ସମ୍ପାଦନ) କରିବା, ଖିଲାଫତ୍ ସହିତ ତାଙ୍କର ସମ୍ପର୍କ ବେଶ୍ ଘନିଷ୍ଟ ଥିଲା** । ସେ ମୋର ପ୍ରତ୍ୟେକ ଖୁତବା ଶୁଣୁଥିଲେ । ସଦର ସାହେବ ଲେଖିଛନ୍ତି, ଆସନ୍ତା ସପ୍ତାହରେ ମୁଁ ଖୁତବାର ସାରାଂଶ ଶୁଣାଇଲେ ସେ ମୁହଁ ଢାଙ୍କି କାନ୍ଦୁଥିଲେ ଏବଂ ସର୍ବଦା କହୁଥିଲେ କି ମନେହେଉଛି ଖଲିଫା ମୋ (ଅବସ୍ଥାକୁ ଧ୍ୟାନରେ) ରଖି ଖୁତବା ଦେଇଛନ୍ତି ଅବା ମୋତେ (ନିର୍ଦେଶ) ଦେଇଛନ୍ତି । ନିଜ ପଛରେ ସେ ୧୧ ବର୍ଷ ବୟସର ପୁତ୍ର ଓ ୧୨ ବର୍ଷ ବୟସର କନ୍ୟା ଛାଡ଼ିଯାଇଛନ୍ତି ।

ଦ୍ୱିତୀୟ ଜନାଯାଃ ଶ୍ରୀମତି ସଲିମା ମିର୍ ସାହେବାଃ ପୂର୍ବତନ ସଦର ଲଜନା କରାଚି ପତ୍ନୀ ଅବଦୁଲ୍ କାଦିର ଡ଼ାର ସାହେବଙ୍କର ଅଟେ । ସେ ମଧ ଚଳିତ ମାସ ୧୭ ତାରିଖ ଦିନ ୯୦ ବର୍ଷ ବୟସରେ ଦେହ ତ୍ୟାଗ କଲେ । ଆପଣଙ୍କ ପିତା ମିର ଇଲାହି ବଖଶ୍ ସାହେବ ଜଣେ ସାହାବି ଥିଲେ । ଗୁଜରାତର ଶେଖୁପୁରା ଜିଲ୍ଲା ସହ ତାଙ୍କର ସମ୍ପର୍କ ଥିଲା । ସେ ୧୯୦୪ ମସିହାରେ ବୟତ କରିଥିଲେ ଏବଂ ତାଙ୍କ ମାତା ମରିୟମ୍ ବେଗମ୍ ସାହେବାଃ ମଦରସତୁଲ୍ ଖଓ୍ୱାତିନ୍ କାଦିଆନରୁ ଶିକ୍ଷା ହାସଲ କରିଥିଲେ । ପବିତ୍ର କୋରାନର ପାଠ କରିବାରେ ତାଙ୍କର ବିଶେଷ ରୁଚି ଥିଲା । ଲଜନାଙ୍କର ବିଭିନ୍ନ ପଦରେ ତାଙ୍କୁ ସେବା କରିବାର ଅବସର ମିଳିଲା । ୧୯୮୧ ମସିହାରେ ତୃତୀୟ ଖଲିଫା ତାଙ୍କୁ ବ୍ୟବସ୍ଥା ପରିଚାଳନା କମିଟିର ସଦର କରିଥିଲେ । ସେ କୁହନ୍ତି ଯେତେବେଳେ ମୋତେ କମିଟିର ସଦର ଦାୟିତ୍ୱ ଦିଆଗଲା ସେତେବେଳେ ମୁଁ ଦୁଆରେ ମଗ୍ନ ହୋଇଗଲି । କାନ୍ଦିକାନ୍ଦି ଅଲ୍ଲାଃଙ୍କୁ ସାହାଯ୍ୟ ଭିକ୍ଷା କଲି । କାମ ଆରମ୍ଭ କରି ମଜଲିସ୍‌ର ବୈଠକ ଡ଼କାଇଲି କର୍ମକର୍ତାମାନଙ୍କ ଦୌରା କରି ସମସ୍ତଙ୍କର ଆଜ୍ଞାକାରୀ ହେବା ଓ ବ୍ୟବସ୍ଥା ସହ ସଂଶ୍ଲିଷ୍ଟ ହେବା, ଇସଲାମୀୟ ଶୈଳୀ ଆପଣାଇବା, ରିତୀପ୍ରଥା ବିରୋଧରେ ଜିହାଦ କରିବା ଓ ଅଯଥା ଆପତି କରିବାରୁ ନିବୃତ ରହିବାକୁ ପ୍ରାଧାନ୍ୟ ଦେଲି । ୧୯୮୬ ମସିହାରେ ଚତୁର୍ଥ ଖଲିଫା ଆପଣଙ୍କୁ କରାଚିର ସଦର ଲଜନା ମନୋନୀତ କରିଥିଲେ । ସେହି ଦିନଠାରୁ ୧୯୯୭ ମସିହା ପର୍ଯ୍ୟନ୍ତ ଆପଣ ସଦର ଲଜନା କରାଚିର ଦାୟିତ୍ୱ ତୁଲାଇଥିଲେ । କରାଚିର ଲଜନାମାନେ (ଧର୍ମ) ପୁସ୍ତକ ଉନ୍ମୋଚନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଯେଉଁଥିରେ ୬୦ଖଣ୍ଡ ପୁସ୍ତକ ଓ ଦୁଇ ଗୋଟି ମୁଜଲ୍ଲା ଆପଣଙ୍କ ସମୟ କାଳରେ ପ୍ରକାଶିତ ହୋଇଥିଲା । ଆପଣଙ୍କ କାର୍ଯ୍ୟକାଳ ସମୟରେ ଦାଇ ଇଲ୍ଲାଃର କ୍ଲାସ ଆରମ୍ଭ ହେଲା । ଏଥିରେ ଚତୁର୍ଥ ଖଲିଫା ବେଶ୍ ଆନନ୍ଦିତ ହୋଇ କହିଲେ କି ଆପଣ ବେଶ୍ ସୁନ୍ଦର ଭାବରେ କାର୍ଯ୍ୟ (ସମ୍ପାଦନ) କରୁଥିବାରୁ ଆପଣଙ୍କ ପାଇଁ ଗଭୀର ହୃଦୟରୁ ଦୁଆ ବାହାରୁଛି । ଅଲ୍ଲାଃତାଲା ଆପଣଙ୍କୁ ଦୀର୍ଘଜୀବୀ ତଥା ସ୍ୱାସ୍ଥ୍ୟ ଓ ଅଜସ୍ର ଖୁସି ପ୍ରଦାନ କରନ୍ତୁ । ଆସନ୍ତାରେ ଆପଣଙ୍କ ନିଷ୍ଠାପର ସାଥିମାନଙ୍କୁ ଉତମ ପରିଣାମ ପ୍ରଦାନ କରନ୍ତୁ ।

ତାଙ୍କର ଅନେକ ଘଟଣାବଳୀ ରହିଛି । ତୃତୀୟ ଏବଂ ଚତୁର୍ଥ ଖଲିଫା ତାଙ୍କ ସେବାକୁ ବେଶ୍ ପ୍ରଶଂସା କରିଥିଲେ । ଚତୁର୍ଥ ଖଲିଫାଙ୍କ ଗୋଟିଏ ଚିଠି ଯେଉଁଥିରେ ସେ ତାଙ୍କ ରିପୋର୍ଟ ଓ ନିଷ୍ଠାପର କାର୍ଯ୍ୟ ପାଇଁ ଲେଖିଥିଲେ କି ମୁଁ ଗଭୀର ହୃଦୟରୁ ଆପଣଙ୍କ ନିଷ୍ଠାପର କାର୍ଯ୍ୟକୁ ସମ୍ମାନ ପ୍ରଦାନ କରୁଅଛି ଏବଂ **ନିଜ ପାଳନକର୍ତାଙ୍କ ନିକଟରେ ସର୍ବଦା ଆପଣଙ୍କ କୁଶଳ ଓ ମଙ୍ଗଳ କାମନା କରୁଅଛି** ଏବଂ (ଅଲ୍ଲାଃଙ୍କ) ନିକଟରେ ନିବେଦନ କରୁଅଛି କି ସେହି ଦିନ ପୂର୍ବ ଅପେକ୍ଷା ଅଧିକ ଭବ୍ୟତାର ସହିତ ଫେରାଇ ଦିଅନ୍ତୁ ଯାହାକୁ ମନେପକାଇଲେ ମୋତେ ବହୁତ ଆନନ୍ଦ ଅନୁଭୁତ ହୁଏ ।

ଚାରିଜଣ କନ୍ୟା ସନ୍ତାନ ହେବା ପରେ ତାଙ୍କୁ ପୁତ୍ର ପ୍ରାପ୍ତି ହୋଇଥିଲା । କିନ୍ତୁ କିଛିଦିନ ପରେ ସେ ମଧ ଚାଲିଗଲା, ଏହି ବିଡ଼ମ୍ବନାକୁ ସେ ଅତ୍ୟନ୍ତ ଧର୍ଯ୍ୟ ଓ ସାହସର ସହିତ ସହ୍ୟ କରିଥିଲେ ଏବଂ କହୁଥିଲେ କି ସେ ଅଲ୍ଲାଃଙ୍କ ପ୍ରଦତ ଥିଲା ସେ ହିଁ ତାହାକୁ ନେଇଗଲେ । ପ୍ରତ୍ୟେକ ମୂହୁର୍ତରେ ଦୁଆ କରିବା ତାଙ୍କର ବିଶେଷ ଗୁଣ ଥିଲା । ପିଲାମାନେ କୁହନ୍ତି ସର୍ବଦା ଆମକୁ ଏହି ଉପଦେଶ ଦିଅନ୍ତି କି ଖଲିଫାଙ୍କ ହାତ କଦାପି ଛାଡ଼ିବ ନାହିଁ, ଖଲିଫାଙ୍କ ସହିତ ସର୍ବଦା ସଲଗ୍ନ ରହିବ । **ପର୍ଦାର ଅତ୍ୟନ୍ତ ପାଳନକାରୀ ଥିଲେ** ଯେଉଁସ୍ଥାନରେ ଏଥିରେ ଦୁର୍ବଳତା ପରିଲକ୍ଷିତ କରୁଥିଲେ ସେଠାରେ ବେଶ୍ ସୁନ୍ଦର ଶୈଳୀରେ ବୁଝାଇ ଦେଉଥିଲେ ଯେପରି ଅନ୍ୟମାନଙ୍କୁ ମଧ ଖରାପ ଲାଗିବ ନାହିଁ ।

ଅମତୁଲ୍ ବାରୀ ନାସର୍ ସାହେବାଃ କୁହନ୍ତି ଅଲ୍ଲାଃତାଲା ଆପା ସଲିମା ମିର ସାହେବାଃ କରାଚିଙ୍କୁ ଦିର୍ଘଦିନ ସେବା କରିବାର ଅବସର ପ୍ରଦାନ କରିଥିଲେ । ଆପଣ ଏହି ସଂସାରରେ ନାହାନ୍ତି ସତ କିନ୍ତୁ ଆପଣଙ୍କ ପ୍ରଶିକ୍ଷିତ ସଦସ୍ୟ ସଂସାରର କୋଣ ଅନୁକୋଣେ ଲଜନାମାନଙ୍କର ସେବା କରି ଆପଣଙ୍କ ନାମ ଓ କାମକୁ ସର୍ବଦା ଜୀବିତ ରଖିଥିବେ ।

ଅମତୁଲ୍ ନୁର ସାହେବାଃ କରାଚି ନିବାସୀ ଲେଖିଛନ୍ତି କି ସଲିମା ମିର ସାହେବାଃ ଅତ୍ୟନ୍ତ ପ୍ରେମ କରିବା ଓ ଅତ୍ୟନ୍ତ ନମ୍ର ଓ ସାଧାରଣ ବ୍ୟକ୍ତିତ୍ୱ ପରି ଅନ୍ୟମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ତଥା ହସହସ ଚେହେରାର ଅଧିକାରୀ ଥିଲେ ।

କରାଚିର ସେକ୍ରେଟାରୀ ଲଜନା ଲେଖିଛନ୍ତି ଆପା ସଲିମା ମିର୍ ସାହେବାଃଙ୍କ ସହିତ ୧୯୮୬ ମସିହାରେ କାମ କରିବାର ସୁଯୋଗ ମିଳିଥିଲା, ସେ ଅତ୍ୟନ୍ତ ସାଧାରଣ ଓ ଅଭାବିମାନଙ୍କ ଆବଶ୍ୟକତା ପୂରଣକାରୀ ବ୍ୟକ୍ତିତ୍ୱ ଥିଲେ । କରାଚିର ଜଣେ ଅତ୍ୟନ୍ତ ଉତ୍ସାହର ସହିତ ସେବାକାରୀ ମହିଳା ଯେ କି କୌଣସି କାରଣରୁ ଜମାଅତରୁ ପଶ୍ଚାତପଦ ଦେଲେ ତାଙ୍କ ସମ୍ବନ୍ଧରେ ଜଣାଗଲା କି ସେ ବଡ଼ (ଧରଣର) ରୋଗରେ ପିଡ଼ୀତ ଅଛନ୍ତି ଏବଂ ତାଙ୍କ ନିକଟରେ ଜମାଅତର (ବିଶେଷ) ସାମଗ୍ରୀ ରହିଛି । ଚତୁର୍ଥ ଖଲିଫାଙ୍କ ଦୁଆ ଓ ନିର୍ଦେଶନୁସାରେ ସଲିମା ସାହେବାଙ୍କ ନେତୃତ୍ୱରେ ବେଶ୍ ବୁଦ୍ଧିମାନୀର ସହିତ ତାଙ୍କ ସହ ଯୋଗାଯୋଗ କରାଗଲା କିନ୍ତୁ କିଛି ହାସଲ ହେବା ପୂର୍ବରୁ ହିଁ ତାଙ୍କର ଦେହାନ୍ତ ଘଟିଲା । ତାଙ୍କର ଜଣେ ବନ୍ଧୁଙ୍କୁ କୁହଗଲା କି ଯଦି ତାଙ୍କର କିଛି ଜିନିଷ ଆପଣଙ୍କ ନିକଟରେ ଅଛି ତେବେ ଆମକୁ ପ୍ରଦାନ କରନ୍ତୁ ଆମେ ତାହାର ମୂଲ୍ୟ ଦେବାକୁ ମଧ ପ୍ରସ୍ତୁତ ଅଛୁ । ଅତଏବ ଗୋଟିଏ ସିନ୍ଦୁକ ମିଳିଲା ଯେଉଁଥିରେ ହଜରତ ମସିହ ମଉଦ ଆ.ସଙ୍କ ହାତ ଲେଖା କିଛି ଚିଠି ଓ ପ୍ରଥମ ଖଲିଫାଙ୍କ ଲେଖା ଥିଲା ଏବଂ ସିନ୍ଦୁକ ମଧ ଐତିହାସିକ ପୂର୍ଣ୍ଣ ଥିଲା । ସେ ଅତ୍ୟନ୍ତ ବୁଦ୍ଧିମାନୀର ସହିତ ଉକ୍ତ ସାମଗ୍ରୀ ତାଙ୍କଠାରୁ ହାସଲ କରିନେଲେ ।

ପ୍ରତ୍ୟେକ ଲେଖାଳିମାନେ ଲେଖିଛନ୍ତି କି ଅତ୍ୟନ୍ତ ଶିଷ୍ଟାଚାରୀ, ସାହସି, ଧର୍ଯ୍ୟ ରକ୍ଷାକାରୀ, ଖିଲାଫତ୍ ସହିତ ଯଡ଼ିତ ରହିବା ଓ ଅନ୍ୟମାନଙ୍କୁ ଯଡ଼ିତ ରହିବାକୁ ପୋତ୍ସାହିତ କରିବା, ପୁଣ୍ୟକର୍ମରେ ପ୍ରତିଷ୍ଠୀତ ରହିବା, ପୁଣ୍ୟକର୍ମ କରିବାକୁ ପୋତ୍ସାହିତ କରିବା, ଆପଣା ଅବା ପରଙ୍କୁ (ଉତମ) ଉପଦେଶ ପ୍ରଦାନ କରୁଥିଲେ । ଅଲ୍ଲାଃଙ୍କ ଉପରେ ତାଙ୍କର ଅତ୍ୟନ୍ତ ଦୃଢ ଆସ୍ଥା ଥିଲା । ଅଲ୍ଲାଃଙ୍କ ଇଚ୍ଛାରେ ସର୍ବଦା ସନ୍ତୁଷ୍ଟ ରହୁଥିଲେ । ଅଲ୍ଲାଃତାଲା ବୈକୁଣ୍ଠରେ ତାଙ୍କୁ ଉଚ୍ଚ ସ୍ତର ପ୍ରଦାନ କରନ୍ତୁ ଏବଂ ତାଙ୍କ ସନ୍ତାନମାନଙ୍କୁ ତାଙ୍କୁ ପୁଣ୍ୟକର୍ମର ପଥିକ ହେବାର ଶକ୍ତି ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୮ ର ଅବଶିଷ୍ଟାଂଶ ...*

ମଧ୍ୟ ଉପଚାର କର । ସେପର୍ଯ୍ୟନ୍ତ କୌଣସି ଜମାତ୍ ଜମାତ୍‌ରୂପେ ଅଭିହିତ ହେବନାହିଁ ଯେପର୍ଯ୍ୟନ୍ତ ଦୁର୍ବଳମାନଙ୍କୁ ଶକ୍ତିଶାଳୀ ଲୋକେ ସାହାଯ୍ୟ ଦେବେନାହିଁ । ଓ ଏହାର ସ୍ୱରୂପ ଏହା ହେବ କି ସେମାନଙ୍କର ଦୋଷ ଦୁର୍ବଳତାକୁ ଘୋଡ଼ାଇ ଦିଆଯାଉ । ସାହାବା ମାନଙ୍କୁ ଏହି ଶିକ୍ଷା ଦିଆଯାଇଥିଲା କି ନୁଆ ମୁସଲ୍‌ମାନ୍ ମାନଙ୍କର ଦୋଷ ଦୁର୍ବଳତାକୁ ଦେଖି ତାଙ୍କ ଉପରେ କ୍ଷୋଭ ପ୍ରକାଶ କରନାହିଁ । କାରଣ ତୁମେମାନେ ମଧ୍ୟ ସେହିପରି ଦୁର୍ବଳ ଥିଲ । ସେହିପରି ଏହା ମଧ୍ୟ ଜରୁରୀ ଅଟେ କି ବଡ଼ ଛୋଟର ସେବା କରିବ ଓ ଛୋଟ ମାନଙ୍କ ସହିତ ପ୍ରେମ ଓ ସ୍ନେହର ସହିତ ବ୍ୟବହାର କରିବ । ଦେଖ ଏପରି ଜମାତ୍ ଜମାତ୍ ହେଇପାରେନା ଯିଏ ଜଣେ ଜଣକୁ ଖାଇଥାଏ'' । (ଅର୍ଥାତ୍ ଜଣେ ଅନ୍ୟଜଣକୁ କ୍ଷତି ପହଂଚାଇବା ପାଇଁ ଚେଷ୍ଟା କରେ) ଓ ଯେବେ ଚାରିଜଣ ମିଳିମିଶି ବସିବ ତେବେ ନିଜ ଗରିବ ଭାଇ ବିଷୟରେ କୌଣସି ପ୍ରକାର ଟିପ୍ପଣୀ ଦେବ ଓ ଦୁର୍ବଳ ଶ୍ରେଣୀର ଲୋକ ଓ ଗରିବ ମାନଙ୍କୁ ନ୍ୟୁନ ଦୃଷ୍ଟିରେ ଦେଖିବ ଅର୍ଥାତ୍ ସେମାନଙ୍କୁ ଘୃଣା କରି ଛୋଟ ଲୋକ ବୋଲି ଭାବିବ, ଏପରି କଦାପି କରିବା ଠିକ୍ ନୁହେଁ । ବରଂ ଏକତା ଦ୍ୱାରା ଏକ ଶକ୍ତି ମିଳିଥାଏ । ଯେଉଁଥିରୁ ପ୍ରେମ ଆସେ ଓ ବୈଭବ ସୃଷ୍ଟି ହୁଏ ।..... କାହିଁକି ଚାରିତ୍ରିକ ଶକ୍ତି ଗୁଡିକୁ ବଢ଼ାଯାଉନାହିଁ । ନିଜର ଚାରିତ୍ରିକ ସୁଗୁଣକୁ ବହୁତ ବଢ଼ାନ୍ତୁ ଓ ବହୁତ ପ୍ରସାର କରନ୍ତୁ । ଓ ଏହି ଚାରିତ୍ର୍ୟ କିପରି ବ୍ୟାପିବ । ଏହା ସେତେବେଳେ ହେବ ଯେତେବେଳେ ସହାନୁଭୁତି, ପ୍ରେମ ଓ କ୍ଷମା ଓ କରୁଣାକୁ ସର୍ବସାଧାରଣ କରାଯିବ'' । ତେଣୁ ନିଜର ପ୍ରେମକୁ ସମସ୍ତଙ୍କ ସହିତ କରନ୍ତୁ ଓ ନିଜର କ୍ଷମାକୁ ମଧ୍ୟ ସର୍ବସାଧାରଣ କରନ୍ତୁ ଏବଂ ସମସ୍ତଙ୍କୁ ଲାଭ ପହଂଚାନ୍ତୁ । ''ଓ ସମସ୍ତ ଅଭ୍ୟାସ ଗୁଡିକ ଉପରେ କରୁଣା, ସହାନୁଭୁତି ଓ ଦୋଷ ଦୁର୍ବଳତା ଘୋଡ଼ାଇବା ଗୁଣକୁ ଅଗ୍ରାଧିକାର ଦିଆଯାଉ'' । ଅନ୍ୟ ଉପରେ ଦୟା କର, ସେମାନଙ୍କ ସହିତ ସହାନୁଭୁତି ଦେଖାଓ ଓ ସେମାନଙ୍କର ଦୋଷ ଦୁର୍ବଳତାକୁ ଯଥା ସମ୍ଭବ ଘୋଡ଼ାଇ ଦିଅ । ଏହା ସମସ୍ତଙ୍କର କାର୍ଯ୍ୟ ନୁହେଁ କି ଅନ୍ୟର କୁ କାର୍ଯ୍ୟକୁ ଦେଖି ତାକୁ ସର୍ବସାଧାରଣରେ ପ୍ରକଟ କରିଦେଉ । ହଁ ଯଦି ଉକ୍ତ କୁକର୍ମଟି ଜମାତ୍ ଭିତରେ ପ୍ରବେଶ କରିଗଲାଣି ଅର୍ଥାତ୍ ଜମାତି କୁକର୍ମ ହେବା ସୃଷ୍ଟି ହେଉଅଛି ତେବେ ଯାହା କିଛି ଦାୟିତ୍ୱ ତା ସହିତ ରହିଛି ତେବେ ତା ନିକଟରେ ଥିବା ଦାୟିତ୍ୱ ବିଷୟରେ ତାକୁ ଜଣାଇଦିଅ । ନାଁ କି ତାର ଖରାପ କୁକାର୍ଯ୍ୟଗୁଡିକୁ ସବୁ ସ୍ଥାନରେ ପ୍ରକାଶ କର । ପୁଣି କହୁଛନ୍ତି କି ''ଟିକେ ଟିକେ କଥାରେ ଏପରି ଧର ପଗଡ଼ କରିବା ଉଚିତ୍ ହେବନାହିଁ, ଯେଉଁଥିରେ ତା ମନକୁ ବାଧା ପହଂଚିଥାଏ ।... ଜମାତ୍ ସେତେବେଳେ ଜମାତ୍ ହିଁ ରହେ ଯେତେବେଳେ କିଛି ଲୋକେ ଅନ୍ୟ କିଛି ଲୋକଙ୍କ ସହିତ ସହାନୁଭୁତି ଦେଖାଇଥାଏ ଓ ତାର ଦୋଷ ଦୁର୍ବଳତାକୁ ଘୋଡାଇ ଦେଇଥାଏ । ଯେବେ ଏପରି ଅବସ୍ଥା ସୃଷ୍ଟି ହେବ ତେବେ ଯାଇ ଏକ ମନ ଓ ଏକ ପ୍ରାଣ ହୋଇ ଅନ୍ୟମାନଙ୍କୁ ନିଜର ଭାଇଠାରୁ ଅଧିକ ଭାବିପାରିବ ।....ଖୁଦାତାଲା ସାହାବାମାନଙ୍କୁ ମଧ୍ୟ ଏହିପରି ଭାଇଚାରା ସୃଷ୍ଟି କରିବାର ଶୈଳୀ ବିଷୟରେ ମନେପକାଇଛନ୍ତି । ଅର୍ଥାତ୍ ଯଦି ସେମାନେ ଗୋଟିଏ ପାହାଡ଼ ସଦୃଶ ସୁନାକୁ ଖର୍ଚ୍ଚ କରିଥାନ୍ତେ ତେବେ ମଧ୍ୟ ଏହିପରି ଭାଇଚାରା ତାଙ୍କୁ ମିଳିନଥାନ୍ତା । ଯାହା ରସୁଲୁଲ୍ଲାଃ ସ:ଆ:ସଙ୍କ ମାଧ୍ୟମରେ ସେମାନଙ୍କୁ ମିଳିଛି । ଅଲ୍ଲାଃତାଲା ସେହିପରି ଏହି ସିଲ୍‌ସିଲାକୁ ପ୍ରତିଷ୍ଠା କରିଛନ୍ତି ଓ ସେହିପରି ଭାଇଚାରାକୁ ସେ ଏଠାରେ କାଏମ୍ କରିବ'' । (ମଲ୍‌ଫୁଜାତ୍ ଖଣ୍ଡ-୩, ପୃଷ୍ଠା-୩୪୭-୩୪୯, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ସୁତରାଂ ଆମକୁ ପ୍ରତ୍ୟେକ ସ୍ତର ଓ କ୍ଷେତ୍ରରେ ପ୍ରେମ, ସ୍ନେହ, ଭାଇଚାରା ଓ ନିଜ ଉପରେ ଥିବା ଅଧିକାର ଗୁଡିକୁ ପ୍ରଦାନ କରିବା ପାଇଁ ଚେଷ୍ଟା କରିବା । ବାସ୍ତବରେ ଏହି ସମସ୍ତ ଜିନିଷ ଇଦ୍‌ର ପ୍ରକୃତ ଖୁସିକୁ ପ୍ରାପ୍ତ କରିବା ବାଲା ହୋଇଥାଏ । ଅଲ୍ଲାଃତାଲା ଆମକୁ ମଧ୍ୟ ଏ ଶକ୍ତି ଦିଅନ୍ତୁ କି ଆମେ ଅଲ୍ଲାଃତାଲାଙ୍କର ପ୍ରକୃତ କୃତଜ୍ଞତା ଜ୍ଞାପନ କରିପାରୁ । ତା ଉପାସନାର ଅଧିକାରକୁ ମଧ୍ୟ ପ୍ରଦାନ କରିବାବାଲା ହେଉ ଓ ଭକ୍ତମାନଙ୍କର ମଧ୍ୟ ଅଧିକାରକୁ ପ୍ରଦାନ କରିବା ବାଲା ହେଉ ।

ଖୁତ୍‌ବା ସାନିଆ ପରେ ଆମେ ଦୁଆ କରିବା । ଆମେ ଯେଉଁଠି ଏ ଦୁଆ କରିବା କି କିପରି ଆମେ ପ୍ରକୃତରେ ଜଣେ ଜଣେ ଉପାସନାକାରୀ ହୋଇପାରିବା ଓ ଏପରି ମୋମିନ୍ ହୋଇପାରିବା ଯେଉଁମାନେ ଲୋକମାନଙ୍କ ଅଧିକାରକୁ ପ୍ରଦାନ କରିଛନ୍ତି । ସେଠାରେ ଏହା ମଧ୍ୟ ଆମେ ଦୁଆ କରିବା କି ବର୍ତମାନ କିଛି ସ୍ଥାନରେ ଜମାତ୍‌ର ସଦସ୍ୟମାନଙ୍କ ଉପରେ ଯେଉଁ ସବୁ ସମସ୍ୟା ପଡ଼ି ରହିଛି ଅଲ୍ଲାଃତାଲା ସେଗୁଡିକୁ ଦୂର କରନ୍ତୁ ଓ ଯେଉଁମାନେ ଦୁଃଖ କଷ୍ଟରେ ଅଛନ୍ତି ସେମାନଙ୍କ ଦୁଃଖ କଷ୍ଟ ଦୂର ହେଉ ଓ ଯେଉଁମାନେ କୋର୍ଟ କଚେରୀର ମୋକଦ୍ଦମାରେ ପଡ଼ିଛନ୍ତି ସେଠାରୁ ସେମାନଙ୍କୁ ମୁକ୍ତି ମିଳୁ । ପାକିସ୍ତାନ୍‌ରେ ବିଶେଷ ରୂପେ କିଛି ଅହେମଦୀ ଜେଲ୍‌ରେ ଅଛନ୍ତି । ସେହିପରି ଦ୍ୱିପପୁଞ୍ଜ ମାନଙ୍କରେ ମଧ୍ୟ ଜେଲ୍‌ରେ ଅଛନ୍ତି । ସେ ସମସ୍ତଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ କି ଅଲ୍ଲାଃତାଲା ସେମାନଙ୍କୁ ଯଥାଶିଘ୍ର ମୁକ୍ତି ପ୍ରଦାନ କରନ୍ତୁ ଓ ଯେଉଁମାନେ କୌଣସି ପ୍ରକାରର ଅସୁବିଧା ଓ ଦୁଃଖରେ ରହିଛନ୍ତି ଅଲ୍ଲାଃତାଲା ସେମାନଙ୍କର ଦୁଃଖ ଦୂର କରନ୍ତୁ ।

ଖୁତ୍‌ବା ସାନିଆ ଓ ସାମୂହିକ ଦୁଆ ପାଠ କରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-

ଅସ୍‌ସଲାମେ ଆଲୈକୁମ୍ ଓ୍ୱ ରହମତୁଲ୍ଲାହେ ଏବଂ ସମସ୍ତଙ୍କୁ ଇଦ୍ ମୁବାରକ୍ ଓ ଏମ୍.ଟି.ଏ ମାଧ୍ୟମରେ ସମଗ୍ର ସଂସାରବାସୀଙ୍କୁ ଇଦ୍ ମୁବାରକ୍ । ଅଲ୍ଲାଃତାଲା ଆପଣ ସମସ୍ତଙ୍କୁ ଇଦ୍‌ର ପ୍ରକୃତ ଖୁସି ପ୍ରଦାନ କରନ୍ତୁ । ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହମତୁଲ୍ଲାଃ । ⌘⌘⌘⌘⌘⌘⌘⌘⌘

## କର୍ମରେ ସୁଧାର ଆଣିବା ପାଇଁ ହୁଜୁର[ଅ.ବ]ଙ୍କ ୨୦ଗୋଟି ମହତ ବାଣୀ

**୧. ସାମୂହିକ ନମାଜ ପାଠ** : ପ୍ରତ୍ୟେକ ଅହମଦୀ ମସଜିଦ ବା ନମାଜ ସେଂଟରରେ ସାମୂହିକ ନମାଜ ପଢିବାର ଯୋଗାଡ଼ କରନ୍ତୁ । ଓହଦେଦାରମାନେ ନିଜର ଉତମ ଆଦର୍ଶ ଦେଖାନ୍ତୁ । ନିଜ ପିଲାମାନଙ୍କୁ ମଧ୍ୟ ନମାଜ ପାଇଁ ସାଙ୍ଗରେ ନେଇ ଆସନ୍ତୁ ।

**୨. ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ଖୁତବା ଜୁମା** : ମସଜିଦ ବା ନମାଜ ସେଂଟରରେ ଏକତ୍ରିତ ହୋଇ ହୁଜୁର[ଅ.ବ]ଙ୍କ Live ଖୁତବା ଜୁମା ଶୁଣନ୍ତୁ ।

**୩.ଦରସ୍ :** ନମାଜ ଫଜର ପରେ ଦରସୁଲ୍ କୋରାନ ଏବଂ ନମାଜ ଅସର୍ ବା ମଗରିବ୍ ପରେ ଦରସୁଲ୍ ହଦିସ୍ ଅଥବା ମଲ୍‌ଫୁଜାତ୍ ଦେବାର ବନ୍ଦବସ୍ତ କରନ୍ତୁ ।

**୪. ଅଖବାର-ଏ-ବଦର୍ :** ପ୍ରତ୍ୟେକ ଘରେ ଅଖବାର-ଏ-ବଦର୍ କିଣି ତାକୁ ପଢନ୍ତୁ । ବିଶେଷ ଭାବେ ଖୁତବା ଜୁମା ଏବଂ ହୁଜୁର[ଅ.ବ]ଙ୍କ ଗସ୍ତଗୁଡ଼ିକର ବିବରଣୀ ନିଶ୍ଚିତ ପଢନ୍ତୁ ।

**୫. ସନ୍ତାନର ତରବିୟତ :** ନିଜ ଘରୁ ହିଁ ତରବିୟତ ଆରମ୍ଭ କରନ୍ତୁ । ବାପ-ମାଆମାନେ ନିଜ ପିଲାମାନଙ୍କ ପ୍ରତି ନିଶ୍ଚିତ ସମୟ ଦିଅନ୍ତୁ । ଘରେ ସବୁବେଳେ ଧାର୍ମିକ କଥା ଭାଷା ହୁଅନ୍ତୁ ।

**୬. ପବିତ୍ର କୋରାନର ତିଲାଓ୍ୱତ୍ :** ପ୍ରତିଦିନ ନମାଜ ଫଜର ପରେ ପବିତ୍ର କୋରାନର ତିଲାଓ୍ୱତ୍ କରନ୍ତୁ । ମାସକୁ ଅତି କମରେ ୧୫ ଦିନ ନିଶ୍ଚିତ ତିଲାଓ୍ୱତ୍ କରନ୍ତୁ ।

**୭. ସୁଖ ବୈବାହିକ ଜୀବନ :** ସ୍ୱାମୀ, ସ୍ତ୍ରୀର ବୈବାହିକ ଜୀବନ ସଂପର୍କ ଉତମ ରହିଲେ ହିଁ ଘର ସ୍ୱର୍ଗ ଭଳି ହୋଇଥାଏ ଏବଂ ପିଲାମାନଙ୍କ ଉପରେ ଏହାର ଭଲ ପ୍ରଭାବ ପଡ଼ିଥାଏ । ଏଥିପ୍ରତି ଧ୍ୟାନ ଦେବା ଉଚିତ୍ । ଅନାବଶ୍ୟକ ଓ ଅକାରଣରେ ଖୋଲା -ତଲାକ୍‌ର ଚିନ୍ତାଧାରାକୁ ସମାପ୍ତ କରନ୍ତୁ ।

**୮. ପର୍ଦ୍ଦାର ଆବଶ୍ୟକତା :** ମହିଳାମାନଙ୍କୁ ପର୍ଦ୍ଦା ଏବଂ ଲଜ୍ଜାଶୀଳ ବସ୍ତ୍ରଧାରଣ କରିବାକୁ ତାଗିଦ କରନ୍ତୁ । ଏବିଷୟରେ ପୁରୁଷମାନଙ୍କୁ ବି ବୁଝାଇବାର ଆବଶ୍ୟକତା ରହିଛି ।

**୯. ମଜଲିସ୍ ଶୁରାର ନିଷ୍ପତି ଅନୁଯାୟୀ କାର୍ଯ୍ୟକାରୀ :** ମଜଲିସ୍ ଶୁରାର ନିଷ୍ପତିଗୁଡ଼ିକୁ ସମ୍ମାନ ଦେଇ କାର୍ଯ୍ୟକାରୀ କରନ୍ତୁ ।

**୧୦. ସୋଶିଆଲ ମିଡ଼ିଆର ଲାଭ କ୍ଷତି ବିଷୟରେ ସଚେତନ:** ଇଂଟରନେଟ ଏବଂ ମୋବାଇଲର ଲାଭ ଓ କ୍ଷତି ବିଷୟରେ ପିଲାମାନଙ୍କୁ ଅବଗତ କରାଅ । ଅଭିଭାବକ ମାନେ ଅଶ୍ଳୀଳ ଟିଭି ଚ୍ୟାନେଲଗୁଡ଼ିକୁ ବନ୍ଦ କରିଦିଅନ୍ତୁ ।

**୧୧. ରୁହମାଉ ବୈନହୁମ୍ :** ଜମାତର ସଭ୍ୟମାନଙ୍କର ନିଜ ନିଜ ମଧ୍ୟରେ ପବିତ୍ର କୋରାନ ଆଦେଶାନୁଯାୟୀ ଏପରି ସଂପର୍କ ରଖିବା ଉଚିତ୍ କି ରୁହମାଉ ବୈନହୁମ୍ (ନିଜ ନିଜ ମଧ୍ୟରେ ଭ୍ରାତୃଭାବ ସ୍ଥାପନ କରିବା) ଅନୁଯାୟୀ ହେବା ଉଚିତ୍ ।

**୧୨.ମାନ୍ୟକାରୀତା ଏବଂ ନମ୍ରତା :** ମାନ୍ୟକାରୀତାର ଉଚ୍ଚ ଆଦର୍ଶ ପ୍ରତିଷ୍ଠା କର । ନିଜ ମଧ୍ୟରେ ନମ୍ରତା ସୃଷ୍ଟି କର ।

**୧୩. ମାନବ ସମାଜ ପ୍ରତି ସହାନୁଭୂତି :** ନିଜ ଅଧିକାର ଅପେକ୍ଷା ଅନ୍ୟର ଅଧିକାରକୁ ପ୍ରଥମେ ପୂରଣ କରିବା ଶିଖନ୍ତୁ ।

**୧୪. ଜମାତି ସଂସ୍ଥାର ସମ୍ମାନ :** ଜମାତି ସଂସ୍ଥାର ସମ୍ମାନ, କାଜି ନିଷ୍ପତିକୁ ମାନିବା । ଜମାତି କାର୍ଯ୍ୟାନୁଷ୍ଠାନ ଓ ଆଦେଶାବଳୀ ଉପରେ ଶୀଘ୍ର କାର୍ଯ୍ୟକାରୀ କରିବା ।

**୧୫. ଆର୍ଥିକ ତ୍ୟାଗ/ ଓ୍ୱସିୟତ୍ ସଂସ୍ଥା:** ଆର୍ଥିକ ତ୍ୟାଗ କରିବା କ୍ଷେତ୍ରରେ ବିଶେଷ ଭାବେ ଓ୍ୱସିୟତ୍ ସଂସ୍ଥାରେ ସାମିଲ ହେବା ।

**୧୬. ତରବିୟତୀ ଜଲସା କରିବା :** ତରବିୟତୀ ଜଲସା ବାରମ୍ବାର କରିବା ଉଚିତ୍ । ତରବିୟତୀ ଜଲସାଗୁଡ଼ିକରେ ତରବିୟତ ବିଷୟ ବସ୍ତୁ ଉପରେ ହଜରତ ମସିହ ମଉଦ[ଆ.ସ]ଙ୍କ ଉପଦେଶାବଳୀ ଯେପରି ବାପ-ମାଆଙ୍କ ପ୍ରତି କର୍ତବ୍ୟ, ପଡ଼ୋଶୀମାନଙ୍କ ସହ ସଦ୍‌ବ୍ୟବହାର କରିବା । ସତ କହିବା । ଅମାନତ୍‌ରେ ଆତ୍ମସାତ କରିବା ନାହିଁ । ରାଗ ରୋଷ ହେବା ନାହିଁ । ଆର୍ଥିକ ତ୍ୟାଗ କରିବା । ପବିତ୍ର କୋରାନର ତିଲାଓ୍ୱତ୍ କରିବା । ନିଜ ଜଲସାରେ ଅନ୍ୟ ଲୋକମାନଙ୍କୁ ମଧ୍ୟ ଡ଼ାକି ଆଣିବା ।

**୧୭. ଅନ୍ୟମାନଙ୍କ ସହ ବିବାହ ନକରିବା :** ଅନ୍ୟ ଧର୍ମାବଲମ୍ବୀ ବା ମତାବଲମ୍ବୀମାନଙ୍କ ସହ ବିବାହ କରିବାରୁ ବଂଚିତ ରହିବା ।

**୧୮. ଅଯଥା ଓ ଅନାବଶ୍ୟକ କଥାରୁ ଦୂରେଇ ରହିବା :** ନିଶାଯୁକ୍ତ କାର୍ଯ୍ୟରୁ , ଅନାବଶ୍ୟକ କର୍ମରୁ ଏବଂ ଖରାପ ସଙ୍ଗତୀରୁ ସଂପୂର୍ଣ୍ଣ ରୂପେ ବଂଚି ରହିବା ।

**୧୯. ଓ୍ୱଫାଏ ଖିଲାଫତ୍ :** ଖିଲାଫତ୍ ସହ ପ୍ରେମଭାବ ଓ ନିଷ୍ଠାଭାବର ସଂପର୍କ ସ୍ଥାପନ କରିବା ଏବଂ ନିଜ ସନ୍ତାନମାନଙ୍କୁ ମଧ୍ୟ ଖିଲାଫତ୍‌ର ବିଶ୍ୱସ୍ତ ଭାବେ ଗଢିବା ।

**୨୦. ଓ୍ୱହ୍‌ଦେଦାରମାନଙ୍କର କର୍ତବ୍ୟ :** ଓ୍ୱହ୍‌ଦେଦାର ଏବଂ ଇସଲାହୀ କମିଟିଗୁଡ଼ିକର କର୍ତବ୍ୟ ଯେ ଉକ୍ତ ଉପଦେଶାବଳୀକୁ ମାନି ଚଳିବା ପାଇଁ ଜମାତର ପ୍ରତ୍ୟେକ ଲୋକମାନଙ୍କୁ ବହୁତ ସ୍ନେହ ମମତା ସହ କାର୍ଯ୍ୟକାରୀ କରାଇବା । ସର୍ବ ପ୍ରଥମେ ପ୍ରତ୍ୟେକ ଓ୍ୱହ୍‌ଦେଦାର ନିଜେ ଭଲ ଆଦର୍ଶବାଦୀ ହୁଅନ୍ତୁ ଏବଂ ଯୁଗ ଖଲିଫାଙ୍କ ପ୍ରତ୍ୟେକ ଆଦେଶକୁ ମାନି ଚଳନ୍ତୁ ।

*ପୃଷ୍ଠା- ୨ ର ଅବଶିଷ୍ଟାଂଶ ...*

ହୋଇଥାଏ’’ । କାରଣ ସମସ୍ତ ବିଶେଷଗୁଣ ତାଙ୍କ ଭିତରେ ନିହିତ । ସେଥିପାଇଁ ସେହି ସବୁ ଗୁଣଗୁଡିକ ଏକାଠି ହେବା ଦ୍ୱାରା ତାର ସୌନ୍ଦର୍ଯ୍ୟ ପ୍ରକଟ ହୋଇଥାଏ ଓ ଯେଉଁଠି ଅନୁଗ୍ରହର ପ୍ରସଙ୍ଗ ଉଠୁଛି ତେବେ ଅଲ୍ଲାଃତାଲାଙ୍କ ଅନୁଗ୍ରହରୁ ସବୁଠାରୁ ଅଧିକା ଲାଭ ମଣିଷକୁ ହିଁ ପହଂଚିଥାଏ । କାରଣ ଖୁଦାତାଲାଙ୍କ ସମସ୍ତ ପ୍ରାଣୀଜଗତ ଠାରୁ ମନୁଷ୍ୟ ଲାଭ ଉଠାଇଥାଏ’’ । (ଉଦ୍ଧୃତ ଅୟାମୁସ୍ ସୁଲାହ୍, ରୁହାନି ଖଜାଏନ୍, ଖଣ୍ଡ-୧୪, ପୃଷ୍ଠା-୨୪୭-୨୪୮) ଅଲ୍ଲାଃତାଲାଙ୍କର ମନୁଷ୍ୟ ପ୍ରତି ଯେଉଁ ଅନୁଗ୍ରହ ରହିଛି ଅର୍ଥାତ୍ ଯେଉଁ ପ୍ରାଣୀମାନଙ୍କୁ ମଧ୍ୟ ଅଲ୍ଲାଃତାଲା ସୃଷ୍ଟି କରିଛନ୍ତି ସେମାନେ ମନୁଷ୍ୟର ଲାଭ ପାଇଁ ସୃଷ୍ଟି ହୋଇଛନ୍ତି । ଯେବେ ଓ ଯେଉଁଠାରେ ମନୁଷ୍ୟ ଚାହିଁବ ତାଠାରୁ ଲାଭ ଉଠାଇ ପାରିବ । ତେଣୁ ଆମେ ଅଲ୍ଲାଃତାଲାଙ୍କର କେତେ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ହେବ କି ତାର ବିଶେଷ ଗୁଣରୁ ମଧ୍ୟ ଯାହା ସୌନ୍ଦର୍ଯ୍ୟ ରୂପରେ ପ୍ରକଟ ହୋଇଛି ଓ ତାର ଅନୁଗ୍ରହରୁ ମଧ୍ୟ ଯାହା ଦୁନିଆର ପ୍ରତ୍ୟେକ ବର୍ଷକୁ ଲାଭ ପହଂଚାଇବା ପାଇଁ ସୃଷ୍ଟି ହୋଇଛି । ଏ ସବୁ ଗୁଡିକରୁ ସବୁଠାରୁ ଅଧିକ ଲାଭ ମଣିଷ ଉଠାଇଥାଏ । ଯେବେ କି ସେଗୁଡିକର ଲାଭ ସବୁଠାରୁ ଅଧିକା ମନୁଷ୍ୟ ଜାତିକୁ ପହଂଚିଥାଏ ।

ତେଣୁ ଆମପାଇଁ ଏହା ଧାର୍ଯ୍ୟ ଅଟେ କି ଆମେ ବିଜୟର ଅନ୍ତରରୁ ଖୁସି ହୋଇ ତାଙ୍କର ହିଁ ଉପାସନା କରିବା ଓ ତାଙ୍କ ନିର୍ଦ୍ଦେଶାବଳୀ ମୁତାବକ ଅମଳ କରିବା । ଜଣେ ମୁସଲ୍‌ମାନ୍ ରୂପେ ଅଲ୍ଲାଃତାଲାଙ୍କ ପ୍ରଶଂସା ଓ କୃତଜ୍ଞତା ଜ୍ଞାପନ କରିବା ଜଣେ ସାଧାରଣ ମନୁଷ୍ୟଠାରୁ ଆମର ଅଧିକା ହେବା ଉଚିତ୍ । ଅଲ୍ଲାଃତାଲା ନିଜର ଅଧିକାର ଗୁଡିକୁ ଆମ ମୁସଲ୍‌ମାନ୍ ହୋଇଥିବା ଯୋଗୁଁ ଏହା ଆମ ଉପରେ ଧାର୍ଯ୍ୟ କରିଛନ୍ତି କି ଆମେ ତା ଭକ୍ତମାନଙ୍କର ଅଧିକାରକୁ ମଧ୍ୟ ପ୍ରଦାନ କରିବା । ଅଲ୍ଲାଃତାଲାଙ୍କର ଏହି ସୌନ୍ଦର୍ଯ୍ୟ ଓ ଅନୁଗ୍ରହ, ଯାହାର ପରିପ୍ରକାଶ ଯେ ନିଜ ଭକ୍ତଙ୍କ ଉପରେ କରିଥାଏ, ତେଣୁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ପାଇଁ ଏହା ମଧ୍ୟ ଜରୁରୀ ଅଟେ କି ଆମେ ଅଲ୍ଲାଃତାଲାଙ୍କ ଭକ୍ତଙ୍କର ମଧ୍ୟ ନିଜ ସାମର୍ଥ୍ୟ ମୁତାବକ ସୌନ୍ଦର୍ଯ୍ୟପୂର୍ଣ୍ଣ ଓ ଅନୁଗ୍ରହର ବ୍ୟବହାର କରିବା । ଯଦି ଆମେ ଏପରି କରିବା ତେବେ ଯାଇ ଆମେ ଅଲହମ୍‌ଦୋଲିଲ୍ଲାହେ ରବ୍‌ବିଲ୍ ଆଲମିନ୍ ର ପ୍ରକୃତ ଅର୍ଥକୁ ବୁଝି ପୁଣି ତାକୁ ନିଜ ଉପରେ ଢ଼ାଳି ପ୍ରକାଶ କରିପାରିବା । ଯେଉଁଠି ଆମେ ଅଲ୍ଲାଃଙ୍କ ଉପାସନାର ହକ୍‌କୁ ପ୍ରଦାନ କରିବା ଏଠାରେ ଅଲ୍ଲାଃଙ୍କ ସୃଷ୍ଟଜଙ୍କର ହକ୍‌କୁ ମଧ୍ୟ ପ୍ରଦାନ କରିପାରିବା । ନିଜ ଭାଇମାନଙ୍କ ସହିତ ଭଦ୍ର ବ୍ୟବହାର କରିବା, ଶାନ୍ତି, ପ୍ରେମ ଓ ସୌହାର୍ଦ୍ଦ୍ୟର ବାର୍ତ୍ତାକୁ ଚାରିଆଡ଼େ ପ୍ରସାର କରିବା ଓ ସମାଜରେ ପ୍ରେମପୂର୍ଣ୍ଣ ଓ ସ୍ନେହର ସହିତ ରହିବା, ଜଣେ ଅନ୍ୟଜଣକର ହକ୍‌କୁ ପ୍ରଦାନ କରିବା ହେଉଛି ବାସ୍ତବରେ ପ୍ରକୃତ ଇଦ୍‌ର ଖୁସି ।

ତେଣୁ ଏଇଭଳି ଖୁସି ହେବାପାଇଁ ଆମେ ଚେଷ୍ଟା କରିବା ଉଚିତ୍ । କେବଳ ଖୁସିଟି ନିଜ ପରିସୀମା ଭିତରେ ନ ରହୁ ବରଂ ଏ ପରିବେଶକୁ ଆମେ ପ୍ରତି କ୍ଷେତ୍ରରେ ଖୁସି ପ୍ରଦାନ କରିବାବାଲା ହେଉ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏ ସମ୍ବନ୍ଧରେ ବହୁତ ଗୁଡିଏ ନିର୍ଦ୍ଦେଶାବଳୀ ଅଛି । ସେଥିମଧ୍ୟରୁ କିଛି ଉପସ୍ଥାପନ କରୁଅଛି, ଯାହା ଆମକୁ ସୌନ୍ଦର୍ଯ୍ୟ ଓ ଅନୁଗ୍ରହର ଉଚ୍ଚତମ ସ୍ତରକୁ କିପରି ହାସଲ କରିପାରିବା, ତାହା ବତାଇଥାଏ । ଯାହାର ଯେତିକି ଶକ୍ତି ଓ ସାମର୍ଥ୍ୟ ଅଛି ସେ ତା ମୁତାବକ ଅମଳ କରିବା ଉଚିତ୍ । କାରଣ ବାସ୍ତବିକ ଇଦ୍‌ର ଖୁସିଗୁଡିକୁ ଆମେ ସେତେବେଳେ ହାସଲ କରିପାରିବା ଯେତେବେଳେ ଆମେ ଉଚ୍ଚସ୍ତର ଗୁଡିକୁ ହାସଲ କରିବାପାଇଁ ଚେଷ୍ଟା କରିବା ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ କହୁଛନ୍ତି କି ‘‘ପୁଣ୍ୟ ହେଉଛି ଏହା କି ଖୁଦାତାଲାଙ୍କ ସହିତ ପବିତ୍ର ସମ୍ପର୍କ ସ୍ଥାପନ କରାଯାଉ ଏବଂ ତାର ପ୍ରେମକୁ ନିଜ ଶିରା ପ୍ରଶିରାରେ ଭରି ଦିଆଯାଉ । ଯେପରି ଅଲ୍ଲାଃତାଲା କହୁଛନ୍ତି- ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱିଲ୍ ଏସାନେ ୱ ଇତାଇ ଜିଲ୍ କୁର୍‌ବା (ନହଲ୍:୯୧) କହୁଛନ୍ତି କି ଖୁଦାତାଲାଙ୍କ ସହିତ ନ୍ୟାୟ କରିବା ହେଉଛି ତାର ନେମତ୍ (ଅନୁଗ୍ରହ) କୁ ମନେପକାଇ ତାର ଆଜ୍ଞାବହତା ସ୍ୱୀକାର କରିବା । (ଅଲ୍ଲାଃତାଲାଙ୍କ ଅଗଣତି ଅନୁଗ୍ରହ ଆମ ଉପରେ ଅଛି । ସେଗୁଡିକୁ ମନେ ପକାଓ । ପୁଣି ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କର ଓ ତା କଥାକୁ ମାନି ପରିଚାଳିତ ହୁଅ, ତା ନିର୍ଦ୍ଦେଶଗୁଡିକ ଉପରେ ପରିଚାଳିତ ହୁଅ । ଏହା ହେଉଛି ଅଲ୍ଲାଃତାଲାଙ୍କ ସହିତ ନ୍ୟାୟ) ‘‘ଏବଂ କାହାକୁ ତାର ସମକକ୍ଷ ବନାଓ ନାହିଁ ଓ ତାକୁ ହିଁ ଚିହ୍ନ’’ (ଅଲ୍ଲାଃତାଲାଙ୍କ ପ୍ରକୃତ ରୂପକୁ ଚିହ୍ନ ଅର୍ଥାତ୍ ଅଲ୍ଲାଃତାଲାଙ୍କ ମୁକାମ୍‌କୁ ଚିହ୍ନ) ‘‘ଓ ଏଥିରେ ଉନ୍ନତି କରିବାକୁ ଚେଷ୍ଟା କର’’ (ଏହାଠାରୁ ଆଗକୁ ଆହୁରି ବଢ଼) ‘‘ତେବେ ଏହା ହେଉଛି ଅନୁଗ୍ରହର ଦରଜା’’ (ଏବେ ଅଲ୍ଲାଃତାଲାଙ୍କ ଉପରେ ମନୁଷ୍ୟ କି ପ୍ରକାର ଅନୁଗ୍ରହ କରିବା) ପୁଣି କହିଲେ ତାହା ହେଉଛି ଅଲ୍ଲାଃଙ୍କ ଅସ୍ତିତ୍ୱ ଉପରେ ଏପରି ବିଶ୍ୱାସ କରିବା କି ଯେପରି ତାକୁ ଆମେ ଦେଖୁଅଛୁ’’ (ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ଏପରି ବିଶ୍ୱାସ ହୋଇଯାଉ କି ମନୁଷ୍ୟ ସବୁବେଳେ ଏହା ଭାବୁ କି ମୁଁ ଖୁଦାଙ୍କୁ ଦେଖୁଅଛି ।) ‘‘ଓ ଯେଉଁ ଲୋକମାନେ ତୁମ ସହିତ ଉତମ ବ୍ୟବହାର କରିନାହାଁନ୍ତି ସେମାନଙ୍କ ସହିତ ଉତମ ବ୍ୟବହାର କରିବା ଏବଂ ଯଦି ଏହାଠାରୁ ବଳି ଅଧିକା ବ୍ୟବହାର କରିବାକୁ ଚାହଁ ତେବେ ପୁଣ୍ୟର ଆଉ ଏକ ମାର୍ଗ ଏହା ହେଉଛି କି ଇଶ୍ୱରଙ୍କ ସହିତ ପ୍ରେମ ପ୍ରାକୃତିକ ପ୍ରେମଦ୍ୱାରା କର । ନା ସ୍ୱର୍ଗର ଲୋଭ ରଖି ନା ନର୍କର ଭୟ ରଖି’’ (ଲୋକମାନଙ୍କ ସହିତ ମଣିଷ ଉତମ ବ୍ୟବହାର କରିଥାଏ । ଏହା ତା ନିକଟ ସମ୍ପର୍କୀୟଙ୍କ ସହିତ ସ୍ୱତଃ ହୋଇଯାଏ କିନ୍ତୁ ଅଲ୍ଲାଃତାଲାଙ୍କ ସହିତ ପ୍ରେମ କରିବାର ଏପରି ସ୍ତରକୁ ପହଂଚିବାକୁ ହେଲେ ଖୁଦାଙ୍କ ସହିତ ପ୍ରାକୃତିକ ପ୍ରେମ ଦ୍ୱାରା ସମ୍ପର୍କ ଯୋଡ଼ାଯାଏ । ଅଲ୍ଲାଃତାଲାଙ୍କ ସହିତ ପ୍ରେମ ଏଇଥିପାଇଁ ହୋଇଛି, ତା ସହିତ ଆମକୁ ପ୍ରେମ କରିବା ଉଚିତ୍ । କାରଣ ତାର ଅଗଣତି ବିଶେଷ ଗୁଣ ଓ ଅନୁଗ୍ରହ ଆମ ଉପରେ ଅଛି । ନା ଏଥିପାଇଁ କି ଆମକୁ ଏହା ବଦଳରେ ସ୍ୱର୍ଗ ମିଳିବ ବା ନ କରିବା ଯୋଗୁ ନର୍କର ଭୟ ହେବ ।) ‘‘ନା ସ୍ୱର୍ଗର ଲୋଭ ନା ନର୍କର ଭୟ’’ ଏହାକୁ ସମ୍ମୁଖରେ ରଖି ଅଲ୍ଲାଃତାଲାଙ୍କ ସହିତ ପ୍ରେମ କରିବା । ଏହା ଅଲ୍ଲାଃତାଲାଙ୍କର ଇତାଏଜିଲ୍ କୁର୍‌ବା ର ମକାମ୍ ଅଟେ । ପୁଣି କହୁଛନ୍ତି କି ‘‘ବରଂ ଯଦି ଏକଥା ଧରାଯାଏ କି ନା ତ ସ୍ୱର୍ଗ ଅଛି ନା ତ ନର୍କ ଅଛି ବୋଲି । ତେବେ ମଧ୍ୟ ପ୍ରେମଭାବ ଓ ଆଜ୍ଞାବହତାରେ କୌଣସି ଫରକ ଆସିବ ନାହିଁ । ଏହିପରି ପ୍ରେମ ଯଦି ଅଲ୍ଲାଃତାଲାଙ୍କ ସହିତ ରହିବ ତେବେ ସେଥିରେ ଏକ ଆକର୍ଷଣ ସୃଷ୍ଟି ହୋଇଯିବ ଓ କୌଣସି ପ୍ରକାର ବିଚାର ଓ ଦୋଷ ରହିବନି’’ ।

ଏବଂ ପୁଣି ଆଗକୁ କହୁଛନ୍ତି କି ‘‘ଏବଂ ଖୁଦାଙ୍କ ସୃଷ୍ଟଜଙ୍କ ସହିତ ଏପରି ବ୍ୟବହାର କର ଯେପରି ତୁମେ ସେମାନଙ୍କର ବାସ୍ତବିକ ବନ୍ଧୁ ବାନ୍ଧବ ଅଟ । ଏହି ଦରଜାଟି ସମସ୍ତଙ୍କଠାରୁ ବଳିକରି ଅଟେ । କାରଣ ଏହ୍‌ସାନ୍ (ଅନୁଗ୍ରହ) କରିବାରେ ଏକ ପ୍ରକାର ଆତ୍ମବଡ଼ିମା ରହିଥାଏ ଓ ଯଦି କେହି ଅନୁଗ୍ରହକୁ ଭୁଲିଯାଏ ତେବେ ଅନୁଗ୍ରହ କରିଥିବା ବ୍ୟକ୍ତି ତାକୁ ଏହା କହି ବସେ କି ମୁଁ ତୁମ ସହିତ ଅମୁକ ଅମୁକ ସାହାଯ୍ୟ କରିଥିଲି କିନ୍ତୁ ବାସ୍ତବିକ/ପ୍ରାକୃତିକ ପ୍ରେମ ଯାହା ମା’ ତା ପିଲାମାନଙ୍କ ସହିତ କରିଥାନ୍ତି ସେଥିରେ କୌଣସି ପ୍ରକାର ଆତ୍ମବଡ଼ିମା ନଥାଏ’’ ବରଂ ଯଦି ଜଣେ ସମ୍ରାଟ ଜଣେ ମା’କୁ ଏ ନିର୍ଦ୍ଦେଶ ଦିଏ କି ତୁମେ ଏହି ପିଲାକୁ ଯଦି ମାରି ମଧ୍ୟ ଦେବ ତେବେ ତୁମଠାରୁ କୌଣସି ହିସାବ ନିଆଯିବ ନାହିଁ । ତେବେ ମଧ୍ୟ ସେ କଦାପି ଏକଥାକୁ ଶୁଣିବାକୁ ଚାହିଁବ ନାହିଁ ଓ ସେହି ସମ୍ରାଟକୁ ଗାଳିଦେବ । ଯେବେ କି ସେ ଏହା ଜାଣିଛି କି (ତାର ପୁତ୍ର) ଯୁବକ ହେଉ ମୁଁ ମରିଯିବି କିନ୍ତୁ ପୁଣି ମଧ୍ୟ ସେ ତା ନିଜସ୍ୱ ପ୍ରେମ ଯୋଗୁ ଉକ୍ତ ପୁତ୍ରର ଲାଳନ ପାଳନ କରିବା ପରିତ୍ୟାଗ କରିବ ନାହିଁ’’ । ପୁଣି କହୁଛନ୍ତି କି ‘‘ଅଧିକାଂଶ ସମୟ ମା’ ବାପା ବୟସ୍କ ଅବସ୍ଥାରେ ତାଙ୍କର ସନ୍ତାନ ହୋଇଥାଏ । ତେଣୁ ସେମାନଙ୍କର ସନ୍ତାନଙ୍କଠାରୁ କୌଣସି ପ୍ରକାର ଲାଭ ପାଇବା ପାଇଁ ସେମାନେ ବିଶ୍ୱାସ ରଖିନଥାନ୍ତି । ଏହା ସତ୍ତ୍ୱେ ମଧ୍ୟ ସେମାନେ ତାଙ୍କ ସନ୍ତାନ ମାନଙ୍କର ଲାଳନ ପାଳନ କରିଥାନ୍ତି ଓ ପ୍ରେମ କରିଥାନ୍ତି । ଏହା ଏକ ପ୍ରାକୃତିକ ଅବସ୍ଥା । ଏହିପରି ସ୍ତର ପର୍ଯ୍ୟନ୍ତ ଯେଉଁ ପ୍ରେମ ପହଂଚିଯାଏ ସେହି ପ୍ରେମର ଇଂଗିତ ଆମେ ଆମକୁ ଇତାଏଜିଲ୍ କୁର୍‌ବାରେ କୁହାଯାଇଛି କି ଏହି ପ୍ରକାରର ପ୍ରେମ ଖୁଦାଙ୍କ ସହିତ ରହିବା ଉଚିତ୍ । ନା କୌଣସି ପଦବୀର ଇଚ୍ଛା ନା କୌଣସି ଅସମ୍ମାନର ଭୟ’’ । (ମଲ୍‌ଫୁଜାତ୍, ଖଣ୍ଡ-୬, ପୃଷ୍ଠା-୧୮୧-୧୮୨, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଉକ୍ତ ପାରାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବହୁତ ସୁନ୍ଦର ରୂପେ ଆମକୁ ଆମର ଦୁଇ ପ୍ରକାରର ହକୁକ୍ (ଅଧିକାର ପ୍ରଦାନ କରିବା)ର ଉଚ୍ଚତମ ସ୍ତର ହାସଲ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି । ଅଲ୍ଲାଃତାଲାଙ୍କ ହକ୍ ଓ ତାଙ୍କ ସହିତ ପ୍ରେମର ପରିପ୍ରକାଶ ମଧ୍ୟ ଓ ଅଲ୍‌ହମ୍‌ଦୋଲିଲ୍ଲାଃର ବାସ୍ତବିକ ଜ୍ଞାନ ଓ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିବାର ସଠିକ୍ ଶୈଳୀ ମଧ୍ୟ ବତାଇଛନ୍ତି । ତତ୍ ସହିତ ଅଲ୍ଲାଃତାଲାଙ୍କ ଭକ୍ତଙ୍କ ସହିତ ଉତମ ବ୍ୟବହାର ଓ ସୁସମ୍ପର୍କ ସ୍ଥାପନ କରିବାର ଉଚ୍ଚତମ ସ୍ତର ମଧ୍ୟ ବତାଇ ଦେଇଛନ୍ତି ଓ ଏହା ହିଁ ସେହି ସଠିକ୍ ନିୟମାବଳୀ ଯାହା ଦୁନିଆରେ ବାସ୍ତବିକ ଖୁସିକୁ ସ୍ଥାପନ କରିପାରିବ ।

ପୁଣି ସୃଷ୍ଟଜଙ୍କ ହକ୍ ଓ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ସ୍ପଷ୍ଟ କରି ଏହାର ଅନେକ ପାର୍ଶ୍ୱକୁ ମଧ୍ୟ ବର୍ଣ୍ଣନା କଲେ । କଥା ତ ତାହା ହିଁ ଅଛି କିନ୍ତୁ କିଛି ନୁଆ ନୁଆ ଶବ୍ଦ ବ୍ୟବହାର କରାଯାଇଛି ।

ଆପଣ ଆ:ସ କହୁଛନ୍ତି ‘‘ଖୁଦା ତୁମଠାରୁ କଣ ଚାହୁଁଛନ୍ତି ? କେବଳ ଏତିକି କି ତୁମେ ମାନବ ଜାତି ସହିତ ନ୍ୟାୟ କର ଓ ତାଠାରୁ ବଳି ତାଙ୍କ ସହିତ ପୁଣ୍ୟ କର୍ମ କର, ଯେଉଁମାନେ ତୁମ ସହିତ କୌଣସି ପ୍ରକାର ପୁଣ୍ୟକର୍ମ କରିନାହାଁନ୍ତି । ପୁଣି ଏହାଠାରୁ ବଳି ତୁମେ ଖୁଦାଙ୍କ ପ୍ରାଣୀ ମାନଙ୍କ ସହିତ ଏପରି ସହାନୁଭୂତି ଦେଖାଓ ଯେପରିକି ତୁମେ ସେମାନଙ୍କର ବାସ୍ତବିକ ବନ୍ଧୁବାନ୍ଧବ ଅଟ’’ ।

ଏଠାରେ ପୁଣ୍ୟର ଉଚ୍ଚତମ ସ୍ତର କଣ ବତାଉଛନ୍ତି ଅର୍ଥାତ୍ ତୁମ ସହିତ ପୁଣ୍ୟ କାର୍ଯ୍ୟ କରିନଥିବା ବ୍ୟକ୍ତିଙ୍କ ସହିତ ମଧ୍ୟ ତୁମେ ପୁଣ୍ୟ କର । ଏହା ହେଉଛି ଜଣେ ବାସ୍ତବିକ ମୋମିନ୍ (ବିଶ୍ୱାସକାରୀ)ଙ୍କ ଗୁଣ । ଯେ କେହି ତୁମ ସହିତ ଉତମ ବ୍ୟବହାର କରେ ବା ତୁମ ସହିତ ପୁଣ୍ୟ କରିଥାଏ ତା ସହିତ ତୁମେ ମଧ୍ୟ ପୁଣ୍ୟ କରିଥାଓ । କିନ୍ତୁ ଯେଉଁ ବ୍ୟକ୍ତି ପୁଣ୍ୟକାର୍ଯ୍ୟ କରିନଥାଏ ତା ସହିତ ପୁଣ୍ୟ କାର୍ଯ୍ୟ କରିବା ହିଁ ଅସଲ ପୁଣ୍ୟ ।

ଏବଂ ପୁଣି କହୁଛନ୍ତି କି ‘‘ତୁମେ ଖୁଦାଙ୍କ ପ୍ରାଣୀମାନଙ୍କ ସହିତ ଏପରି ସହାନୁଭୂତି ଦେଖାଓ ଯେପରି ତୁମେ ତାଙ୍କର ବାସ୍ତବିକ ବନ୍ଧୁ ବାନ୍ଧବ ଅଟ, ଯେପରିକି ମା’ ମାନେ ନିଜ ପିଲାମାନଙ୍କ ସହିତ (ସହାନୁଭୂତି) ଦେଖାଇଥାନ୍ତି’’ । ଏଠି ପୁଣ୍ୟ କରୁନଥିବା ଲୋକଙ୍କ ସହିତ କେବଳ ନ୍ୟାୟ କରିବ ନାହିଁ ବରଂ ସେମାନଙ୍କ ଉପରେ ଏହ୍‌ସାନ୍ (ଅନୁଗ୍ରହ) ମଧ୍ୟ କରିବାକୁ ହେବ । ପୁଣି ଏହ୍‌ସାନ୍ କରିବାର ଆଗକୁ ବଢ଼ି ଆପଣ କହୁଛନ୍ତି କି ସେମାନଙ୍କ ସହିତ ଏପରି ବ୍ୟବହାର କରି ଯେପରି ମା’ମାନେ ନିଜର ପିଲାମାନଙ୍କ ସହିତ ବ୍ୟବହାର କରିଥାନ୍ତି । ‘‘କାରଣ ଏହ୍‌ସାନ୍ (ଅନୁଗ୍ରହ) କରିବା ଦ୍ୱାରା ଏକ ପ୍ରକାର ଆତ୍ମ ପ୍ରଦର୍ଶନର କଳିକା ଲୁଚି ରହିଥାଏ ଓ ଏହ୍‌ସାନ୍ (ଅନୁଗ୍ରହ) କରିବା ବାଲା ବେଳେବେଳେ ନିଜର ଏହ୍‌ସାନ୍‌କୁ ମନେପକାଇ ଦିଏ । କିନ୍ତୁ ସେ ବ୍ୟକ୍ତି ଯିଏ ମା’ ପରି ପ୍ରାକୃତିକ ଅବସ୍ଥାରେ ପୁଣ୍ୟ କରିଥାଏ ସେ କଦାପି ଆତ୍ମ ପ୍ରଦର୍ଶନ କରିପାରେନା । ସୁତରାଂ ପୁଣ୍ୟର ଶେଷ ସୀମା ହେଉଛି ପ୍ରାକୃତିକ ଅବସ୍ଥାରେ ଯେପରି ମା’ କହିଥାଏ । ଏବଂ ଏହି ଆୟତଟି ନା କେବଳ ପ୍ରାଣୀମାନଙ୍କ ନିମନ୍ତେ ରହିଛି ବରଂ ଖୁଦାଙ୍କ ନିମନ୍ତେ ମଧ୍ୟ

ରହିଛି । ଖୁଦାଙ୍କ ସହିତ ନ୍ୟାୟ କରିବା ହେଉଛି ନେମତ୍ (ଅନୁଗ୍ରହ) ଗୁଡ଼ିକୁ ମନେକରି ତାର ଆଜ୍ଞାବହତା ସ୍ୱୀକାର କରିବା’’ । (ପୁନର୍ବାର ସେହି କଥାକୁ ପୁନରାବୃତ୍ତି କରିଛନ୍ତି) ‘‘ଓ ଖୁଦାଙ୍କ ସହିତ୍ ଏହ୍‌ସାନ୍ (ଅନୁଗ୍ରହ) କରିବା ହେଉଛି ଏହା କି ତା ଅସ୍ତିତ୍ୱ ଉପରେ ବିଶ୍ୱାସ କରିବା ଯେପରି ତାକୁ ତୁମେ ଦେଖୁଅଛ ଓ ଖୁଦାଙ୍କ ସହିତ ଇତାଏଜିଲ୍ କୁର୍‌ବା ହେଉଛି ଏହା କି ତାର ଉପାସନା ନା ତ ସ୍ୱର୍ଗର ଲୋଭ ଦେଖି କରିବ ନା ନର୍କ ଭୟ ରଖି କରିବା ବରଂ ଯଦି ଏହା ମାନି ନିଆଯାଏ କି ନା ତ ସ୍ୱର୍ଗ ଅଛି ନା ନର୍କ ଅଛି ତେବେ ମଧ୍ୟ ନିଜର ପ୍ରେମଭାବ ଓ ଆଜ୍ଞାବହତାରେ କୌଣସି ଫରକ ପଡ଼ିବ ନାହିଁ’’ । (କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୩୦-୩୧)

ଛୋଟ ଛୋଟ କଥାରେ ଲୋକମାନେ ଏହା କହିଦେଉଛନ୍ତି କି ଅଲ୍ଲାଃତାଲା ପ୍ରାର୍ଥନା ଶୁଣିଲେ ନାହିଁ । ଅମୁକ ସମସ୍ୟା ଉପୁଜିଗଲା ବା ଅମୁକ ଜିନିଷ ହୋଇଗଲା । ଏହିପରି ଅଲ୍ଲାଃତାଲାଙ୍କ ବିରୁଦ୍ଧରେ ନିନ୍ଦାଭାବ ସୃଷ୍ଟିହେବ ଆରମ୍ଭ ହୋଇଯାଏ । ତାର ଏହ୍‌ସାନ୍ (ଅନୁଗ୍ରହ) ଗୁଡ଼ିକୁ ମନେପକାନ୍ତି ନାହିଁ । ତେଣୁ ସେ କହିଲେ ତାର ଏହ୍‌ସାନ୍ (ଅନୁଗ୍ରହ) ଗୁଡ଼ିକୁ ମନେରଖ ଓ ତାର ପୁରସ୍କାର ଗୁଡ଼ିକୁ ମନେପକାଓ ଓ ପ୍ରାକୃତିକ ଅବସ୍ଥାରେ ତା ସହିତ ପ୍ରେମ କର । ସୁତରାଂ ଏହା ହେଉଛି ଏପରି ସ୍ତର ଯାହା ଆମକୁ ହାସଲ କରିବାକୁ ହେବ ଓ ବାସ୍ତବିକ ଖୁସି ସେତେବେଳେ ଆମକୁ ମିଳିବି ଯେତେବେଳେ ଆମେ ଏହା ହାସଲ କରିବା ।

ଆମ ଉପରେ ଅଲ୍ଲାଃତାଲାଙ୍କର ଅଗଣତି ଏହ୍‌ସାନ୍ ରହିଛି । ପ୍ରତ୍ୟହ ଆମେ ସେହି ଅଗଣତି ପୁରସ୍କାର ଗୁଡ଼ିକରୁ ଭାଗ ପାଉଛେ । ତେଣୁ ସେଗୁଡ଼ିକୁ ମନେପକାଇ ଅଲ୍ଲାଃତାଲାଙ୍କ ଆଜ୍ଞା ପାଳନ କରିବାର ଗୋଟିଏ ପଟେ ରହିଲା ବହୁତ ଲୋକ ଏପରି ମଧ୍ୟ ଅଛନ୍ତି ଯେଉଁମାନେ ଅଲ୍‌ହମ୍‌ଦୋଲିଲ୍ଲାଃ କହି ତାର କୃତଜ୍ଞତା ମଧ୍ୟ ଜ୍ଞାପନ କରୁନାହାଁନ୍ତି । ଅର୍ଥାତ୍ ଅଲ୍‌ହମ୍‌ଦୋଲିଲ୍ଲାଃ ମଧ୍ୟ କହୁନାହାଁନ୍ତି ବା କୌଣସି ଶବ୍ଦରେ ତାକୁ ଧନ୍ୟବାଦ ଜଣାଉନାହାଁନ୍ତି ଓ ଆନନ୍ଦ ଉତ୍ସବ ଅବସରରେ ତାକୁ ସମ୍ପୂର୍ଣ୍ଣ ରୂପେ ଭୁଲି ଯାଉଛନ୍ତି କି ଅଲ୍ଲାଃତାଲା ଆମଠାରୁ କଣ ଚାହୁଁଛନ୍ତି ।

ପୁଣି ଅଲ୍ଲାଃତାଲାଙ୍କ ସହିତ ମନୁଷ୍ୟ କି ପ୍ରକାରର ଏହ୍‌ସାନ୍ (ଅନୁଗ୍ରହ) କରିପାରିବ । କିନ୍ତୁ ହଜରତ୍ ମସିହ୍ ମଉଦ୍ ଆ:ସ ଆମକୁ ପ୍ରତ୍ୟେକ ଅବସରରେ ମାର୍ଗ ଦର୍ଶନ କରୁଛନ୍ତି ଓ ତର୍‌ବିୟତ୍ ମଧ୍ୟ କରୁଛନ୍ତି । କହୁଛନ୍ତି କି ଅଲ୍ଲାଃତାଲାଙ୍କ ସହିତ ଏହ୍‌ସାନ୍ (ଅନୁଗ୍ରହ)ର ସମ୍ପର୍କ ହେଉଛି ଏହା କି ତା ଏହ୍‌ସାନ୍ (ଅଗୁଗ୍ରହ) ଗୁଡ଼ିକୁ ମନେପକାଇ ତା ସହିତ ସମ୍ପର୍କକୁ ଏତେ ନିବିଡ଼ କରିଦିଅ କି ଯେପରି ତୁମେ ଖୁଦାଙ୍କୁ ଦେଖୁଅଛ । ଜଣେ ପ୍ରକୃତ ମୋମିନ୍‌ର ଏହା ହେଉଛି ଚିହ୍ନ । ଅଲ୍ଲାଃତାଲା ଏହିପରି ଅବସ୍ଥା ଆମ ଭିତରେ ସୃଷ୍ଟି କରିବା ପାଇଁ ଆମକୁ ଶକ୍ତି ପ୍ରଦାନ କରନ୍ତୁ । ଓ ଆମେ ତାର ଏପରି ଉପାସନା କରିପାରିବା ଯାହା ଲୋଭହୀନ ଓ ଅଲ୍ଲାଃତାଲାଙ୍କ ପ୍ରେମଯୋଗ୍ୟ ହେବ । ତାର ଦୟା ଓ ଅନୁଗ୍ରହକୁ ସମ୍ମୁଖରେ ରଖି କେବଳ ତାର କୃତଜ୍ଞତା ଜ୍ଞାପନ କରିବା ପାଇଁ ନହେଉ ।

ପୁଣି ଏ ସମ୍ବନ୍ଧରେ ହଜରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି- ‘‘ତୁମପାଇଁ ଖୁଦାଙ୍କର ଏ ନିର୍ଦ୍ଦେଶ ଅଛି କି ତୁମେ ତା ସହିତ ଓ ତାର ପ୍ରାଣୀଜଗତ ସହିତ ନ୍ୟାୟ ବ୍ୟବହାର କର । ଅର୍ଥାତ୍ ହକ୍‌କୁଲ୍ଲାଃ (ଅଲ୍ଲାଃଙ୍କ ଅଧିକାର) ଓ ହକ୍‌କୁଲ୍ ଇବାଦ୍ (ପ୍ରାଣୀମାନଙ୍କ ଅଧିକାର)କୁ ପ୍ରଦାନ କର । ଏବଂ ଏହାଠାରୁ ବଳି ଯଦି ହୋଇପାରେ ତେବେ ନା କେବଳ ନ୍ୟାୟ କର ବରଂ ଏହ୍‌ସାନ୍ (ଅନୁଗ୍ରହ) କର । ଅର୍ଥାତ୍ ଧାର୍ଯ୍ୟଠାରୁ ଅଧିକା ଓ ଏପରି ନିଷ୍ଠାର ସହିତ ଖୁଦାଙ୍କ ଉପାସନା କର କି ଯେପରି ତୁମେ ତାକୁ ଦେଖୁଅଛ’’ । ଉପାସନା ଗୁଡ଼ିକୁ କରିବା ପାଇଁ ଅଲ୍ଲାଃତାଲା ଧାର୍ଯ୍ୟ କରିଛନ୍ତି ଯେପରି ପାଂଚବେଳା ନମାଜ ରହିଛି, ଇଦ୍ ଧାର୍ଯ୍ୟ ରହିଛି, ଜୁମା ଧାର୍ଯ୍ୟ ରହିଛି ଏବଂ ଏହ୍‌ସାନ୍ (ଅନୁଗ୍ରହ) ଅର୍ଥାତ୍ ତାର ଉପାସନାର ଅଧିକାରକୁ ପ୍ରଦାନ କରିବା ସହିତ ନଫିଲ୍ ପ୍ରତି ଧ୍ୟାନ ମଧ୍ୟ ଦେବା ଓ ଅଧିକାର ପ୍ରଦାନକରିବା ଠାରୁ ବଳି ଲୋକମାନଙ୍କ ସହିତ ଉତ୍ତମ ବ୍ୟବହାର କର’’ । ଅର୍ଥାତ୍ ଯାହାର ଯେତିକି ଅଧିକାର ଅଛି ତାଠାରୁ ଅଧିକା ପ୍ରେମ ଓ ସ୍ନେହ ପ୍ରଦାନ କରି ଉତ୍ତମ ବ୍ୟବହାର କର । ‘‘ଯଦି ତାଠାରୁ କିଛି ଅଧିକା ହୋଇପାରୁଛି ତେବେ ଏପରି ଲୋଭହୀନ ହୋଇ ଖୁଦାଙ୍କ ଉପାସନା କର ଓ ଅଲ୍ଲାଃଙ୍କ ପ୍ରାଣୀଜଗତର ସେବା କର ଯେପରି ଜଣେ ନିଜ ସମ୍ପର୍କୀୟଙ୍କ ସହିତ କରିଥାଏ’’ । (ଶହ୍‌ନାଏ ହକ୍, ରୁହାନି ଖଜାଏନ୍, ଖଣ୍ଡ-୨, ପୃଷ୍ଠା-୩୬୧-୩୬୨)

ପୁଣି ମାନବ ଜାତି ସହିତ ସହାନୁଭୂତି ଓ ସେମାନଙ୍କ ସହିତ ଉତ୍ତମ ବ୍ୟବହାର ବିଷୟରେ ପବିତ୍ର କୋରାନ୍‌ରୁ ସ୍ପଷ୍ଟୀକରଣ କରି ଗୋଟିଏ ସ୍ଥାନରେ କହୁଛନ୍ତି କି ‘‘ନିଜ ଭାଇମାନଙ୍କ ସହିତ ଓ ମାନବ ଜାତି ସହିତ ନ୍ୟାୟ କର ଓ ନିଜ ଅଧିକାରଠାରୁ ଅଧିକା ସେମାନଙ୍କ ଠାରୁ କିଛି ଆଶା କରନାହିଁ ଓ ନ୍ୟାୟ ଉପରେ ପ୍ରତିଷ୍ଠିତ ହୁଅ’’ । କୌଣସି ପ୍ରକାରର ଅତ୍ୟାଚାର ତାଙ୍କ ସହିତ କରନାହିଁ । ନିଜର ଯେଉଁ ଅଧିକାର ଅଛି, ସେତିକି ହିଁ ଅଧିକାର ଗ୍ରହଣ କର । କିନ୍ତୁ ଏହାଠାରୁ ଅଧିକା ତାଙ୍କ ଉପରେ ଅତ୍ୟାଚାର କରି ନିଜର ଅଧିକାରକୁ ହାତେଇବା ପାଇଁ ସେମାନଙ୍କର ଅଧିକାରକୁ ମାରିବାକୁ ଲାଗିପଡ଼ନାହିଁ । କାରଣ ଏହାଦ୍ୱାରା ନ୍ୟାୟର ସର୍ତ୍ତ ପୂରା ପୂରଣ ହୁଏନାହିଁ । ତେଣୁ ନ୍ୟାୟ ହେଉଛି ଏହା କି ନ୍ୟାୟ ଉପରେ କାଏମ୍ ରୁହ । ନିଜ ଅଧିକାରଠାରୁ ଅଧିକା କୌଣସି ଜିନିଷର ଆଶା କରନାହିଁ । କିଛି ଲୋକ ମୋକଦ୍ଦମା ଗୁଡ଼ିକରେ ନିଜ ଅଧିକାରଠାରୁ ମଧ୍ୟ ଅଧିକା ପାଇବା ପାଇଁ ସୀମା ବାହାରକୁ ଚାଲିଯାଉଛନ୍ତି । ସେଥିଯୋଗୁ କହିଲେ ‘‘ଏବଂ ଯଦି ଏହି ସ୍ତରରୁ ଉନ୍ନତି କରିବାକୁ ଚାହଁ ତେବେ ଏହାଠାରୁ ଆଗକୁ ଅଧିକା ହେଉଛି ଏହ୍‌ସାନ୍ (ଅନୁଗ୍ରହ)ର ସ୍ତର । ଏବଂ ତାହା ହେଉଛି ଏପରିକି ତୁମେ ନିଜ ଭାଇଙ୍କ କୁକାର୍ଯ୍ୟ ବଦଳରେ ତା ସହିତ ପୁଣ୍ୟ କର’’ । ଅର୍ଥାତ୍ ପୂର୍ବରୁ ତୁମ ସହିତ ଯିଏ ପୁଣ୍ୟ କରିନାହାଁନ୍ତି ତା ସହିତ ମଧ୍ୟ ତୁମେ ପୁଣ୍ୟ କର । ଏବଂ ପୁଣି କହିଲେ କି ଯିଏ ତୁମ ସହିତ କୁକାର୍ଯ୍ୟ କରିଥାଏ ଅର୍ଥାତ୍ ଖରାପ ବ୍ୟବହାର କରେ ବା ତୁମକୁ କ୍ଷତି ପହଂଚାଏ ତା ସହିତ ତୁମେ ମଧ୍ୟ ପୁଣ୍ୟ କର । ଏହା ହେଉଛି ଏହ୍‌ସାନ୍ (ଅନୁଗ୍ରହ) । ‘‘ଏବଂ ସେ ତୁମକୁ ଯେଉଁ ଦୁଃଖ ଦେଉଛି ତା ପ୍ରତି ବଦଳରେ ତୁମେ ତାଙ୍କୁ ସୁଖ ପ୍ରଦାନ କର’’ ଅର୍ଥାତ୍ ଯଦି ସେ ତୁମକୁ ଦୁଃଖ ଦେଉଛି ତୁମେ ତାକୁ ଖୁସି ଦିଅ ଓ ତୁମେ ତାକୁ ଆରାମ ପହଂଚାଓ । ‘‘ଓ ସହାନୁଭୂତି ଓ ଅନୁଗ୍ରହ ରୂପେ ମାର୍ଗ ଦର୍ଶନ କର । ପୁଣି କହୁଛନ୍ତି କି ‘‘ପୁଣି ଏହାପରେ ଇତାଏଜିଲ୍ କୁର୍‌ବାର ସ୍ତର ଅଛି ଓ ତାହା ହେଉଛି ଏପରିକି ତୁମେ ଯେଉଁ ପ୍ରକାରର ପୁଣ୍ୟ ନିଜ ଭାଇମାନଙ୍କ ସହିତ କରୁଛ ବା ଯେଉଁ ପ୍ରକାରର ତୁମେ ଲୋକମାନଙ୍କ ସହିତ ସଦ୍ ବ୍ୟବହାର କରୁଛ ସେଥିରୁ କୌଣସି ପ୍ରକାର ଅନୁଗ୍ରହର ଆଶା ନ ରଖ, ବରଂ ପ୍ରାକୃତିକ ଅବସ୍ଥାରେ ଏହା ତୁମଠାରୁ ପ୍ରକଟ ହେଉ । ଯେପରି ନିଜ ନିକଟ ସମ୍ପର୍କୀୟ ସହିତ ଜଣେ ଉତ୍ସାହିତ ହୋଇ ପୁଣ୍ୟ କରିଥାଏ’’ । ଯେପରି ଜଣେ ବନ୍ଧୁ ତା ବନ୍ଧୁଙ୍କ ସହିତ ବ୍ୟବହାର କରେ, ଭାଇ ତା ନିଜ ଭାଇ ସହିତ କରିଥାଏ ଓ ମା’ ତାର ପିଲାମାନଙ୍କ ସହିତ କରିଥାଏ ସେହିପରି ପୁଣ୍ୟ କର । ‘‘ସୁତରାଂ ଏହା ହେଉଛି ଚାରିତ୍ରିକ ଉନ୍ନତିର ସମ୍ପୂର୍ଣ୍ଣତା’’ ଅର୍ଥାତ୍ ଚାରିତ୍ରିକ ଉନ୍ନତିର ଯେଉଁ ପୂର୍ଣ୍ଣତା ଅଛି ଏହା ହେଉଛି ତାର ଶେଷସୀମା । ତେଣୁ ସେହିଭଳି ପୁଣ୍ୟ କର । ଏପରି କରିବା ପାଇଁ ଅଲ୍ଲାଃ ନିର୍ଦ୍ଦେଶ ଦେଇଛନ୍ତି । ‘‘ଅର୍ଥାତ୍ ପ୍ରାଣୀଜଗତ ସହିତ ସହାନୁଭୂତି କରିବାରେ କୌଣସି ନିଜସ୍ୱ ଲୋଭ ନଥିବ ବା ତା ପଛରେ କୌଣସି କାରଣ ନଥିବ ବରଂ ମାନବିକତା ଦୃଷ୍ଟିକୋଣରୁ ସ୍ୱତଃସ୍ଫୂର୍ତ୍ତ ଭାବେ ବିନା କୌଣସି ଲୋକ ଦେଖାଣିଆରେ କେବଳ ଆନ୍ତରିକ ଓ ପ୍ରାକୃତିକ ଅବସ୍ଥାରେ ଏହା କରାଯାଏ’’ । (ଅଜାଲା ଅଉହାମ୍, ରୁହାନି ଖଜାଏନ୍, ଖଣ୍ଡ-୩, ପୃଷ୍ଠା-୫୫୧-୫୫୨) ଏହା ଏପରି ହେବା ଉଚିତ୍ ଏଥିରେ କୌଣସି ପ୍ରକାରର ଦେଖାଣିଆ ଭାବ ଓ ନା କୌଣସି ପ୍ରକାରର ଆଶା ଥିବ ବା କୌଣସି ଆନ୍ତରିକ ଇଚ୍ଛା ନଥିବ କି ଯଦି ମୁଁ ଅମୁକ ଲୋକ ସହିତ ଉତ୍ତମ ବ୍ୟବହାର କରିବି ତା ପ୍ରତିବଦଳରେ ମୋତେ ସେ ଆଶୀର୍ବାଦ ଦେବ । ଏହିଭଳି କୌଣସି ପ୍ରକାରର ଇଚ୍ଛା ସେଥିରେ ନଥିବ । ତେବେ ଯାଇ ସେଇ ପୁଣ୍ୟ ପ୍ରକୃତ ପୁଣ୍ୟ ହେବ, ଯାହା ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରାକୃତିକ ଅବସ୍ଥାରେ ନିଜ ହୃଦୟରୁ ବାହାରିଥାଏ ।

ହଜରତ୍ ମସିହ୍ ମଉଦ୍ ଆ:ସ ଲୋକମାନଙ୍କ ସହିତ ସହାନୁଭୂତି କରିବା ବିଷୟରେ ବାରମ୍ବାର ଓ ଅନେକ ସ୍ଥାନରେ ଏହି କଥାକୁ ନିର୍ଦ୍ଦେଶ ଦେଇଛନ୍ତି ବରଂ ଗୋଟିଏ ସ୍ଥାନରେ ଏହା ମଧ୍ୟ କହିଛନ୍ତି କି କିଛି ଲୋକେ ହୁକୁକୁଲ୍ଲାଃ (ଅଲ୍ଲାଃଙ୍କର ହକ୍) ପ୍ରଦାନ କରୁଛନ୍ତି ଅର୍ଥାତ୍ ନମାଜ ଓ ରୋଜା ରଖୁଛନ୍ତି ଓ ଜଣେ ପୁଣ୍ୟବାନ୍ ବ୍ୟକ୍ତି ଓ ଉପାସକ ପରି ଦେଖାମଧ୍ୟ ଯାଉଛନ୍ତି । କିନ୍ତୁ ଯେଉଁଠି ପ୍ରାଣୀଜଗତର ଅଧିକାର ପ୍ରଦାନ କରିବାର ବିଷୟ ଉଠିଛି ସେଠାରେ ସେମାନଙ୍କର ଦୃଷ୍ଟିକୋଣ ବଦଳି ଯାଉଛି । ଅର୍ଥାତ୍ ସେମାନଙ୍କର ପୁଣ୍ୟ ବଦଳି ଯାଉଛି । ଏହା ସତ୍ୟ ଅଟେ । ମୋତେ ମଧ୍ୟ ବେଳେବେଳେ ଲୋକମାନେ ଏହା ଲେଖୁଛନ୍ତି । ଲୋକଙ୍କର ବ୍ୟବହାର ଦ୍ୱାରା ହିଁ ଅସଲ ଚେହେରା ସାମନାକୁ ଆସିଥାଏ ବରଂ ଅନ୍ୟମାନଙ୍କ କଥା ତ ଛାଡ଼ନ୍ତୁ । କିଛି ସ୍ତ୍ରୀ ମାନେ ତାଙ୍କ ସ୍ୱାମୀମାନଙ୍କ ସମ୍ବନ୍ଧରେ ଏହା ଲେଖୁଛନ୍ତି ଓ ପୁଣି ଏହାଠାରୁ ବଳି କିଛି ପିଲାମାନେ ମଧ୍ୟ ତାଙ୍କ ବାପାଙ୍କ ବିଷୟରେ ଲେଖୁଛନ୍ତି କି ଆମର ସ୍ୱାମୀ ଓ ଆମର ବାପାମାନେ ମସ୍‌ଜିଦ୍‌କୁ ତ ଯାଉଛନ୍ତି, ଜମାତ୍‌ର କାର୍ଯ୍ୟ ମଧ୍ୟ କରୁଛନ୍ତି କିନ୍ତୁ ଘରେ ସେମାନଙ୍କର ବ୍ୟବହାର ବହୁତ ଖରାପ ହୋଇଥାଏ । ବରଂ ଏହାକୁ ଦେଖି କିଛି ପିଲାଙ୍କ ମନରେ ବିତୃଷ୍ଣାଭାବ ସୃଷ୍ଟି ହୋଇ ସେମାନେ ଧର୍ମ ରାସ୍ତାରୁ ହଟିଯାଉଛନ୍ତି ଓ ଜମାତ୍ ଆକ୍‌ଟିଭିଟିଜ୍ କାର୍ଯ୍ୟରୁ ମଧ୍ୟ ଦୂରେଇ ଯାଉଛନ୍ତି । ଯଦି ସ୍ତ୍ରୀ ଓ ପିଲାମାନଙ୍କ ତରଫରୁ କୌଣସି ପ୍ରକାରର ଅଭିଯୋଗ ମଧ୍ୟ ଅଛି ତେବେ ସେମାନଙ୍କୁ ବହୁତ ପ୍ରେମ ଓ ସ୍ନେହର ସହିତ ବୁଝାଇ ଦିଆଯାଇପାରିବ । ଲୋକମାନଙ୍କର ଅଧିକାର କେବଳ ଏତିକି ହିଁ ନୁହେଁ ଯେ ବାହାର ଲୋକଙ୍କ ସମ୍ମୁଖକୁ ଯାଇ କିଛି ସାହାଯ୍ୟ କରିବା ବା ସେମାନଙ୍କ ସେବା କରିଦେବା ବରଂ ନିଜ ଘର ଲୋକଙ୍କ ଅଧିକାରକୁ ମଧ୍ୟ ପ୍ରଦାନ କରିବାକୁ ହେବ । ଏହା ପ୍ରାଥମିକ ଓ ଜରୁରୀ ଅଟେ । ଘରୁ ବାହାରି ଯାଇ ଅନ୍ୟମାନଙ୍କ ସହିତ ନିକଟ ସମ୍ପର୍କୀୟଙ୍କ ପରି ବ୍ୟବହାର କରିବା ଓ ଏହାର ବିପରୀତ ନିକଟ ସମ୍ପର୍କୀୟ ଲୋକମାନଙ୍କ ସହିତ ବାହାର ଲୋକଙ୍କ ପରି ବ୍ୟବହାର କରିବା ଏହା କୌଣସି ପ୍ରକାରେ ବୈଧ ନୁହେଁ । ଅଲ୍ଲାଃତାଲା ମଧ୍ୟ ହୁସ୍‌ନେ ସଲୁକ୍ (ଉତ୍ତମ ବ୍ୟବହାର) ର ଯେଉଁ କ୍ରମ ବର୍ଣ୍ଣନା କରିଛନ୍ତି ତାହା ସବୁଠାରୁ ପ୍ରଥମେ ନିକଟ ସମ୍ପର୍କୀୟଠାରୁ ହିଁ ଆରମ୍ଭ ହୋଇଛି । ସୁତରାଂ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି ୱା ବୁଦୁଲ୍ଲାଃ....ମୁଖ୍‌ତାଲନ୍ ଫଖୁରା । (ସୁରତୁନ୍ ନିସା:୩୭) ଅର୍ଥାତ୍ ଅଲ୍ଲାଃତାଲାଙ୍କ ଉପାସନା କର ଓ ଆଉ କାହାକୁ ତାର ସମକକ୍ଷ କରନାହିଁ । ସର୍ବପ୍ରଥମେ ଅଲ୍ଲାଃଙ୍କର ହକ୍‌କୁ ପ୍ରଦାନ କର । ପୁଣି ମା’ ବାପାଙ୍କ ସହିତ ଉତ୍ତମ ବ୍ୟବହାର କର । ପୁଣି ନିକଟ ସମ୍ପର୍କୀୟଙ୍କ ସହିତ ଓ ଅନାଥ ମାନଙ୍କ ସହିତ ମଧ୍ୟ, ଅଭାବଗ୍ରସ୍ତ ଲୋକମାନଙ୍କ ସହିତ ମଧ୍ୟ, ନିକଟ ସମ୍ପର୍କୀୟ ଓ ପଡ଼ୋଶୀମାନଙ୍କ ସହିତ ମଧ୍ୟ, ଅନ୍ୟ ଦୂର ସମ୍ପର୍କୀୟ ପଡ଼ୋଶୀ ମାନଙ୍କ ସହିତ ମଧ୍ୟ, ନିଜ ସାଙ୍ଗ ସାଥିମାନଙ୍କ ସହିତ ମଧ୍ୟ, ଯାତ୍ରୀମାନଙ୍କ ସହିତ ମଧ୍ୟ ଓ ସେମାନଙ୍କ ସହିତ ମଧ୍ୟ ଯେଉଁମାନେ ତୁମର ଛତ୍ରଛାତ୍ରା ତଳେ ରହିଛନ୍ତି, ଏ ସମସ୍ତଙ୍କ ସହିତ ସହାନୁଭୂତି ଦେଖାଓ । ଯେଉଁମାନେ ଅହଂକାରୀ ଓ ଗର୍ବୀ ଅଟନ୍ତି ନିଶ୍ଚିତରୂପେ ଅଲ୍ଲାଃ ଏହାକୁ ପସନ୍ଦ କରିନଥାନ୍ତି ।

ସୁତରାଂ ଏହା ହେଉଛି କ୍ରମ, ଯାହାକୁ ନିଜ ଆଖି ଆଗରେ ରଖିବା ଉଚିତ୍ । ମା’ ବାପାଙ୍କ ପରେ ତୁମର ସ୍ତ୍ରୀ ପିଲା ହେଉଛନ୍ତି ତୁମ

ନିକଟତର, ପୁଣି ଭାଇ ଭଉଣୀ, ପୁଣି ଅଲ୍ଲାଃଙ୍କ ସୃଷ୍ଟଜଙ୍କ ସହିତ ସହାନୁଭୁତି, ଏହାର ମଧ୍ୟ ଅନେକ ପ୍ରକାର ଭେଦ ରହିଛି । ଯେପରି ପଡ଼ୋଶୀ, ପଡୋଶୀ ବନ୍ଧୁ ବାନ୍ଧବ, ପୁଣି ଅଣ ପଡ଼ୋଶୀ ବନ୍ଧୁବାନ୍ଧବ ବରଂ ପଡୋଶୀମାନଙ୍କର ସୂଚୀପତ୍ରକୁ ଆପଣ ସ:ଆ:ସ ଏକ ସ୍ଥାନରେ ଏତେ ଲମ୍ବା କରିଛନ୍ତି କି ତୁମ ଘରଠାରୁ ୪୦ ଘର ପର୍ଯ୍ୟନ୍ତ ଓ ଶହ ଶହ ଘର ଦୂରତା ପର୍ଯ୍ୟନ୍ତ ଯେଉଁ ପଡୋଶୀ ଅଛନ୍ତି ସେମାନେ ମଧ୍ୟ ତୁମର ପଡ଼ୋଶୀ । (ଉଦ୍ଧୃତ ମଲ୍‌ଫୁଜାତ୍, ଖଣ୍ଡ-୭, ପୃଷ୍ଠା-୨୮୦, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) । ନିଜ ସାଙ୍ଗସାଥି ମେଳରେ ବସିଥିବା ଲୋକେ, ମସ୍‌ଜିଦ୍‌କୁ ଆସୁଥିବା ଲୋକେ ଓ ଜୁମା ନମାଜ ପଢ଼ିବା ପାଇଁ ଆସୁଥିବା ଲୋକମାନେ ଏ ସମସ୍ତେ ପଡୋଶୀ ହୋଇଯାଆନ୍ତି । ମୁସାଫିର୍ ମାନଙ୍କ ସହିତ ଭ୍ରମଣ କରୁଥିବା ଲୋକେ ମଧ୍ୟ ପଡୋଶୀ ହୋଇଯାଆନ୍ତି । ତେଣୁ ସେମାନଙ୍କ ସହିତ ଉତମ ବ୍ୟବହାର କରିବା ଉଚିତ୍ । ପୁଣି ମାଲିକ ହିସାବରେ ତୁମ ଅଧିନସ୍ଥ ଲୋକମାନଙ୍କ ସହିତ ମଧ୍ୟ ଉତମ ବ୍ୟବହାର କରିବ । ଏହିପରି ଉପରୋକ୍ତ ସମସ୍ତ ଲୋକଙ୍କ ସହିତ ସହାନୁଭୁତି ଦେଖାଇବ । ଏହା ମଧ୍ୟ ମନେରଖିବା ଉଚିତ୍ କି ଏହିପରି କ୍ରମାନୁସାରେ ସମସ୍ତଙ୍କର ଅଧିକାର ପ୍ରଦାନ କରାଯାଇଛି । ଏପରି ନୁହେଁ କି ଜଣକ ଅଧିକାରକୁ ଧ୍ୟାନ ରଖାଗଲା ଓ ଅନ୍ୟର ନୁହେଁ । ବରଂ ପ୍ରତ୍ୟେକ ଅଧିକାରକୁ ସ୍ଥାପନ କରାଯାଇଛି । ତେଣୁ କୌଣସି ବ୍ୟକ୍ତିର ଅଧିକାର କ୍ଷୀର୍ଣ୍ଣ ହେବା ଉଚିତ୍ ନୁହେଁ ।

ପୁଣି ଆପଣ ଆ:ସ କହୁଛନ୍ତି-''ତୁମେ ଖୁଦାଙ୍କର ହିଁ ଉପାସନା କର ଏବଂ ତା ସହିତ କାହାକୁ ସମକକ୍ଷ କରନାହିଁ ଓ ନି ମା' ବାପାଙ୍କ ସହିତ ଉତମ ବ୍ୟବହାର କର ଓ ତୁମର ନିକଟ ସମ୍ପର୍କୀୟଙ୍କ ସହିତ ମଧ୍ୟ ଏହ୍‌ସାନ୍ (ଅନୁଗ୍ରହ) କର'' । ଏହାର ସ୍ପଷ୍ଟୀକରଣ କରି କହିଲେ ''ଉକ୍ତ ବାକ୍ୟରେ ସନ୍ତାନ ସନ୍ତତି, ଭାଇ, ନିକଟ ସମ୍ପର୍କୀୟ, ଦୂର ସମ୍ପର୍କୀୟ ସମସ୍ତ ବନ୍ଧୁବାନ୍ଧବମାନେ ଆସିଗଲେ'' । ଅର୍ଥାତ୍ ନିଜ ଘରେ ଥିବା ସମସ୍ତ ଲୋକେ ଯେପରି ଭାଇ ଓ ପିଲାମାନେ ଓ ନିକଟରୁ ନିକଟତର ବନ୍ଧୁବାନ୍ଧବ ସମସ୍ତେ ଅନ୍ତର୍ଭୁକ୍ତ ଓ ପୁଣି କହିଲେ କି ଅନାଥ ମାନଙ୍କ ସହିତ ମଧ୍ୟ ଏହ୍‌ସାନ୍ କର ଓ ଅଭାବ ଗ୍ରସ୍ତ ଲୋକଙ୍କ ସହିତ, ଓ ଏପରି ପଡୋଶୀ ଯେଉଁମାନେ ତୁମ ନିକଟରେ ଅଛନ୍ତି ଓ ଯେଉଁମାନେ ତୁମଠାରୁ ଦୂରରେ ଅଛନ୍ତି ସେ ସମସ୍ତଙ୍କ ସହିତ ମଧ୍ୟ ଏହ୍‌ସାନ୍ କର । ପୁଣି ଯେଉଁମାନେ ତୁମ ସହିତ ମିଳମିଶି କାମ କରୁଛନ୍ତି ବା କୌଣସି ସଫର୍‌ରେ ସାମିଲ୍ ଅଛନ୍ତି ବା ତୁମ ସହିତ ନମାଜ ପାଠ କରୁଛନ୍ତି ବା ତୁମ ସହିତ ଧର୍ମଶିକ୍ଷା ଆହରଣ କରୁଛନ୍ତି ଓ ଯେଉଁମାନେ ତୁମ ସହିତ ମୁସାଫିର୍ ଅଛନ୍ତି, ସେହିପରି ପ୍ରତ୍ୟେ ଜୀବଜନ୍ତୁ ଯେଉଁମାନେ ତୁମ ଅଧିନରେ ଅଛନ୍ତି ସେ ସମସ୍ତଙ୍କ ସହିତ ଏହ୍‌ସାନ୍ କର । ଯେଉଁମାନେ ଗର୍ବୀ ଓ ଅହଂକାରୀ ଅଟନ୍ତି ଓ ଅନ୍ୟମାନଙ୍କ ଉପରେ ଦୟା କରନ୍ତି ନାହିଁ, ଇଶ୍ୱର ଏପରି ବ୍ୟକ୍ତିଙ୍କ ସହିତ ବନ୍ଧୁତ୍ୱ ରଖନ୍ତି ନାହିଁ । (ଚଶ୍‌ମାଏ ମାରେଫତ୍, ରୁହାନି ଖଜାଏନ୍, ଖଣ୍ଡ-୨୩, ପୃଷ୍ଠା-୨୦୮-୨୦୯)

ପୁଣି ଆଉ ଏକ ସ୍ଥାନରେ ଏହାକୁ ସ୍ପଷ୍ଟ କରି କହିଛନ୍ତି କି ''ତୁମେ ମା' ବାପାଙ୍କ ସହିତ ପୁଣ୍ୟ କର । ସେହିପରି ନିକଟ ସମ୍ପର୍କୀୟଙ୍କ ସହିତ, ଅନାଥଙ୍କ ସହିତ, ଅଭାବି ଲୋକଙ୍କ ସହିତ ଓ ନିକଟରେ ଥିବା ପଡୋଶୀଙ୍କ ସହିତ ଓ ଅଚିହ୍ନା ପଡ଼ୋଶୀଙ୍କ ସହିତ, ମୁସାଫିର୍‌ମାନଙ୍କ ସହିତ, କ୍ରୀତଦାସ ଓ ଚାକର ମାନଙ୍କ ସହିତ, ପୁଣି ପ୍ରାଣୀମାନଙ୍କର ବ୍ୟାଖ୍ୟା କରାଯାଇଛି ପ୍ରଥମତଃ ଜୀବଜନ୍ତୁ ବିଷୟରେ କହିଥିଲେ, ପୁଣି ଏହାକୁ ବ୍ୟାଖ୍ୟା କରି ବତାଇ ଦେଇଛନ୍ତି । ଅର୍ଥାତ୍-ଘୋଡା, ଛେଳି, ବଳଦ, ଗାଇ ଓ ଅନ୍ୟ ଜୀବଜନ୍ତୁଙ୍କ ସହିତ ଯେଉଁମାନ ତୁମ ଅଧିନରେ ଅଛନ୍ତି ସେ ସମସ୍ତଙ୍କ ସହିତ ଏହ୍‌ସାନ୍ (ଅନୁଗ୍ରହ) କର, କାରଣ ତୁମର ଯେଉଁ ଖୁଦା ଅଛନ୍ତି ସେ ଏହିପରି କାର୍ଯ୍ୟକୁ ବହୁତ ପସନ୍ଦ କରିଥାନ୍ତି । ଓ ସେ ଆତ୍ମଗର୍ବୀ ଓ ବେପରୱା ଲୋକଙ୍କ ସହିତ ପ୍ରେମ କରନ୍ତେ ନାହିଁ । (ଇସ୍‌ଲାମୀ ଓ୍ୱସୁଲ୍ କି ଫିଲାସଫି, ରୁହାନି ଖଜାଏନ୍, ଖଣ୍ଡ-୧୦, ପୃଷ୍ଠା-୩୫୮) । ସହନୁଭୁତି ରଖିବାର ଏପରି ଭାବନା ଓ ସମସ୍ତଙ୍କ ସହିତ ପୁଣ୍ୟ କରିବା ପରିଧି ଭିତରେ ଆପଣ ଆ:ସ ପ୍ରାଣୀମାନଙ୍କୁ ମଧ୍ୟ ରଖିଦେଇଛନ୍ତି, ଯେପରି ସେ ଗୋଟି ଗୋଟି ନା ନେଇ ମଧ୍ୟ ସ୍ପଷ୍ଟ କଲେ । ତେଣୁ ଯେଉଁଠି ଜୀବଜଗତ ସହିତ ପ୍ରେମ ଓ ସହାନୁଭୁତି କରାଯାଉଛି ସେଠାରେ ଆମକୁ ନିଜ ଘରେ ସ୍ତ୍ରୀ ପିଲାମାନଙ୍କୁ କେତେ ଗୁରୁତ୍ୱ ଦେବାକୁ ହେବ ଓ ପୁଣି ଏହିପରି ଆଗକୁ କ୍ରମାନୁସାରେ ଅଛି ।

ପୁଣି ଅଧିକାର ପ୍ରଦାନ କରୁନଥିବା ଲୋକମାନଙ୍କୁ ଅଲ୍ଲାଃତାଲା କହୁଛନ୍ତି କି ସେମାନଙ୍କ ନିକଟରେ ଗର୍ବ ଓ ଅହଂକାର ରହିଛି । ପୁଣି ସେମାନେ କୃତଜ୍ଞତା ଜ୍ଞାପନ କରନ୍ତି ନାହିଁ ଅର୍ଥାତ୍ ଅଲ୍ଲାଃତାଲାଙ୍କୁ ଧନ୍ୟବାଦ ଜଣାନ୍ତି ନାହିଁ । ଅଲ୍ଲାଃତାଲା ସ୍ତ୍ରୀ ପିଲା ଦେଇଛନ୍ତି । ଯଦି ମଣିଷ ସେମାନଙ୍କ ସହିତ ଉତମ ବ୍ୟବହାର ନକରିବ ତେବେ ତାହା ଅଲ୍ଲାଃତାଲାଙ୍କର ଅକୃତଜ୍ଞତା ଜ୍ଞାପନ କରିବା ହେବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅଧିକାର ସମ୍ପର୍କରେ ବିଶେଷ ରୂପେ ଲୋକମାନଙ୍କ ଅଧିକାର ସମ୍ପର୍କରେ ଗୋଟିଏ ସ୍ଥାନରେ କହୁଛନ୍ତି- ''ଶରିୟତ୍‌ରେ ଦୁଇ ପ୍ରକାରର ହୁକୁକ୍ ଅଛି ଓ ହୁକୁକୁଲ୍ ଇବାଦ୍ ଅର୍ଥାତ୍ ଅଲ୍ଲାଃଙ୍କ ଅଧିକାର ଓ ଲୋକମାନଙ୍କର ଅଧିକାର । ପୁଣି କହୁଛନ୍ତି- କିନ୍ତୁ ମୁଁ ଜାଣିଛି କି ଯଦି କିଏ ଅଭାଗା ନଥିବ ତେବେ ହୁକୁକୁଲ୍ଲା ଉପରେ କାଏମ୍ ହେବା ସହଜ ଅଟେ'' (ଅର୍ଥାତ୍ ଅଲ୍ଲାଃତାଲାଙ୍କର ହକ୍ ପ୍ରଦାନ କରିବା ହେଉଛି ସହଜ କାମ) ଏଇଥିପାଇଁ କି ସେ ତୁମଠାରୁ ଖାଇବାକୁ କିଛି ମାଗୁନାହିଁ ଓ ତାର କୌଣସି ପ୍ରକାର ଆବଶ୍ୟକତା ନାହିଁ ଯେହେତୁ ତାର କିଛି ଦରକାର ନାହିଁ ସେଥିଯୋଗୁ ତୁମର ଆବଶ୍ୟକତା ବିଷୟରେ ସେ ତୁମକୁ କିଛି କୁହେନାହିଁ । ''ସେ ତ କେବଳ ଏତିକି ଚାହେଁ କି ତୁମେ ତାକୁ ଏକ ଓ ଅଦ୍ୱିତୀୟ ଖୁଦା ବୋଲି ବିବେଚନା କର ଓ ତାର ବିଶେଷ ପୂର୍ଣ୍ଣ ଗୁଣ ଗୁଡ଼ିକ ଉପରେ ବିଶ୍ୱାସ ଆଣ ଓ ସେ ପ୍ରେରଣ କରିଥିବା ଅବତାରମାନଙ୍କ ଉପରେ ବିଶ୍ୱାସ ଆଣ ଓ ସେମାନଙ୍କର ଅନୁସରଣ କର । କିନ୍ତୁ ହୁକୁକୁଲ୍ ଇବାଦ୍ ଅର୍ଥାତ୍ ଲୋକମାନଙ୍କ ଅଧିକାର ପ୍ରଦାନ କରିବା ବିଷୟରେ ବହୁତ କଷ୍ଟ ହୋଇଯାଏ, ଯେଉଁଠାରେ ମନ ଧୋକ୍କା ଦେଇଦିଏ'' । (ମଲ୍‌ଫୁଜାତ୍ ଖଣ୍ଡ-୮, ପୃଷ୍ଠା-୧୯, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) ସେଥିପାଇଁ ଯେତେଦୂର ସମ୍ଭବ ହୁକୁକୁଲ୍ ଇବାଦ୍ (ଲୋକମାନଙ୍କର ଅଧିକାର)କୁ ସୁରକ୍ଷା କରିବାକୁ ହେବ । ଏପରି ନହେଉ କି ମନୁଷ୍ୟ ଅନ୍ୟମାନଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରିଦେଉ । ତେଣୁ ଜଣେ ମୋମିନ୍ ନିମନ୍ତେ ଏ ସର୍ତ ରହିଛି କି ସେ ଅଲ୍ଲାଃତାଲାଙ୍କ ଅଧିକାରକୁ ପ୍ରଦାନ କରିବା ପାଇଁ ବିଶେଷ ଚେଷ୍ଟା କରିବ ଓ ବିଶେଷ ରୂପେ ଏମାନଙ୍କର ଅଧିକାରକୁ ପ୍ରାଥମିକତା ଦେବ, ଯେଉଁମାନଙ୍କର ଦାୟିତ୍ୱ ଯେ ଅଲ୍ଲାଃତାଲା ତାଙ୍କ ଉପରେ ନ୍ୟସ୍ତ କରିଛନ୍ତି । କେବଳ ଆର୍ଥିକ ଅଧିକାରକୁ ପ୍ରଦାନ କରିବା ଜରୁରୀ ନୁହେଁ ବରଂ ଭାବନାର ଅଧିକାରକୁ ମଧ୍ୟ ପ୍ରଦାନ କରିବା ଜରୁରୀ ଅଟେ । କିଛି ଲୋକ କହୁଛନ୍ତି କି ଆମେ ଆମ ଘର ଲୋକମାନଙ୍କର ଆର୍ଥିକ ଆବଶ୍ୟକତାକୁ ପୁରା କରୁଅଛୁ । ପୁଣି ମଧ୍ୟ ଏମାନେ ଅକୃତଜ୍ଞତା ଜ୍ଞାପନ କରୁଛନ୍ତି । ଯଦି ସେମାନେ ଆର୍ଥିକ ଓ ଭୌତିକ ଆବଶ୍ୟକତାକୁ ପୁରା କରୁଛନ୍ତି । ତେବେ ସ୍ତ୍ରୀ ପିଲାମାନଙ୍କୁ ମଧ୍ୟ ବିଶେଷ ରୂପେ ଏ ଦୃଷ୍ଟିରୁ ସ୍ୱାମୀ ଓ ବାପାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ କିନ୍ତୁ ପୁରୁଷ ମାନଙ୍କୁ ଏହା ମନେ ରଖିବାକୁ ହେବ କି ସେ ସ୍ତ୍ରୀ ପିଲାଙ୍କର ମନୋଭାବ ଓ ଭାବନାର ମଧ୍ୟ ଧ୍ୟାନ ରଖିବେ । ଏହ ମଧ୍ୟ ଏକ ପ୍ରକାର ଅଧିକାର ପ୍ରଦାନ କରିବା ଅଟେ । ଅର୍ଥାତ୍ ଉତମ ବ୍ୟବହାର ମଧ୍ୟ ଜରୁରୀ ଅଟେ । ମଣିଷ କୌଣସି ପଶୁ ନୁହେଁ କି ତାକୁ ଖାଇବା ଦେଇଦେଲେ କର୍ତବ୍ୟ ସମ୍ପାଦନ ହୋଇଯିବ ବୋଲି । ମଣିଷ ପାଇଁ ତାର ଭାବନାକୁ ଦୃଷ୍ଟିରେ ରଖି ତାଙ୍କ ସହିତ ଉତମ ବ୍ୟବହାର କରିବା ମଧ୍ୟ ଜରୁରୀ ଅଟେ । ତେଣୁ ଏଥିପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ୍ । ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏଥିପ୍ରତି ଧ୍ୟାନ ଆକର୍ଷଣ କରି କହୁଛନ୍ତି ''ଦୀନ୍ (ଧର୍ମ)ର ଦୁଇଗୋଟି ପୁର୍ଣ୍ଣ ଅଂଶ ରହିଛି । ଗୋଟିଏ ହେଉଛି ଇଶ୍ୱରଙ୍କ ସହିତ ପ୍ରେମ କରିବା ଓ ଦ୍ୱିତୀୟଟି ହେଉଛି ମାନବଜାତି ସହିତ ଏପରି ପ୍ରେମ କରିବା ଯେପରି ତା ଦୁଃଖକୁ ଦୁଃଖ ଭାବିନେବା ଓ ତାଙ୍କ ପାଇଁ ପ୍ରାର୍ଥନା କରିବା'' । (ନସିମେ ଦାଓ୍ୱତ୍ ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୪୬୪)

ସୁତରାଂ ଏଠାରେ ପୁଣି ନିକଟତର ସ୍ତର ଦୃଷ୍ଟିକୋଣରୁ ମାନବଜାତି ସହିତ ପ୍ରେମ ପ୍ରକାଶ କରିବାର ସେହି ଉପରୋକ୍ତ କ୍ରମ ଆସିଯାଉଛି । ପୁଣି ସାଧାରଣତଃ ସମସ୍ତଙ୍କ ସହିତ ପ୍ରେମ କରିବା ଓ ଏପରି ପ୍ରେମ କରିବା କି ସେମାନଙ୍କ ଦୁଃଖ କଷ୍ଟକୁ ନିଜର ଦୁଃଖ କଷ୍ଟ ରୂପେ ଭାବିନେବା । ଆମେ ଯେଉଁ ନାରା ଲଗାଉଛେ ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ ଅର୍ଥାତ୍ ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ, ଏହାର ମଧ୍ୟ ବାସ୍ତବିକତା ହେଉଛି ଏହା କି ମାନବ ଜାତି ସହିତ ସହାନୁଭୁତି ଓ ପ୍ରେମ କରିବାରେ ଏତେ ଉପରକୁ ଚାଲିଯିବା କି ସେମାନଙ୍କର କଷ୍ଟକୁ ନିଜ କଷ୍ଟ ଭାବିନେବା । ନିଜ ନିକଟ ସମ୍ପର୍କୀୟଙ୍କ ସହିତ ଯଦି କାହା ମନରେ ମଳିନତା ଅଛି ତେବେ ସେ ଅନ୍ୟମାନଙ୍କ ସହିତ କିପରି ପ୍ରେମର ପ୍ରକାଶ କରିପାରିବ ।

ସୁତରାଂ ଏ ଦୃଷ୍ଟିକୋଣରୁ ମଧ୍ୟ ଏହି ଇଦ୍‌ରେ ଅଧିକାର ଗୁଡ଼ିକୁ ପ୍ରଦାନ କରିବା ପ୍ରତି ଯେପରି ଧ୍ୟାନ ରଖାଯିବା ଉଚିତ୍ ତାହା ସମସ୍ତଙ୍କୁ କରିବାକୁ ହେବ । ନିଜ ଘରେ, ନିଜର ପ୍ରିୟଲୋକଙ୍କ ସହିତ, ନିଜ ପରିବେଶରେ ଓ ଅନ୍ୟ ଲୋକମାନଙ୍କ ସହିତ ଯେଉଁ ମାନଙ୍କ ସହିତ ତାର ସମ୍ବନ୍ଧ ରହିଛି ଯଦି ତାଙ୍କ ସହିତ କୌଣସି ମଳିନତା ରହିଛି, ସେଗୁଡ଼ିକୁ ଦୂରେଇ ଦେବା ପାଇଁ ଚେଷ୍ଟା କରିବା ଉଚିତ୍ ଓ ସେମାନଙ୍କ ସହିତ ମଳିନତା ବଦଳରେ ନମ୍ରତା ଓ ନିକଟତା ସୃଷ୍ଟି କରିବାକୁ ହେବ । ଅଲ୍ଲାଃତାଲାଙ୍କ ଗୁଣ ତ ବହୁତ ସ୍ୱୟଂ ସମ୍ପୂର୍ଣ୍ଣ ଅଟେ । କିନ୍ତୁ ଅଲ୍ଲାଃତାଲା କହୁଛନ୍ତି କି ମୋ ଗୁଣ ଗୁଡ଼ିକର ଅନୁରୂପ ତୁମେ କାର୍ଯ୍ୟ କର, ଅର୍ଥାତ୍ ସେହି ଗୁଣଗୁଡ଼ିକୁ ଆଚରଣ କରିବା ପାଇଁ ଚେଷ୍ଟା କର ଓ ନିଜ ସାମର୍ଥ୍ୟ ଅନୁସାରେ ସେହି ସବୁ ଗୁଣକୁ ଆପଣେଇଲେ ଏହା ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ହେବ । ଓ ପ୍ରତ୍ୟେକ ପ୍ରକାରର ଗୁଣକୁ ମନୁଷ୍ୟ ତାର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବ୍ୟବହାର କରି ତା ମୁତାବକ ହୁସୁନ୍ ଓ ଏହ୍‌ସାନ୍ ର ନମୁନା ଦେଖାନ୍ତୁ । ଫଳତଃ ଇଦ୍‌ର ଖୁସି ନିଜ ଭିତରେ ସୀମିତ ନରହୁ ଓ ନିଜ ପରିବେଶ ଭିତରେ ସୀମିତ ନ ରହୁ ବରଂ ଏହାଠାରୁ ଅଧିକା ଏହି ଖୁସି ସମାଜରେ ମଧ୍ୟ ବ୍ୟାପିଯାଉ ଓ ସମସ୍ତଙ୍କ ଅଧିକାରକୁ ପ୍ରଦାନ କରନ୍ତୁ । ପୁଣି ଜମାତର ଏକତାକୁ ପ୍ରତିଷ୍ଠା କରିବା ନିମନ୍ତେ ମଧ୍ୟ ଅଧିକାର ଗୁଡ଼ିକୁ ପ୍ରଦାନ କରିବା ବହୁତ ଜରୁରୀ ଅଟେ । ଯେଉଁଠି ଏହା ବାସ୍ତବିକ ଖୁସିକୁ ଆଣିଦିଏ ସେଠାରେ ଏହ ଜମାତର ଉନ୍ନତିକୁ ମଧ୍ୟ ପରିପ୍ରକାଶ କରିଥାଏ । ଏ ସମ୍ବନ୍ଧରେ ଆମର ମାର୍ଗଦର୍ଶନ କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି-

''ଏ ପ୍ରଥା ହେବା ଉଚିତ୍ ହେବ କି ଦୁର୍ବଳ ଭାଇମାନଙ୍କୁ ସାହାଯ୍ୟ କରାଯାଉ ଓ ସେମାନଙ୍କୁ ଶକ୍ତିଶାଳୀ କରାଯାଉ । ଏହା କେଡ଼େ ଅନୁଚିତ୍ କଥା କି ଦୁଇଜଣ ଭାଇ ଅଛନ୍ତି, ସେଥିରୁ ଜଣେ ପହଁରିବା ଜାଣିଛି ଓ ଅନ୍ୟଜଣକ ପହଁରା ଜାଣିନାହିଁ । ତେବେ କଣ ପ୍ରଥମ ଜଣକର ଏ କର୍ତବ୍ୟ ନୁହେଁ କି ସେ ଦ୍ୱିତୀୟ ଜଣକୁ ବୁଡ଼ିବାରୁ ବଂଚାଇବ ବା ତାକୁ ବୁଡ଼ିବାକୁ ଦେବ ? ତାର କର୍ତବ୍ୟ ଏହା ହେବା ଉଚିତ୍ କି ବୁଡ଼ିଯାଉଥିବା ଭାଇକୁ ବଂଚାଇବ । ତେଣୁ ପବିତ୍ର କୋରାନ୍‌ରେ ଏ ନିର୍ଦ୍ଦେଶ ଦିଆଯାଇଛି କି ତଆଓ୍ୱନୁ ଅଲଲ୍ ବିର୍‌ରେ ଓ୍ୱତ୍ ତକ୍‌ଓ୍ୱା । ଅର୍ଥାତ୍ ଦୁର୍ବଳ ଭାଇମାନଙ୍କର ବୋଝ ଉଠାଓ, ସେମାନଙ୍କ କାର୍ଯ୍ୟ, ବିଶ୍ୱାସ ଓ ଆର୍ଥିକ ସଂକଟ ସମୟରେ ସେମାନଙ୍କୁ ସାହାଯ୍ୟ କର । ଶାରିରୀକ ଦୁର୍ବଳ ରଖୁଥିବା ଲୋକମାନଙ୍କର

*ଅବଶିଷ୍ଟାଂଶ ପୃଷ୍ଠା- ୫ ରେ ଦେଖନ୍ତୁ...*

ପୃଷ୍ଠା-୧୨ ର ଅବଶିଷ୍ଟାଂଶ......

ଏ ଲୋକମାନେ ଉପାସନା କରିବା ପାଇଁ ଚାହୁଁଛନ୍ତି ବୋଲି ସେତେବେଳେ ଆପଣ ସ:ଆ:ସ ସେମାନଙ୍କୁ ନିଜର ଉପାସନା କରିବା ନିମନ୍ତେ ନିଜର ମସ୍‌ଜିଦ୍‌ରେ ଅନୁମତି ଦେଲେ କି ଏଥିରେ ସେମାନେ ନିଜ ନିଜ ପ୍ରଥା ଓ ଶୈଳୀ ମୁତାବକ ଉପାସନା କରିପାରିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଗୋଟିଏ ଆରୋପ ଇସ୍‌ଲାମ୍ ଉପରେ ଲଗାଯାଉଛି କି ଇସ୍‌ଲାମ୍ ଜୋର୍ ଜବର୍‌ଦସ୍ତ ତରବାରି ଦ୍ୱାରା ପ୍ରସାର ହୋଇଛି ବୋଲି । ଏହି ଆରୋପ ମଧ୍ୟ ସମ୍ପୂର୍ଣ୍ଣ ରୂପେ ନିରାଧାର ଓ ସତ୍ୟଠାରୁ ବହୁତ ଦୂର ଅଟେ । ନବୀ କରିମ୍ ସ:ଆ:ସ ଓ ଆପଣଙ୍କ ପରେ ଖୋଲଫାଏ ରାଶେଦିନ୍‌ଙ୍କ ସମୟରେ ଯାହା ମଧ୍ୟ ଯୁଦ୍ଧ ହୋଇଥିଲା ତାହା ସବୁ କେବଳ ଆତ୍ମରକ୍ଷା ନିମନ୍ତେ ଥିଲା ଯେବେ କି ଯୁଦ୍ଧ ତାଙ୍କ ଉପରେ ଥୋପି ଦିଆଯାଇଥିଲା । ଓ ଯେବେ ଯୁଦ୍ଧ ମୁସଲ୍‌ମାନଙ୍କ ଉପରେ ଥୋପି ଦିଆଗଲା ସେତେବେଳେ ମୁସଲ୍‌ମାନ୍ ମାନେ ଅନ୍ୟାନ୍ୟ ଧର୍ମର ପବିତ୍ର ଧର୍ମପୀଠ ଗୁଡିକୁ ଓ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କୁ ସୁରକ୍ଷା ଦେଲା ଓ ସମ୍ମାନ ମଧ୍ୟ ଦେଲା । କିନ୍ତୁ ତା ସତ୍ତ୍ୱେ ମଧ୍ୟ ବହୁତ ଦୁଃଖର ସହିତ କହିବାକୁ ପଡୁଛି କି ଆଜି ଏ ସଂସାରରେ ରସୁଲେ କରିମ୍ ସ:ଆ:ସଙ୍କ ଚରିତ୍ରକୁ ବିଗାଡ଼ି ଉପସ୍ଥାପନ କରାଯାଉଛି । ଏପରିକି ଏଠି ଡେନ୍‌ମାର୍କ୍‌ରେ ମଧ୍ୟ କିଛି ବର୍ଷ ପୂର୍ବେ କାର୍ଟୁନ୍ ଛପାଯାଇଥିଲା । ଯାହା ମାଧ୍ୟମରେ ଇସ୍‌ଲାମ୍‌ର ପ୍ରତିଷ୍ଠାତା ରସୁଲେ କରିମ୍ ସ:ଆ:ସଙ୍କୁ ଥଟ୍ଟା ପରିହାସ କରାଗଲା ଏବଂ ତାଙ୍କୁ ନଉଜୁବିଲ୍ଲାଃ ଜଣେ ଆଧିପତ୍ୟ ବିସ୍ତାର କରୁଥିବା ଯୁଦ୍ଧଶୀଳ ହାକିମ ରୂପେ ଉପସ୍ଥାପନ କରାଗଲା । ଯେବେ କି ବାସ୍ତବିକତା ହେଉଛି ଏପରିକି ନବୀ କରିମ୍ ସ:ଆ:ସଙ୍କ ସବୁବେଳ ପାଇଁ ଗୋଟିଏ ହିଁ କାମନା ଥିଲା କି ଶାନ୍ତି ଓ ମାନବିକ ଅଧିକାରକୁ ସ୍ଥାପନ କରାଯାଉ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଯେବେ ଅଲ୍ଲାଃତାଲା ପ୍ରଥମ ଥର ମକ୍କାବାସୀଙ୍କ ବିରୋଧରେ ପ୍ରତିରକ୍ଷା ମୂଳକ ଯୁଦ୍ଧ କରିବାର ଅନୁମତି ଦେଲେ ତାହା କେବଳ ଇସ୍‌ଲାମ୍‌ର ସୁରକ୍ଷା ନିମନ୍ତେ ନଥିଲା ବରଂ ପ୍ରତ୍ୟେକ ଧର୍ମକୁ ସୁରକ୍ଷା ଦିଆଯାଇଛି । ସେଥିପାଇଁ ସୁରତୁଲ୍ ହଜ୍ ଆୟତ ନଂ-୪୦-୪୧ ରେ ଅଲ୍ଲାଃତାଲା କହୁଛନ୍ତି ଯଦି ଅତ୍ୟାଚାରୀମାନଙ୍କୁ ରୋକାଯାଇନଥାନ୍ତା ତେବେ ସେମାନେ କେବଳ ନିରୀହ ମୁସଲ୍‌ମାନଙ୍କ ଉପରେ ଆକ୍ରମଣ କରିବାର ସୀମିତ ରହିନଥାନ୍ତେ ବରଂ ସେମାନେ ପରିଶେଷରେ ପ୍ରତ୍ୟେକ ଧର୍ମକୁ ଧ୍ୱଂସ କରିଦେଇଥାଆନ୍ତେ । ଅଲ୍ଲାଃତାଲା ଏହି ଆୟତ ଗୁଡିକରେ ବହୁତ ସ୍ପଷ୍ଟ ରୂପେ ଏହା କହିଛନ୍ତି କି ଯଦି ମକ୍କା ବାସୀଙ୍କୁ ବଳ ପ୍ରୟୋଗ କରି ରୋକା ଯାଇନଥାନ୍ତା ତେବେ ନା କୌଣସି ଗିର୍ଜା, ନା କୌଣସି କଲିସିଆ, ନା କୌଣସି ମନ୍ଦିର, ନା କୌଣସି ମସ୍‌ଜିଦ୍ ଏବଂ ନା କୌଣସି ଉପାସନା ପୀଠ ବାକି ରହିଥାନ୍ତା । ପବିତ୍ର କୋରାନ୍‌ରେ ଥିବା ଏହି ଆୟତ ବହୁତ ସ୍ପଷ୍ଟ ରୂପେ ଏହା ବର୍ଣ୍ଣନା କରୁଛି କି ଯେବେ ମୁସଲ୍‌ମାନ୍ ମାନଙ୍କୁ ପ୍ରତିରକ୍ଷା ମୂଳକ ଯୁଦ୍ଧର ଅନୁମତି ଦିଆଗଲା ତେବେ ସେହି ଅନୁମତି ଦେଶ ଉପରେ କବ୍‌ଜା କରିବା ପାଇଁ ଓ ଅତ୍ୟାଚାର ପ୍ରସାର କରିବା ପାଇଁ ନଥିଲା ବରଂ ପ୍ରତ୍ୟେକ ଧର୍ମ ଓ ପ୍ରତ୍ୟେକ ପ୍ରଥା/ବିଶ୍ୱାସର ସୁରକ୍ଷା ନିମନ୍ତେ ଦିଆଯାଇଥିଲା । ତେଣୁ ଏ ଦୃଷ୍ଟିକୋଣରୁ ଜଣେ ସଚ୍ଚା ମୁସଲ୍‌ମାନ୍ ପାଇଁ, ଇସ୍‌ଲାମକୁ ବିରୋଧ କରୁଥିବା ଲୋକମାନଙ୍କର ଏହି ଦାବି ଭୀଷଣ ଦୁଃଖର କାରଣ ହୋଇଥାଏ କି ରସୁଲେ କରିମ୍ ସ:ଆ:ସ ନଉଜୁବିଲ୍ଲାଃ ଶକ୍ତି ପ୍ରୟୋଗ କରି ନିଜର ହୁକୁମତ୍ (ସରକାର) ସ୍ଥାପନ କରିବା ପାଇଁ ଇଚ୍ଛୁକ ଥିଲେ । ରସୁଲେ କରିମ୍ ସ:ଆ:ସ କଦାପି ଶକ୍ତି ପ୍ରୟୋଗ କରିବା ଚାହିଁନଥିଲେ । ଏବଂ ନା କେବେ ଏପରି ଯୁଦ୍ଧ କରିବାକୁ ଚାହିଁଥିଲେ ଯାହାର ଲକ୍ଷ୍ୟ ଇସ୍‌ଲାମ୍‌କୁ ଜୋର୍ ଜବର୍‌ଦସ୍ତି ପ୍ରସାର କରିବାର ଥିଲା ଓ ଅନ୍ୟମାନଙ୍କୁ ଜବର୍‌ଦସ୍ତି ମୁସଲ୍‌ମାନ୍ ବନାଇବାର ଥିଲା । ତେଣୁ ଏହା ସଚ୍ଚା ମୁସଲ୍‌ମାନ୍ ପାଇଁ ଫର୍ଜ୍ (ଧାର୍ଯ୍ୟ) ଅଟେ କି ସେ ସମସ୍ତ ଧର୍ମର, ସେ ଇସାଇ ହୁଅନ୍ତୁ, ୟୁହୁଦୀ ହୁଅନ୍ତୁ ବା ଅନ୍ୟ କୌଣସି ଧର୍ମର ହୁଅନ୍ତୁ, ତାଙ୍କର ସୁରକ୍ଷା ଓ ସମ୍ମାନ କରିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଆପଣ ସ:ଆ:ସ ଏହା ଶିକ୍ଷା ଦେଇଛନ୍ତି କି କେବଳ ସେହି ଲୋକମାନଙ୍କ ସହିତ ଯୁଦ୍ଧ କରାଯାଉ, ଯେଉଁମାନେ ସିଧାସଳଖ ଯୁଦ୍ଧରେ ସାମିଲ୍ ହୋଇଛନ୍ତି । ଆପଣ ସ:ଆ:ସ ବହୁତ ତାଗିଦ୍ କରି ଏ ନିର୍ଦ୍ଦେଶ ଦେଇଛନ୍ତି କି ଯୁଦ୍ଧ ସମୟରେ କୌଣସି ମଧ୍ୟ ନିରୀହ ବ୍ୟକ୍ତିଙ୍କ ଉପରେ ଆକ୍ରମଣ କରାନଯାଉ । ସ୍ତ୍ରୀ, ପିଲା ଓ ବୃଦ୍ଧ ଲୋକମାନଙ୍କୁ ଆକ୍ରମଣ କରାନଯାଉ, କୌଣସି ମଧ୍ୟ ଧାର୍ମିକ ନେତା ବା ପାଦ୍ରୀ ବା ଧାର୍ମୀକ ଉପାସନା ପୀଠ ଉପରେ ଆକ୍ରମଣ କରାନଯାଉ । ପୁଣି ଆଉକିଛି ନିର୍ଦ୍ଦେଶ ଅଛି କି ରସୁଲେ କରିମ୍ ସ:ଆ:ସ ଏ ଶିକ୍ଷା ଦେଇଛନ୍ତି କି କାହାକୁ ଇସ୍‌ଲାମ୍ ଗ୍ରହଣ କରିବା ପାଇଁ କଦାପି ବାଧ୍ୟ କରାନଯାଉ ଓ ଏହି ଶିକ୍ଷା ପବିତ୍ର କୋରାନ୍‌ର ଶିକ୍ଷା ମଧ୍ୟ ଅଟେ । ବହୁତ ଦୁଃଖର କଥା କି ଏପରି ଉତମ ଶିକ୍ଷା ଥିବା ସତ୍ତ୍ୱେ ମଧ୍ୟ ବର୍ତମାନ ଯୁଗରେ ଯେଉଁ ଯୁଦ୍ଧ ହେଉଅଛି ସେଥିରେ ଆମେ ବାରମ୍ବାର ବା ଲଗାତାର ଏପରି ଘଟଣା ଦେଖୁଅଛୁ ଯେଉଁଠି ଆଖିବୁଜା ଗୁଳିଚାଳନା କରାଯାଉଛି ବା ଆଖିବୁଜା ବୋମା ବର୍ଷଣ କରାଯାଉଛି । ଯଦ୍ୱାରା ନିରୀହ ଓ ନିରସ୍ତ୍ର ନାଗରିକମାନେ, ମହିଳାମାନେ, ପିଲାମାନେ ଓ ବୃଦ୍ଧମାନଙ୍କୁ ଅମାନବିକତା ଶୈଳୀରେ ହତ୍ୟା କରାଯାଉଛି । ଏପରି ମୁସଲ୍‌ମାନ୍, ଯେଉଁମାନେ ଏହିପରି ହିଂସକ ପନ୍ଥା ଅବଲମ୍ବନ କରୁଛନ୍ତି ସେମାନେ କେବଳ ନିଜ ଧର୍ମକୁ ବଦ୍‌ନାମ୍ କରୁଛନ୍ତି । ତେଣୁ ସେମାନଙ୍କୁ ଦୃଢ଼ଉକ୍ତି ଦ୍ୱାରା ତିରସ୍କାର କରାଯିବା ଉଚିତ୍ । କିନ୍ତୁ ଇସ୍‌ଲାମ୍‌ରେ ଏପରି ମୁର୍ଖତା ଓ ଅନ୍ଧକାରର ଯୁଗ ଆସିବାର ଥିଲା କାରଣ ଆଁ ହଜ୍‌ରତ୍ ସ:ଆ:ସ ଏହିପରି ଅବସ୍ଥାର ଭବିଷ୍ୟବାଣୀ କରିଛନ୍ତି କି ମୁସଲ୍‌ମାନ୍ ମାନେ ସମ୍ପୂର୍ଣ୍ଣ ରୂପେ ନିଜ ଧର୍ମର ଶିକ୍ଷାକୁ ଭୁଲିଯିବେ । ଏହା ଏପରି ସମୟରେ ହେବାର ଥିଲା ଯେବେ ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ପ୍ରେରଣ କରିବେ, ଯିଏ ଇସ୍‌ଲାମ୍‌କୁ ଆମୁଳେଚୁଳେ ଜିବନ୍ତ କରିବେ ଓ ଗୋଟିଏ ପବିତ୍ର ଜମାତ୍‌ର ସ୍ଥାପନା କରିବେ, ଯେଉଁମାନେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଉପରେ ଅମଳ କରିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ପୁଣି ମଧ୍ୟ ଏହା କୁହାଯାଇପାରିବ ନାହିଁ କି ଅଣ ମୁସ୍‌ଲିମ୍ ଦେଶଗୁଡିକ ମଧ୍ୟ ନିରୀହ ବୋଲି ଓ ତାଙ୍କ ମୁଣ୍ଡରେ କୌଣସି ଦୋଷ ନାହିଁ ବୋଲି । ନିଶ୍ଚିତ ରୂପେ କିଛି ଏପରି ଅଣ ମୁସ୍‌ଲିମ୍ ଶକ୍ତି ଅଛନ୍ତି ଯେଉଁମାନେ ଏ ଦାବି କରୁଛନ୍ତି କି ସେମାନେ ସଂସାରରେ ଶାନ୍ତି ସ୍ଥାପନ ପାଇଁ ଚେଷ୍ଟା କରୁଛନ୍ତି କିନ୍ତୁ ଦୁନିଆର ବିଭିନ୍ନ ପ୍ରାନ୍ତରେ ବିନା କାରଣରେ ଯୁଦ୍ଧକରି ନିରୀହ ଜନତାଙ୍କ ଉପରେ ଅତ୍ୟାଚାର କରୁଛନ୍ତି ଓ ସେମାନଙ୍କୁ ହତ୍ୟା ମଧ୍ୟ କରୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ବାସ୍ତବରେ ଏହା ମଧ୍ୟ ସତ୍ୟ ଅଟେ କି ବର୍ତମାନ ଯେଉଁ ମୁସଲ୍‌ମାନ୍ ସରକାର ଓ ଦେଶ ଗୁଡିକ ଅଛନ୍ତି ସେମାନେ ଇମାନ୍‌ଦାରି, ସତ୍ୟ ଓ ନ୍ୟାୟ ପରି ବାସ୍ତବିକ ଇସ୍‌ଲାମୀୟ ଶିକ୍ଷା ଉପରେ ଅମଳ କରୁନାହାଁନ୍ତି । ଯେଉଁଠି ଓ ଯେବେ ମଧ୍ୟ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଉପରେ କାର୍ଯ୍ୟ କରାଯାଇଛି ସମସ୍ତେ ସେହି ସୁନ୍ଦର ଶିକ୍ଷାକୁ ପ୍ରଶଂସା କରିଛନ୍ତି । ଉଦାହରଣ ସ୍ୱରୂପ ହଜ୍‌ରତ୍ ଉମର୍ ର:ଅ ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱିତୀୟ ଖଲିଫା ଥିଲେ, ତାଙ୍କ ସମୟରେ ଇସ୍‌ଲାମ୍ ଶିରିଆ ପର୍ଯ୍ୟନ୍ତ ବ୍ୟାପିଗଲା ଓ ସେଠାରେ ଇସ୍‌ଲାମୀୟ ହୁକୁମତ୍ ସ୍ଥାପନ ହେଲା । ଏହି ସରକାର ଇସାଇ ନାଗରିକ ମାନଙ୍କ ଉପରେ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଗୋଟିଏ ଟାକ୍‌ସ୍ ଲଗାଇଥିଲେ । କିନ୍ତୁ ପରେ ଯେବେ ରୋମି ସରକାର ନିଜ ହାତରେ ସେ ଦାୟିତ୍ୱ ନେଲେ ସେତେବେଳେ ମୁସଲ୍‌ମାନ୍ ହୁକୁମତ୍ ଉକ୍ତ ଟାକ୍‌ସ୍‌କୁ ଫେରାଇ ନେଲା । କାରଣ ଏବେ ମୁସଲ୍‌ମାନ୍ ସରକାର ଉକ୍ତ ଇସାଇମାନଙ୍କ ସୁରକ୍ଷା ଓ ତାଙ୍କର ଅଧିକାରକୁ ପ୍ରଦାନ କରିପାରୁନଥିଲେ । ତେଣୁ ମୁସଲ୍‌ମାନ୍ ସରକାରଙ୍କୁ ସେଠାରୁ ବାହାରି ଚାଲିଯିବା ବ୍ୟତୀତ ଆଉ କୌଣସି ରାସ୍ତା ତାଙ୍କ ପାଖରେ ନଥିଲା । ସେଠାରୁ ମୁସଲ୍‌ମାନ୍ ମାନଙ୍କୁ ଯିବାର ଦେଖି ସେଠିକାର ଅଣ ମୁସ୍‌ଲିମ୍ ନାଗରିକ ଯେଉଁମାନେ ମୁସଲ୍‌ମାନ୍ ମାନଙ୍କ ଅଧିନରେ ଥିଲେ, ସେମାନେ ମଧ୍ୟ ବହୁତ ଦୁଃଖିତ ଥିଲେ । ସେମାନେ ଭାବବିହୋଳ ହୋଇ ମୁସଲ୍‌ମାନ୍ ମାନଙ୍କୁ ପୁଣି ଫେରି ଆସିବା ପାଇଁ ନିବେଦନ କଲେ ଓ ସେଥିପାଇଁ ପ୍ରାର୍ଥନା ମଧ୍ୟ କଲେ । ଓ ସେମାନେ ବିନା କୌଣସି ଦ୍ୱିଧାରେ ଏ କଥା ମଧ୍ୟ ପ୍ରକାଶ କଲେ କି ମୁସଲ୍‌ମାନ୍‌ମାନେ ତାଙ୍କ ଉପରେ ପୁନର୍ବାର ହୁକୁମତ୍ କରନ୍ତୁ । ଓ ରୋମି ହୁକୁମତ୍‌ଙ୍କ ଅନ୍ୟାୟ ଅନିତୀରୁ ସେମାନଙ୍କୁ ସୁରକ୍ଷା ଦିଅନ୍ତୁ । ଏହାପରେ ଯେବେ ମୁସଲ୍‌ମାନ୍‌ମାନେ ପୁନର୍ବାର ସେଠିକାର ହାକିମ ହେଲେ ତ ସବୁଠାରୁ ପ୍ରଥମେ ଯେଉଁମାନେ ଖୁସି ଓ ଉତ୍ସବ ମନାଇଲେ ସେମାନେ ଥିଲେ ଅଣ ମୁସ୍‌ଲିମ୍ । ସେମାନେ ଏହା ଜାଣିଥିଲେ କି ପୁନର୍ବାର ସେମାନଙ୍କର ଅଧିକାରକୁ ପ୍ରଦାନ କରାଯିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ନିଶ୍ଚିତ ରୂପେ ପ୍ରାଥମିକ ମୁସଲ୍‌ମାନ୍ ମାନେ ନିଜର ସମସ୍ତ କାର୍ଯ୍ୟକଳାପରେ ନ୍ୟାୟ କରୁଥିଲେ । ଉଦାହରଣ ସ୍ୱରୂପ - ଏକଦା ହଜ୍‌ରତ୍ ଉମର୍ ର:ଅ ଯିଏକି ଦ୍ୱିତୀୟ ଖଲିଫା ଥିଲେ, ତାଙ୍କ ନିକଟରେ ଗୋଟିଏ ମାମଲା ପେଶ୍ ହେଲା । ସେଥିରେ ଗୋଟିଏ ପକ୍ଷ ହେଉଛନ୍ତି ମୁସଲ୍‌ମାନ୍ ଏବଂ ଅନ୍ୟ ପକ୍ଷଟି ୟୁହୁଦୀ ଥିଲା । ସେହି ଦୁଇଜଣଙ୍କର ଯୁକ୍ତି ଶୁଣିବା ପରେ ହଜ୍‌ରତ୍ ଉମର୍ ର:ଅ ଉକ୍ତ ୟୁହୁଦୀଙ୍କ ସପକ୍ଷରେ ନ୍ୟାୟ ପ୍ରଦାନ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଇସ୍‌ଲାମ୍ ଏହା ମଧ୍ୟ ଶିକ୍ଷା ଦେଇଥାଏ କି ଅନ୍ୟର ଭାବନା ଓ ମନୋଭାବକୁ ଧାନ ରଖିବା ବହୁତ ଜରୁରୀ ଅଟେ । ଏକଦା ହଜ୍‌ରତ୍ ଅବୁ ବକର୍ ର:ଅ ଜଣେ ୟୁହୁଦୀଙ୍କ ସହିତ କଥା ହେବା ସମୟରେ ଏହା କହିଦେଲେ କି ଆଁ ହଜ୍‌ରତ୍ ସ:ଆ:ସଙ୍କ ପଦ ମର୍ଯ୍ୟାଦା ହଜ୍‌ରତ୍ ମୁସା ଆ:ସଙ୍କ ଠାରୁ ଅଧିକ । ଏହା ଶୁଣି ଉକ୍ତ ୟୁହୁଦୀଜଣକ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ଅଭିଯୋଗ କଲେ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅବୁ ବକର୍ ର:ଅଙ୍କୁ ଆକଟ କଲେ । ଯେବେକି ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟତର ଓ ନିଷ୍ଠାପର ବନ୍ଧୁ ମଧ୍ୟ ଥିଲେ । ଆଁ ହଜ୍‌ରତ୍ ସ:ଆ:ସ ଏହାପରେ ଆହୁରି ମଧ୍ୟ କହିଲେ କି ଉକ୍ତ ୟୁହୁଦୀଙ୍କ ଭାବନାକୁ ଧାନ ରଖିବା ଉଚିତ୍ ଥିଲା । ଯଦିଚ ଯାହା କିଛି ହଜ୍‌ରତ୍ ଅବୁ ବକର୍ ର:ଅ କହିଥିଲେ ତାହା ଇସ୍‌ଲାମୀୟ ଶିକ୍ଷା ମୁତାବକ ଥିଲା । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସ ଏହା ବୁଝାଇଲେ କି କୌଣସି ମୁସଲ୍‌ମାନଙ୍କୁ ୟୁହୁଦୀଙ୍କ ସମ୍ମୁଖରେ ଏପରି କଥା ହେବା ଠିକ୍ ନୁହେଁ । ଯଦ୍ୱାରା ତାଙ୍କର ଭାବନାକୁ ଆଘାତ ପହଂଚିବ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ-ଆଁ ହଜ୍‌ରତ୍ ସ:ଆ:ସଙ୍କ ଏହି ଶିକ୍ଷା ଅତ୍ୟନ୍ତ ଗଭୀର ଓ ଭିନ୍ନ ଭିନ୍ନ ଧର୍ମ ସହିତ ସମ୍ବନ୍ଧ ରଖୁଥିବା ଲୋକମାନଙ୍କ ମଧ୍ୟରେ ଶାନ୍ତି ପ୍ରତିଷ୍ଠା କରିବାର ଏହା ମୂଳଦୁଆ ଅଟେ । କିନ୍ତୁ ଆଜିକାଲି ଆମେ ଏହା ଦେଖୁଛୁ କି ବାକ୍ ସ୍ୱାଧିନତା ନାମରେ ଅମ୍ବେୟା (ଅବତାରଗଣ) ଏବଂ ଧର୍ମୀୟ ମାର୍ଗଦର୍ଶକମାନଙ୍କୁ ଥଟ୍ଟା ଓ ପରିହାସ କରାଯାଉଛି । ଯେବେକି ଲକ୍ଷ୍ୟ ଲକ୍ଷ୍ୟ ଲୋକ ସେମାନଙ୍କର ଅନୁସରଣ କରିଥାନ୍ତି ଓ ସେମାନେ ଏହାକୁ କଦାପି ବର୍‌ଦାସ୍ତ କରିପାରିବେ ନାହିଁ କି ସେମାନଙ୍କର ଏପରି ନିନ୍ଦା କରାଯାଉ । ଯଦି ଆମେ ପ୍ରକୃତରେ ସଂସାରରେ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହୁଁଛେ ତେବେ ଆମକୁ ନିଜ ଭାଷା/ବାକ୍ୟ ଏବଂ ଆମ କାର୍ଯ୍ୟାବଳୀର ଫଳ ବାବଦରେ ଚିନ୍ତା କରିବାକୁ ହେବ । ଆମେ ଅନ୍ୟମାନଙ୍କର ଭାବନା ଓ ସମ୍ମାନକୁ ଧାନ

ଦେବା ଉଚିତ୍ । ଏହାଦ୍ୱାରା ନିଜ ନିଜ ଭିତରେ ନିକଟତା ବଢ଼ିବ ଓ ସଂସାରର ଅଧିକାଂଶ ଭାଗରେ ଯେଉଁ ଘୃଣାଭାବ ଓ ଅପ୍ରସନ୍ନତାର କିଲା ନିର୍ମାଣ ହୋଇଛି ତାକୁ ଭାଙ୍ଗିଦେବା ପାଇଁ ଏଥିରୁ ସାହାଯ୍ୟ ମିଳିବ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ-ନିଶ୍ଚିତ ରୂପେ ଶାନ୍ତି ସ୍ଥାପନ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଓ ଆବଶ୍ୟକ ବିଷୟ ଅଟେ । ଶାନ୍ତି ପ୍ରତିଷ୍ଠା ହିଁ ଆମର ପ୍ରାଥମିକ ଇଚ୍ଛା ଓ ଉଦ୍ଦେଶ୍ୟ ହେବା ଉଚିତ୍ । ଏକଥାକୁ ଅସ୍ୱୀକାର କରିହେବ ନାହିଁ କି କିଛି ମୁସଲ୍‌ମାନ୍ ମାନଙ୍କର ଘୃଣ୍ୟ କର୍ମ ମଧ୍ୟ ଏହି ବାତାବରଣକୁ ବିଗାଡ଼ି ରଖିଛି । କିନ୍ତୁ ଏକଥା ସମ୍ପୂର୍ଣ୍ଣ ରୂପେ ସ୍ପଷ୍ଟ ହେବା ଉଚିତ୍ କି ସେମାନଙ୍କର ଏପରି ଅତ୍ୟାଚାର ମୂଳକ କାର୍ଯ୍ୟ କେବଳ ଇସ୍‌ଲାମୀୟ ଶିକ୍ଷାଠାରୁ ଦୂରେଇଯିବାର ଫଳ ଅଟେ । ତତ୍ ସହିତ ଅଣ ମୁସ୍‌ଲିମ୍ ଦେଶଗୁଡିକ ମଧ୍ୟ ନିଜର ଭୁଲ୍ କାର୍ଯ୍ୟକଳାପ ଓ ଭୁଲ ରାଜନୀତି ଯୋଗୁ ଏହି ନିଆଁକୁ ଆହୁରି ଅଧିକ ଭଡକାଉଅଛି । ଯଦି କେହି ପବିତ୍ର କୋରାନ୍ ଓ ଆଁ ହଜରତ୍ ସ:ଆ:ସଙ୍କ ପବିତ୍ର ଜୀବନ ଚରିତକୁ ସବୁ ପ୍ରକାରର ଦ୍ୱେଷଭାବଠାରୁ ପବିତ୍ର ହୋଇ ନ୍ୟାୟ ଦୃଷ୍ଟିରେ ଅନୁଧ୍ୟାନ କରିବ ତେବେ ସେ ଖୁବ୍ ଶିଘ୍ର ଜାଣିପାରିବ କି ଇସ୍‌ଲାମ୍ ହେଉଛି ଶାନ୍ତିର ଧର୍ମ ଓ ଆଁ ହଜରତ୍ ସ:ଆ:ସ ହେଉଛନ୍ତି ଶାନ୍ତିର ଦୂତ । ପୁଣି ସେମାନେ ଏହା ମଧ୍ୟ ଜାଣିଯିବେ କି ପବିତ୍ର କୋରାନ୍‌ର ଶିକ୍ଷା ବାସ୍ତବରେ ସମଗ୍ର ମାନବ ଜାତି ସହିତ ପ୍ରେମ କରିବା ଶିଖାଉଛି ।

ହଜୁର୍ ଅନୱର୍ ଅ:ବ:ଅ କହିଲେ-ଆଜି ଆମେ ଏପରି ଏକ ସମୟରେ କାଳାତିପାତ କରୁଛେ ସେଥିରେ ଅଶାନ୍ତି, ଅନିଶ୍ଚିତତା ବଢ଼ିଚାଲିଛି । ସୁତରାଂ ଏ ସଂସାରର ପ୍ରତ୍ୟେକ ଭାଗରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ନିମନ୍ତେ ଏହା ଜରୁରୀ ଅଟେ କି ସେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ନିଜ ନିଜ ସ୍ତରରେ ନିଜର ଦାୟିତ୍ୱ ବହନ କରନ୍ତୁ । ସାରା ସଂସାରରେ ବିରୋଧପୂର୍ଣ୍ଣ କାର୍ଯ୍ୟକଳାପ ବଢ଼ି ଚାଲିଛି ଏବଂ ଆମକୁ ଏକଥା କଦାପି ଭୁଲିଯିବା ଉଚିତ୍ ହେବନାହିଁ କି ଗୋଟିଏ ଯୁଦ୍ଧର ବାଦଲ ଆମ ମୁଣ୍ଡ ଉପରେ ଘୁରି ବୁଲୁଛି । ଆମେ ଆମ ସମ୍ମୁଖରେ ଦେଶ ଦେଶ ଭିତରେ ଗଠବନ୍ଧନ୍ ଓ ବ୍ଲକ୍‌ସ୍ ତିଆରି ହେବାର ଦେଖୁଅଛୁ । ମୋତେ ଭୟ ଲାଗୁଛି କି ଆମେ ପାଗଳ ସଦୃଶ କିଛି ବୁଝାସୁଝା ନକରି ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ଦଉଡି ଚାଲିଛେ । ବାସ୍ତବରେ ଏହା କହିବା ଭୁଲ୍ ହେବନାହିଁ କି ଏପରି ଏକ ଯୁଦ୍ଧର ମୂଳଦୁଆ ପଡ଼ିସାରିଛି । ଯଦି ଆମେ ନିଜକୁ ବଂଚାଇବାକୁ ଚାହୁଁଛେ ଏବଂ ଏହାଠାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ଏହା ଅଟେ କି ଯଦି ଆମେ ନିଜ ପିଲାମାନଙ୍କୁ ଓ ଆସନ୍ତା ପିଢ଼ୀକୁ ଯୁଦ୍ଧର ଭୟାବହତା ଓ ବିଭିଷୀକାରୁ ବଂଚାଇବାକୁ ଚାହୁଁଛେ ତେବେ ଆମକୁ ନିଶ୍ଚିତ ରୂପେ ନିଜର ସୃଷ୍ଟିକର୍ତ୍ତା ଓ ଜଣେ ଅନ୍ୟଜଣକର ଅଧିକାରକୁ ପ୍ରଦାନ କରିବାକୁ ହେବ । ଆମକୁ ଜାତି, ବର୍ଣ୍ଣ, ଭାଷା ନିର୍ବିଶେଷରେ ସମସ୍ତଙ୍କର ସମ୍ମାନକୁ ଧ୍ୟାନ ରଖିବାକୁ ହେବ ଓ ନିଶ୍ଚିତ ରୂପେ ଆମକୁ ଜଣେ ଅନ୍ୟଜଣକର ଧର୍ମପ୍ରତି ଥିବା ଭାବନାକୁ ସମ୍ମାନ ଦେବାକୁ ପଡ଼ିବ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ-ଏଥିରେ କୌଣସି ଶଙ୍କା ନାହିଁ କି ମୁସଲ୍‌ମାନ୍ ଦେଶଗୁଡିକ ନିଜ ନାଗରିକଙ୍କ ଅଧିକାର ଦେବାରେ ଅସଫଳ ହୋଇସାରିଛନ୍ତି ଓ ସେହି ଦେଶଗୁଡିକ ଅନୁଚିତ ରୂପେ ନିଜ ନାଗରିକଙ୍କ ଅଧିକାରକୁ ଦବାଇ ଦେଉଛନ୍ତି । ଏବଂ ଏହାର ସୁଯୋଗ ନେଇ ଚରମପନ୍ଥୀ ଓ ସନ୍ତ୍ରାସ୍‌ବାଦ୍ ଗୋଷ୍ଠୀ ସମୂହ ଲାଭ ଉଠାଉଛନ୍ତି ଓ ଶକ୍ତିଶାଳୀ ହେଉଛନ୍ତି । ଏହି ସଂଗଠନ ଗୁଡିକ ଏବେ ଧ୍ୱଂସାଭିମୁଖୀ ରହିଛନ୍ତି । ନା କେବଳ ମୁସଲ୍‌ମାନ୍ ଦେଶଗୁଡିକରେ ବରଂ ସେମାନଙ୍କର ଜାଲ ପଶ୍ଚିମରେ ମଧ୍ୟ ବ୍ୟାପି ଚାଲିଛି । ସୁତରାଂ ଇସ୍‌ଲାମ୍ ଓ ମୁସଲ୍‌ମାନ୍ ମାନଙ୍କର ଡର ଜୋର୍ ଧରିନେଇଛି ଓ ଏହା ଦିନକୁ ଦିନ ବଢ଼ି ଚାଲିଛି । ମୁଁ ପୁଣିଥରେ ଏକଥାକୁ ସ୍ପଷ୍ଟ କରିଦେବାକୁ ଚାହୁଁଛି କି ଉକ୍ତ ତଥାକଥିତ ମୁସଲ୍‌ମାନ୍ ମାନଙ୍କର ଏପରି ହିଂସକ କାର୍ଯ୍ୟକଳାପ କଦାପି ଇସ୍‌ଲାମୀୟ ଶିକ୍ଷାର ଅନୁରୂପ ନୁହେଁ ବରଂ ଏହା ତାଙ୍କ ନିଜର ଗୁପ୍ତ ଲକ୍ଷ୍ୟ ଅଟେ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ-ଯାହା କିଛି ମୁଁ କହିଲି ସେ ଦୃଷ୍ଟିକୋଣରୁ ମୁଁ ପଶ୍ଚିମ ଦେଶଗୁଡିକୁ ଓ ପଶ୍ଚିମ ରାଜନୈତିଜ୍ଞ ମାନଙ୍କ ନିକଟରେ ଦରଖାସ୍ତ କରୁଛି କି ସେମାନେ ନିଜର ଦାୟିତ୍ୱବୋଧକୁ ବୁଝନ୍ତୁ ଓ ନିଜ ନିଜର ରାଜନୀତିକ ଓ ସାମାଜିକ ଉଦ୍ଦେଶ୍ୟ ନିମନ୍ତେ ମୁସଲ୍‌ମାନ୍ ନେତାମାନଙ୍କ ସହିତ ଉତମ ସମ୍ପର୍କ ସ୍ଥାପନ କରନ୍ତୁ । ନିଜର ସମସ୍ତ ଶକ୍ତିକୁ ବ୍ୟବହାର କରି ନିରପେକ୍ଷ ଭାବେ ମୁସଲ୍‌ମାନ୍ ଦେଶଗୁଡିକୁ ସାହାଯ୍ୟ କରନ୍ତୁ ଓ ସେ ଦେଶ ଗୁଡିକରେ ଶାନ୍ତି ସ୍ଥାପନ ପ୍ରତି ଧ୍ୟାନ ଦିଅନ୍ତୁ । ନଚେତ୍ ଏହି ରାଜନୈତିଜ୍ଞ ଓ ସରକାର ଗୁଡିକ ମଧ୍ୟ ସଂସାରରେ ଅଶାନ୍ତି ସୃଷ୍ଟି କରିବା ପାଇଁ ସମଭାଗି ହେବେ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ-ବର୍ତ୍ତମାନ୍ ୟୁରୋପ୍‌ରେ ରହୁଥିବା ଲୋକମାନଙ୍କ ମଧ୍ୟରେ ଭୟ ଓ ଅଶାନ୍ତି ବଢ଼ିଚାଲିଛି କି ବିଗତ ବର୍ଷ ଏ ଗୁଡିକରେ ୟୁରୋପ୍‌ରେ ବହୁତ ମୁହାଜିରିନ୍ (ଦେଶାନ୍ତର ହୋଇଥିବା ଲୋକେ) ପ୍ରବେଶ କରିଗଲେଣି । ଏହାକୁ ମନେ ରଖିବାକୁ ହେବ କି ମୁହାଜିର୍ ମାନଙ୍କ ମଧ୍ୟରୁ ଅଧିକାଂଶ ୟୁରୋପ୍‌ରେ ଏଥିପାଇଁ ଶରଣ ନେଇଛନ୍ତି କି ସେମାନଙ୍କୁ ତାଙ୍କ ଦେଶରେ ହିଁ ଅତ୍ୟାଚାର କରାଯାଉଥିଲା । କିନ୍ତୁ ବାସ୍ତବରେ ନିଜ ଦେଶର ଅତ୍ୟାଚାରୀଙ୍କ କବଳରୁ ପଳାଇ ଆସି ଉକ୍ତ ଲକ୍ଷ୍ୟ ଲକ୍ଷ୍ୟ ଲୋକମାନଙ୍କୁ ନିଜ ଦେଶରେ ମିଶାଇ ଦେବା କୌଣସି ମଧ୍ୟ ଦେଶକୁ ବରଂ କୌଣସି ମହାଦେଶକୁ ମଧ୍ୟ ଶକ୍ତି ନାହିଁ । ସୁତରାଂ ଏହାର ଗୋଟିଏ ମାତ୍ର ସମାଧାନ ହେଉଛି ସେମାନଙ୍କର ମାତୃଭୂମିରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଗୋଟିଏ ମଜବୁତ୍ ନିଜାମ୍ ସ୍ଥାପନ କରାଯାଉ ଓ ସେହି ଦେଶ ଗୁଡିକରେ ଅତ୍ୟାଚାରକୁ ନିଃଶେଷ କରାଯାଉ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ-ମୁଁ ପୁଣିଥରେ ଏଠାରେ ଉପସ୍ଥିତ ଥିବା ସମସ୍ତ ଅତିଥିଗଣ ଓ ବିଶେଷ କରି ଏଠାରେ ଯୋଗ ଦେଇଥିବା ରାଜନୈତିଜ୍ଞ ଓ ଦେଶର ବ୍ୟକ୍ତି ବିଶେଷଙ୍କ ନିକଟରେ ଏ ଦରଖାସ୍ତ କରୁଛି କି ଆପଣମାନେ ଏ ସଂସାରରେ ଶାନ୍ତି ସ୍ଥାପନ ପାଇଁ କୌଣସି ସୁଯୋଗକୁ ହାତଛଡ଼ା କରନ୍ତୁ ନାହିଁ । ଏତଦ୍‌ଭିନ୍ନ ଧ୍ୱଂସର ଆକଳନ କରାଯାଇପାରିବ ନାହିଁ । ଯେପରିକି ମୁଁ ପ୍ରଥମେ ମଧ୍ୟ କହିସାରିଛି କି ତୃତୀୟ ବିଶ୍ୱଯୁଦ୍ଧ ବହୁତ ଶିଘ୍ର ନିକଟତର ହେଉଅଛି । ଯଦି ଏହାକୁ ରୋକା ନଯିବ ତେବେ ଏହାର କୁପ୍ରଭାବ ଆସନ୍ତା ପିଢ଼ୀକୁ ପହଂଚିବ । କାରଣ ସମ୍ଭବତଃ ଏହି ଯୁଦ୍ଧରେ ନୂତନ ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯିବ । ଏହିପରି ଯୁଦ୍ଧର କୁପ୍ରଭାବ ଆମ ଚିନ୍ତାର ବାହାର ଅଟେ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ- ଅଲ୍ଲାଃତାଲା ସମସ୍ତଙ୍କୁ ବୁଦ୍ଧି ଓ ବିବେକ ପ୍ରଦାନ କରନ୍ତୁ ଓ ତାର ଅଗଣତି କୃପା ଓ ଦୟା ଦ୍ୱାରା ସେ ଆମକୁ ସୁରକ୍ଷିତ କରନ୍ତୁ । ମାନବଜାତିକୁ ଶାନ୍ତିରେ ସହାବସ୍ଥାନ କରିବା ପାଇଁ ଓ ଜଣେ ଅନ୍ୟଜଣକର ହକ୍‌କୁ ପ୍ରଦାନ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା କରନ୍ତୁ କି ଆମେ ଖୁବ୍‌ଶିଘ୍ର ବର୍ତ୍ତମାନର ଭୟାବହ ପରିସ୍ଥିତିରୁ ବାହାରି ଗୋଟିଏ ଉତମ ଓ ଉଜ୍ଜ୍ୱଳ ଭବିଷ୍ୟତ ଉପରେ ପ୍ରବେଶ କରିପାରିବା ଯେଉଁଠି ସମସ୍ତ ଜାତି ଓ ସମସ୍ତ ଗୋଷ୍ଠୀ ଏକତ୍ର ମିଳିମିଶି ରହିପାରିବେ । ଯେଉଁଠାରେ ପ୍ରେମ, ସ୍ନେହ, ଭାଇଚାରା ଓ ମାନବିକତା ଉଜାଗର ହେବ । ଏତିକି କହି ମୁଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ବହୁତ ବହୁତ ଧନ୍ୟବାଦ ।

ହଜୁର୍ ଅନୱର୍ ଅ:ବ:ଅଙ୍କ ଏହି ଅଭିଭାଷଣ ୭:୨୫ ପର୍ଯ୍ୟନ୍ତ ଜାରି ରହିଲା ଓ ଅଭିଭାଷଣର ପରିସମାପ୍ତିରେ ସମ୍ପୂର୍ଣ୍ଣ ହଲ୍‌ଟି ଲୋକଙ୍କ ଉତ୍ସାହିତର ତାଳିଦ୍ୱାରା ଗୁଞ୍ଜରଣ ହେଉଥିଲା । ଏହାପରେ ହଜୁର୍ ଅନୱର୍ ଅ:ବ:ଅ ଉପସ୍ଥିତ ଅତିଥିମାନଙ୍କୁ ଉପହାର ପ୍ରଦାନ କଲେ ଓ ପରେ ଦୁଆ କରାଇଲେ । ପ୍ରୋଗ୍ରାମ୍ ମୁତାବକ ଏହି ଉତ୍ସବର ଶେଷରେ ସମସ୍ତ ଅତିଥିବୃନ୍ଦ ହଜୁର୍ ଅନୱର୍ ଅ:ବ:ଅଙ୍କ ସହିତ ଭୋଜନ କଲେ ।

ହଜୁର୍ ଅନୱର୍ ଅ:ବ:ଅଙ୍କ ସହିତ ସେଂଟର୍ ଟେବୁଲ୍‌ରେ ମିନିଷ୍ଟର୍ ଓ ଅନ୍ୟାନ୍ୟ ପାର୍ଲିଆମେଂଟ୍‌ର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ । ହଜୁର୍ ଅନୱର୍ ସେମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ କଥା ହେଉଥିଲେ । ଏହି ସମୟରେ କିଛି ଅତିଥି ଜଣ ଜଣ ହୋଇ ଆସି ହଜୁର୍ ଅନୱର୍‌ଙ୍କ ସହିତ ମିଶୁଥିଲେ । ହଜୁର୍ ସେମାନଙ୍କ ସହିତ ବହୁତ ସ୍ନେହର ସହିତ କଥା ହେଉଥିଲେ । କିଛି ଅତିଥି ବିଭିନ୍ନ ସ୍ଥାନରେ ଛିଡ଼ା ହୋଇ ନିଜ କ୍ୟାମେରା ସାହାଯ୍ୟରେ ହଜୁର୍ ଅନୱର୍‌ଙ୍କର ଫଟୋ ଉଠାଉଥିଲେ । ଏହି ଉତ୍ସବର ଶେଷରେ ମଧ୍ୟ ଅତିଥିମାନଙ୍କର ଭିଡ ଲାଗିଗଲା ଓ ସମସ୍ତେ ହଜୁର୍ ଅନୱର୍‌ଙ୍କ ସହିତ କରମର୍ଦ୍ଦନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ଓ ତତ୍ ସହିତ ଫଟୋ ମଧ୍ୟ ଉଠାଗଲା ।

ଆଜିର ଏହି ଉତ୍ସବରେ ୧୨୦ଜଣରୁ ଅଧିକ ଡେନିସ୍ ଅତିଥିଗଣ ସାମିଲ୍ ହୋଇଥିଲେ । ଏହି ଉତ୍ସବରେ ପାର୍ଲିଆମେଂଟ୍‌ର ସଦସ୍ୟ, ମିନିଷ୍ଟର, ମେୟର, କାଉନ୍‌ସିଲର, ରାଜନୈତିଜ୍ଞ, ପ୍ରଫେସର, ଡାକ୍ତର ଓ ବିଭିନ୍ନ ସଂସ୍ଥା ସହିତ ଜଡ଼ିତ ଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ବିଶେଷଙ୍କ ବ୍ୟତୀତ ଡେନ୍‌ମାର୍କ୍‌ରେ ନିୟୋଜିତ ଥିବା ବେଲ୍‌ଜିୟମ୍‌ର ରାଜଦୂତ, ଆମେରିକା ଆମ୍ବାସିର ପ୍ରତିନିଧି, ରସିଆନ୍ ଆମ୍ବାସିର ଫାଷ୍ଟ ସେକ୍ରେଟାରୀ ଏବଂ Fiona Kit Claudi Fron Iversen ରିଜିଅନ୍‌ର ପୋଲିସ୍ ଡିରେକ୍ଟର୍ ମଧ୍ୟ ସାମିଲ୍ ହୋଇଥିଲେ ।

**ଅତିଥିମାନଙ୍କର ମନୋଭାବ ବ୍ୟକ୍ତ**

ଆଜିର ଏହି ଉତ୍ସବରେ ସାମିଲ୍ ହୋଇଥିବା ବହୁତ ଅତିଥି ନିଜର ମନୋଭାବକୁ ପ୍ରକାଶ ନକରି ରହିପାରିଲେ ନାହିଁ । ଏହି ଅତିଥିମାନଙ୍କ ମଧ୍ୟରୁ କିଛିଙ୍କର ମନୋଭାବ ନିମ୍ନରେ ଦରଜ କରାଯାଉଛି ।

ଜଣେ ମହିଳା ଅତିଥି Lise Simon ସାହିବା ଯିଏ ଟୁରିଷ୍ଟ୍ ୟୁନିଅନ୍‌ର ସଭାପତି ଅଛନ୍ତି ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ମୁଁ ଆଜି ରାତିର ଏହି ଉତ୍ସବରେ ସାମିଲ୍ ହୋଇଥିବା ଯୋଗୁ ବହୁତ ଆନନ୍ଦିତ । ଖଲିଫାଙ୍କର ବକ୍ତବ୍ୟ ଅତ୍ୟନ୍ତ ବୈଭବଶାଳୀ ଥିଲା । ମୁଁ ଆଶା କରୁଛି କି ଆମେ ସମସ୍ତେ ଶାନ୍ତିର ସହିତ ବସବାସ କରିପାରିବା ଓ ମୁଁ ଏହା ମଧ୍ୟ ଭାବୁଛି କି ଏହିଭଳି ଉତ୍ସବ ଜଣେ ଅନ୍ୟଜଣକୁ ବୁଝିବା ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇ ପାରିବ ।

ଜଣେ ଡ୍ୟାନିଶ୍ ଅତିଥି Sten Hoffman ନିଜର ଭାବନା ବ୍ୟକ୍ତ କରି କହିଲେ ସର୍ବପ୍ରଥମେ ମୁଁ ହୃଦୟର ଗଭୀରତାରୁ ଆପଣଙ୍କ କୃତଜ୍ଞତା ଜ୍ଞାପନ କରିବି କି ଆପଣ ମୋତେ ଏହି ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି । ମୁସଲ୍‌ମାନ୍ ମାନଙ୍କ ସଠିକ୍ ଶିକ୍ଷା ବିଷୟରେ ମହା ମହିମ ଖଲିଫାଙ୍କ ବକ୍ତବ୍ୟ ଶୁଣି ମୋତେ ବହୁତ ଶାନ୍ତ୍ୱନା ଓ ଖୁସି ମିଳିଛି । ଆଜିର ସମୟରେ ଏପରି ବାର୍ତ୍ତା ଅତ୍ୟନ୍ତ ଆବଶ୍ୟକ । ଭଗବାନ କରନ୍ତୁ କି ସ୍କାଣ୍ଡିନିଭିଆରେ ଖଲିଫାଙ୍କର ଏହି ବାର୍ତ୍ତାକୁ ଭଲଭାବେ ବୁଝାଯାଉ ।

ଆଉ ଜଣେ ଅତିଥି Jonna Hansen କହିଲେ ଆଜି ଖଲିଫାଙ୍କ ବକ୍ତବ୍ୟ ଅତ୍ୟନ୍ତ ସୁନ୍ଦର ଓ ଯାଦୁପୂର୍ଣ୍ଣ ଥିଲା । ମୁଁ ଚାହୁଁଛି କି ଆପଣଙ୍କର ଉକ୍ତ ବକ୍ତବ୍ୟ ଓ ଆପଣଙ୍କ ଚିନ୍ତାଧାରାକୁ ମୁଁ ଆହୁରି ଅଧିକ ଅଧ୍ୟୟନ କରିବି । ଏହା ଏକ ଜ୍ଞାନବର୍ଦ୍ଧକ ଓ ପ୍ରଭାବଶାଳୀ ବକ୍ତବ୍ୟ ଥିଲା ଯାହା ମାନବ ଜାତି ସହିତ ସହାନୁଭୂତି ରଖିବା ଓ ମାନବିକତାର ସୁନ୍ଦର ଭାବନାରେ ପରିବେଷ୍ଟିତ ଥିଲା ।

ନାକ୍‌ସୋ ସହିତ ସମ୍ବନ୍ଧ ରଖିଥିବା ଜଣେ ଡ୍ୟାନିଶ୍ ଅତିଥି Klaus Frost Jensen ସାହେବ କହିଲେ ଏହି ଉତ୍ସବ ବହୁତ ଭଲ ଥିଲା ଓ ମହାମହିମ ଖଲିଫାଙ୍କୁ ଦେଖିବା ଓ ତାଙ୍କୁ ଶୁଣିବା ମଧ୍ୟ ଏକ ସ୍ମୃତି ହୋଇରହିବ ।

ଲୋ ଲ୍ୟାଣ୍ଡ କାଉନ୍‌ସିଲ୍‌ର ଜଣେ ସଦସ୍ୟ Leo Christensen ମଧ୍ୟ ଏହି ଉତ୍ସବରେ

ସାମିଲ୍ ହୋଇଥିଲେ । ସେ ନିଜର ଭାବନାକୁ ବ୍ୟକ୍ତି କରି କହିଲେ ଖଲିଫାଙ୍କ ଭାଷଣ ବହୁତ ପ୍ରଭାବଶାଳୀ ଅଟେ । ମୁଁ ଏହା ଜାଣି ବହୁତ ଖୁସି ହେଲି କି ଲକ୍ଷ୍ୟ ଲକ୍ଷ୍ୟ ଅହେମଦୀ ମୁସଲମାନ୍ ନିର୍ଭୟତାର ସହିତ କେବଳ ସଂସାରରେ ଶାନ୍ତି ସ୍ଥାପନ କରିବା ପାଇଁ ଏକ ଉଜ୍ଜ୍ୱଳ ମିନାର୍ ସଦୃଶ ଛିଡ଼ା ହୋଇଛନ୍ତି ।

ଲୋ ଲ୍ୟାଣ୍ଡ୍ କାଉନସିଲ୍‌ର ଆଉ ଜଣେ ସଦସ୍ୟ Heino Knudsen ନିଜର ଭାବନା ବ୍ୟକ୍ତ କରି କହିଲେ ଏହି ଉତ୍ସବରେ ସାମିଲ୍ ହେବା ମୋ ପାଇଁ ବହୁତ ଗର୍ବର ସମ୍ମାନର ବିଷୟ ଅଟେ । ମୋ ନିକଟରେ ହଜୁରଙ୍କର ଏହି ଗସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ବର୍ତ୍ତମାନ ସମୟରେ ଆମକୁ ଶାନ୍ତି ଓ ସ୍ୱାଧୀନତା ପରି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଅଧିକ ଚର୍ଚ୍ଚା କରିବାର ଆବଶ୍ୟକ ରହିଛି । କାରଣ ଲୋକମାନେ ବର୍ତ୍ତମାନ ଦୁଃଖ ଓ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି । ସେଥିପାଇଁ ଲୋକ ଓ ସେମାନଙ୍କର ସଂସ୍କୃତି ମଧ୍ୟରେ ଅନ୍ତର ବଢ଼ିଚାଲିଛି । ମହାମହିମ ଖଲିଫା ଏହି ସବୁ ସମସ୍ୟା ଉପରେ ବହୁତ ବ୍ୟାଖାକରି ଆଲୋକପାତ କରିଛନ୍ତି ଓ ବହୁତ ସ୍ୱଷ୍ଟ ରୂପେ ଏହା ବତାଇଛନ୍ତି କି ଇସଲାମ୍ ହେଉଛି ଶାନ୍ତିର ଧର୍ମ ଓ ବହୁତ ପ୍ରିୟ ଧର୍ମ ଅଟେ । ଏକଥା ଭବିଷ୍ୟତରେ ବହୁତ ଲାଭପ୍ରଦ ହେବ ।

ଏହି ଉତ୍ସବରେ ସାମିଲ୍ ହୋଇଥିବା ଆଉଜଣେ ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ ମୋ ମତରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭାଷଣ ଥିଲା । କାରଣ ଏଥିରେ ନା କେବଳ ଡେନ୍‌ମାର୍କ୍ ବରଂ ସାରା ସଂସାରପାଇଁ ଏକ ଜରୁରୀ ବାର୍ତ୍ତା ରହିଥିଲା, ଯାହା ଆମ ସମସ୍ତଙ୍କ ପାଇଁ ଆବଶ୍ୟକ । ନିଶ୍ଚିତ ରୂପେ ମହାମହିମ ଖଲିଫା ଶାନ୍ତିପ୍ରିୟ ବ୍ୟକ୍ତି ଅଟନ୍ତି ।

ଆଉଜଣେ ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ କି ହଜୁରଙ୍କ ଅଭିଭାଷଣ ପରେ ମୋ ମେଜ ଚାରିପଟେ ବସିଥିବା ସବୁ ଲୋକେ ଇସଲାମ୍‌କୁ ସଠିକ୍ ରୂପେ ବୁଝିପାରିଛନ୍ତି ବୋଲି କଥା ହେଉଥିଲେ । ଲୋକମାନେ ଏହା କହୁଥିଲେ କି ଏହା ନିଶ୍ଚିତ ରୂପେ ବହୁତ ଆନନ୍ଦର କଥା ଅଟେ କି ଇସ୍‌ଲାମ୍‌କୁ ଏଭଳି ସୁନ୍ଦର ଶୈଳୀରେ ପରିବେଷଣ କରାଗଲା । ବିଶେଷ ରୂପେ ଡେନିଶ୍ ଲୋକମାନେ ଇସ୍‌ଲାମ୍‌ର ଗୋଟିଏ ପାର୍ଶ୍ୱକୁ ହିଁ ଜାଣିଛନ୍ତି । ଏ ଲୋକମାନେ ଜାଣନ୍ତି ନାହିଁ କି ଇସ୍‌ଲାମ୍ ଭିତରେ ବିଭିନ୍ନ ଫିର୍କା (ଗୋଷ୍ଠୀ) ଅଛନ୍ତି ବୋଲି, ଯେଉଁମାନେ ଶାନ୍ତି ଚାହାଁନ୍ତି । ମୋ ପାଇଁ ଏହା ବତାଇବା ଜରୁରୀ ଅଟେ । ମୋର ବିଶ୍ୱାସ କି ଆଜି ଏହି ଉତ୍ସବରେ ସାମିଲ୍ ହୋଇଥିବା ସମସ୍ତ ଅତିଥିବୃନ୍ଦ ଗୋଟିଏ ନୂଆ ଉତ୍ସାହ ସାଥିରେ ନେଇ ଘରକୁ ଯିବେ ।

ଆଉ ଜଣେ ଅତିଥି ହଜୁର୍ ଅନ୍ୱୁର୍ ଅ:ବ:ଅଙ୍କ ଅଭିଭାଷଣ ଓ ତାଙ୍କ ବ୍ୟକ୍ତିତ୍ୱ ଦ୍ୱାରା ପ୍ରଭାବିତ ହୋଇ କହିଲେ- ହଜୁର୍ ଏଠାକୁ ଯେବେଠାରୁ ଆସିଛନ୍ତି ମୁଁ ନିଜ ଭିତରେ ଏକ ଶାନ୍ତି ଅନୁଭବ କରୁଛି । ମୁଁ ଜାଣେନାହିଁ କି ଆପଣମାନେ ଖଲିଫାଙ୍କୁ କିପରି ନିର୍ବାଚିତ କରୁଛନ୍ତି । କିନ୍ତୁ ମୋତେ ତାଙ୍କୁ ଚତୁଃପାର୍ଶ୍ୱରେ ଏକ ଆଲୋକ ଦେଖାଗଲା । ଯାହା ବିନା ଶବ୍ଦରେ ବହୁତ କିଛି କହୁଥିଲା । ମୋ ପାଇଁ ଏହା ଏକ ବହୁତ ଗୁରୁତ୍ୱପୂର୍ଣ୍ଣ ଅନୁଭବ ଥିଲା ।

ଆଉଜଣେ ଅତିଥି ନିଜର ମନୋଭାବ ବ୍ୟକ୍ତ କରି କହିଲେ- ହଜୁର୍ ଯେଉଁ ସବୁ କଥା ବର୍ଣ୍ଣନା କରିଛନ୍ତି ସେଥିରେ ମୋତେ ପୂର୍ଣ୍ଣ ବିଶ୍ୱାସ ଅଛି । ଅର୍ଥାତ୍ ଶାନ୍ତିକୁ ବଜାୟ ରଖିବା ଓ ଏ କଥାକୁ ନିଶ୍ଚିତ କରାଯାଉ କି ଅନ୍ୟମାନଙ୍କ ସହିତ ସେପରି ବ୍ୟବହାର କରାଯାଉ ଯାହାକୁ ଆମେ ଆମ ନିଜ ସହିତ ଦେଖିବାକୁ ଚାହଁଥାଉ ।

ଆଉ ଜଣେ ଅତିଥି ବନ୍ଧୁ ବର୍ଣ୍ଣନା କଲେ ମୋତେ ଲାଗୁଛି କି ଧର୍ମୀୟ ସ୍ୱାଧୀନତାର ସ୍ଥିତି ରହିବା ଅତ୍ୟନ୍ତ ଆବଶ୍ୟକ ଅଟେ । ଯଦ୍ୱାରା ଭାଇଚାରାର ସହିତ ପ୍ରତ୍ୟେକ ଧର୍ମର ଲୋକେ ଏକାଠି ରହିପାରିବେ ଓ କୌଣସି ଘୃଣାଭାବ ନରଖି ନିଜ ଭିତରେ ଭାବର ଆଦାନପ୍ରଦାନ କରିପାରିବେ । ଏହ ବହୁତ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଅଟେ ।

ଏହି ଉତ୍ସବରେ ସାମିଲ୍ ହୋଇଥିବା ଆଉଜଣେ ଅତିଥି ବର୍ଣ୍ଣନା କରୁଛନ୍ତି କି ହଜୁରଙ୍କର ଅଭିଭାଷଣ ସ୍ୱାଧୀନତା, ଶାନ୍ତି ଓ ପ୍ରେମର ସ୍ୱଷ୍ଟୀକରଣ ଥିଲା ଓ ମୁଁ ଆଜି ଏକ ନୂଆ ଭାବନା ନେଇ ଘରକୁ ଯିବି କାରଣ ହଜୁରଙ୍କର କଥା ଅତ୍ୟନ୍ତ ସ୍ୱଷ୍ଟ ଥିଲା । ହଜୁର୍ ବାରମ୍ବାର ଗୋଟିଏ ହିଁ ବାର୍ତ୍ତା ଦେଉଥିଲେ ଯାହା ମୋ ନିକଟରେ ଏ ସଂସାର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଆଉ ଜଣେ ଅତିଥି ନିଜ ଭାବନାକୁ ବ୍ୟକ୍ତ କରି ଏହିପରି ଶବ୍ଦରେ କହିଲେ- ଆଜିକାର ଏହି ଅନୁଭବ ମୋ ଜ୍ଞାନକୁ ବଢ଼ାଇବାର କାରଣ ହେଲା । ମୁଁ ଭାବୁଛି କି ହଜୁରଙ୍କର ବାର୍ତ୍ତା ଆମପାଇଁ ଓ ଅନ୍ୟଜାତି ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ କଥା ହେବ । ଆପଣ ଯେକୌଣସି ଧର୍ମ ସହିତ ସଂଶ୍ଲିଷ୍ଟ ରୁହନ୍ତୁ ନା କାହିଁକି ଜଣେ ଅନ୍ୟ ଜଣକ ସମ୍ମାନ କରିବା ଅତ୍ୟନ୍ତ ଆବଶ୍ୟକ ।

ଆଉଜଣେ ଅତିଥି ନିଜର ମନୋଭାବ ବ୍ୟକ୍ତ କରି କହିଲେ- ମୁଁ ଆଜିର ଏହି ଅଭିଭାଷଣକୁ ଅତ୍ୟନ୍ତ ପ୍ରଭାବଶାଳୀ ରୂପେ ବିବେଚିତ କରୁଛି । କୌଣସି ମୁସଲମାନ୍ ନେତାଙ୍କ ଅଭିଭାଷଣ ଶୁଣିବା ହେଉଛି ମୋ ପାଇଁ ପ୍ରଥମ ଅବସର । ହଜୁରଙ୍କର ବିଶେଷ ବିଷୟ ଉପରେ ଥିବା ନିଜର ରାୟ ବହୁତ ହୃଦୟସ୍ପର୍ଶୀ ଥିଲା ଓ ଏହି ଅଭିଭାଷଣଟି ଅତ୍ୟନ୍ତ ସାହାସିକତାର ସହିତ ସୁନ୍ଦର ରୂପେ ବର୍ଣ୍ଣନା କରାଯାଇଥିଲା । ମୋତେ ଆଜିର ଏହି ଅଭିଭାଷଣଟିକୁ ଶୁଣି ବହୁତ ଭଲ ଲାଗିଲା

ଆଉଜଣେ ଅତିଥି ନିଜର ମନୋଭାବ ବ୍ୟକ୍ତ କରି କହିଲେ- ମୋର ଆଶା ଯେ ଆଜିର ଏହି ଅଭିଭାଷଣ ପରେ ଲୋକମାନଙ୍କ ମନରେ ଥିବା ମୁସଲମାନ୍‌ମାନଙ୍କ ବିଷୟରେ ଧାରଣା ନିଶ୍ଚିତ ରୂପେ ପରିବର୍ତ୍ତନ ହେବ । ଏବେ ମୁଁ ଇସଲାମ୍‌କୁ ଖୁବ୍ ଭଲଭାବେ ବୁଝିବା ପାଇଁ ଗୋଟିଏ ପବିତ୍ର କୋରାନ୍ ମଧ୍ୟ ମଗାଇଛି ଯେଉଁଥିରେ ହାସିୟା ମଧ୍ୟ ଉଲ୍ଲେଖ ରହିଛି । ଆଜିର ଏହି ସନ୍ଧ୍ୟା ପରେ ମୋତେ ମୋର ଅଳ୍ପ ଜ୍ଞାନ ଥିବା ବିଷୟଟି ଅନୁଭବ ହୋଇଛି ।

ଆଉଜଣେ ଅତିଥି ନିଜ ମନୋଭାବକୁ ବ୍ୟକ୍ତ କରି କହିଲେ- ମୁଁ ହଜୁରଙ୍କ ବ୍ୟକ୍ତିତ୍ୱକୁ ବହୁତ ସହାନୁଭୂତିଶୀଳ ରୂପେ ପାଇଛି । ସେ ନିଜର ଅଭିଭାଷଣକୁ ବହୁତ ସୁନ୍ଦର ଶୈଳୀରେ ପରିବେଷଣ କଲେ । ମୁଁ ଏହା ମଧ୍ୟ ଦେଖିଲି କି ସେ ଅନ୍ୟ ବକ୍ତାମାନଙ୍କର ବକ୍ତବ୍ୟକୁ ମଧ୍ୟ ମଗ୍ନ ହୋଇ ଶୁଣୁଥିଲେ । ଏତଦ୍‌ଭିନ୍ନ ତୃତୀୟ ବିଶ୍ୱଯୁଦ୍ଧ ସମ୍ବନ୍ଧରେ ହଜୁରଙ୍କର କଥା ବହୁତ ଜ୍ଞାନବର୍ଦ୍ଧକ ଥିଲା । ଯାହାକୁ ଶୁଣି ମୁଁ ଟିକିଏ ଘାବରାଇ ଯାଇଥିଲି । ପୁଣି ଆପଣଙ୍କ ଭାଷଣ ଶୁଣିବା ଦ୍ୱାରା ଏକପ୍ରକାର ଶାନ୍ତ୍ୱନା ମିଳିଲା ।

ଆଉଜଣେ ଅତିଥି ବନ୍ଧୁ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ହଜୁର୍ ଯେଉଁ ଶୈଳୀରେ ବର୍ତ୍ତମାନର ପାରିପାର୍ଶ୍ୱିକ ପରିସ୍ଥିତି ଉପରେ ଆଲୋକପାତ କଲେ ତାହା ଅତ୍ୟନ୍ତ ପ୍ରଭାବି ଓ ହୃଦୟସ୍ପର୍ଶୀ ଥିଲା ।

ଆଉଜଣେ ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ-କୌଣସି ଉତ୍ସବ ନିମନ୍ତେ ଏହା ଜରୁରୀ ଅଟେ କି ସେହି ଉତ୍ସବର କିଛି ନା କିଛି ଉଦ୍ଦେଶ୍ୟ ଥିବ ଓ ଆଜିର ଏହି ଉତ୍ସବରେ ମଧ୍ୟ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ଥିଲା । ଆଜି ଇସ୍‌ଲାମ୍ ନାମରେ ସନ୍ତ୍ରାସବାଦ କାର୍ଯ୍ୟକଳାପ କରାଯାଉଛି । ସେଥିଯୋଗୁ ଆମକୁ ହଜୁର୍ ଅନ୍ୱୁର୍ ଓ ଆପଣଙ୍କ ପରି ଅନ୍ୟବ୍ୟକ୍ତି ବିଶେଷ ମାନଙ୍କର ଆବଶ୍ୟକ ରହିଛି ଯେଉଁମାନେ ଇସ୍‌ଲାମ୍‌ର ବାସ୍ତବିକ ଓ ଶାନ୍ତିପ୍ରିୟ ଶିକ୍ଷାକୁ ବର୍ଣ୍ଣନା କରୁଛନ୍ତି । ସମସ୍ତଙ୍କ ପାଇଁ ଏହି ସୁନ୍ଦର ଶିକ୍ଷା ବିଷୟରେ ଜାଣିବା ଜରୁରୀ ଅଟେ ।

ଆଉଜଣେ ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ଆଜିର ଏହି ଉତ୍ସବ ବହୁତ ଭଲ ଲାଗିଲା । ମୋ ନିକଟରେ ଆଜିର ଏହି ବିଶ୍ୱ ସଂକଟ ସମୟରେ ଆମକୁ ଏହିଭଳି ବ୍ୟକ୍ତିବିଶେଷଙ୍କ ଆବଶ୍ୟକ ରହିଛି ଯାହାଙ୍କର ଧର୍ମୀୟ ଶିକ୍ଷା ସମସ୍ତଙ୍କ ପାଇଁ ଶାନ୍ତି, ପ୍ରେମ ଓ ସମ୍ମାନ ଉପରେ ଆଧାରିତ । ଡେନ୍‌ମାର୍କରେ ଇସ୍‌ଲାମ୍ ସମ୍ବନ୍ଧରେ ଏ ଭାବନା ସାଧାରଣତଃ ନାହିଁ । କିନ୍ତୁ ମୁଁ ଜାଣିଛି କି ମୋ ପାଇଁ ଏହା ପ୍ରକୃତ ଇସ୍‌ଲାମ୍ ଅଟେ ଓ ଏହା ମଧ୍ୟ ମୁଁ ଜାଣିଛି କି ଯଦି ସମସ୍ତେ ଏହା ଜାଣିଯିବେ କି ଏହା ହିଁ ବାସ୍ତବିକ୍ ଇସ୍‌ଲାମ୍ ତେବେ ଏ ସଂସାରର ଅବସ୍ଥା ବର୍ତ୍ତମାନ ପରିସ୍ଥିତିଠାରୁ ଭିନ୍ନ ହୋଇଯିବ । ମୁଁ ଆଜି ହଜୁରଙ୍କ ଅଭିଭାଷଣରୁ ବହୁତ ସନ୍ତୋଷ ଲାଭ କରିଛି ।

ଆଉ ଜଣେ ଡ୍ୟାନିଶ୍ ଅତିଥି ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ମୋ ମତରେ ହଜୁରଙ୍କର ଅଭିଭାଷଣ ବହୁତ ହୃଦୟସ୍ପର୍ଶୀ ଓ ଗୁରୁତ୍ୱପୂର୍ଣ୍ଣ ଥିଲା । ମୋତେ ହଜୁର୍ ଅନ୍ୱୁର୍‌ଙ୍କ ଦୃଷ୍ଟିକୋଣରୁ ଏକ ବହୁତ ଯୁକ୍ତାତ୍ମକ ଭାବନାର ସହିତ ନୂଆ ଶୈଳୀରେ ଏ ସଂସାରକୁ ବୁଝିବା ପାଇଁ ଅବସର ମିଳିଛି । ମୋତେ ଆପଣଙ୍କ କଥା ଶୁଣି ବହୁତ ଖୁସି ଓ ଶାନ୍ତି ମିଳିଛି ।

ମିଶର୍‌ର ଜଣେ ପ୍ରଫେସର୍ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ସେ ହଜୁର୍ ଅନ୍ୱୁର୍‌ଙ୍କର ଅଭିଭାଷଣ ଶୁଣି କହିଲେ କି ହଜୁର୍ ଅନ୍ୱୁର୍ ଆଜି ଯେଉଁ କଥାଗୁଡିକ ବର୍ଣ୍ଣନା କରିଛନ୍ତି ଏହା ମୋ ପାଇଁ ନୂଆ ନୁହେଁ । ମୁଁ ନିଜେ ମଧ୍ୟ ମୁସଲମାନ୍ ଅଟେ କିନ୍ତୁ ଯେଉଁ ଶୈଳୀରେ ଖଲିଫା ଏହାକୁ ଉପସ୍ଥାପନ କଲେ ମୁଁ ମୋ ଜୀବଦଶାରେ ଏହା ପୂର୍ବରୁ କେବେ ଏପରି ଶୁଣିନାହିଁ । ଯଦି ଆମର ଓ୍ୱଲେମାମାନେ ଓ ନେତାମାନେ ଏହି ଶେଳୀରେ ସେହି କଥାଗୁଡିକୁ ବୁଝନ୍ତେ ଓ ଉପସ୍ଥାପନ କରନ୍ତେ ତେବେ ଆଜି ଆମର ଏପରି ଅବସ୍ଥା ହୋଇନଥାନ୍ତା ।

ୟୁନିଭରସିଟିର ଆଉଜଣେ ପ୍ରଫେସର୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ କି ମୁଁ ଆରମ୍ଭରେ ଯେଉଁ କଥାଗୁଡିକ ଶୁଣିଲି ମୋତେ ବହୁତ ଭଲା ଲାଗିଲା । ଏହାପରେ ମୁଁ ଭାବିଲି କି ବୋଧହୁଏ ଖଲିଫତୁଲ୍ ମସିହ୍ ଆମକୁ ଖୁସି କରିବା ପାଇଁ ନିଜର ଭଲ ଭଲ କଥାଗୁଡିକୁ ଉପସ୍ଥାପନ କରୁଛନ୍ତି । କିନ୍ତୁ ଯେତେବେଳେ ଖଲିଫା ଡେନିଶ୍ କାର୍ଟୁନ୍ ପ୍ରସଙ୍ଗରେ କଥା ହେଲେ ତ ମୋତେ ଏହା ଅନୁଭବ ହେଲା କି ଏହାତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ଓ ବହୁତ ଗମ୍ଭୀର ମାମଲା ଅଟେ ଓ ଡେନିଶ୍ ଲୋକେ ଏହାକୁ ଗମ୍ଭୀରତାର ସହ ନେଇଥାନ୍ତି । ଏହା ବିରୁଦ୍ଧରେ ଯଦି କେହି କଥା କହେ ତେବେ ତାହାକୁ ଖରାପ ମଧ୍ୟ ଭାବିଥାନ୍ତି । କିନ୍ତୁ ଯେତେବେଳେ ଖଲିଫା ନିଜର କଥାକୁ ସମ୍ପୂର୍ଣ୍ଣ କଲେ ସେ ଏପରି ଶୈଳୀରେ ସମ୍ପୂର୍ଣ୍ଣ କଲେ କି ନିଜର କଥା ମଧ୍ୟ ବୁଝାଇଦେଲେ । ଆଉ କେହି ମଧ୍ୟ ଖରାପ ଭାବିଲେ ନାହିଁ ।

ଦ୍ୱିତୀୟ କଥାଟି ଯାହା ମୋତ ବହୁତ ପ୍ରଭାବିତ କରିଛି ତାହା ହେଉଛି କି ଖଲିଫା ନିଜ ଅଭିଭାଷଣରେ ନ୍ୟାୟ ଓ ଇନ୍‌ସାଫ୍‌ର ଚର୍ଚ୍ଚା କଲେ ଓ ସମସ୍ତଙ୍କଠାରୁ ଏହି ନ୍ୟାୟର ଆଶା ମଧ୍ୟ କଲେ । ଯେଉଁଠି ସେ ପଶ୍ଚିମ ଦେଶଗୁଡିକର ଦୁର୍ବଳତାକୁ ମଧ୍ୟ ଚର୍ଚ୍ଚା କଲେ ତତ୍ ସହିତ ମୁସଲମାନ୍ ମାନଙ୍କର ଭୁଲ୍ ଓ ସେମାନଙ୍କର ଦୋଷ ଦୁର୍ବଳା ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କଲେ । ଏହା କେବଳ ଜଣେ ବାସ୍ତବିକ, ପ୍ରକୃତ ଓ ସଚ୍ଚା ଆଧ୍ୟାତ୍ମିକ ଗୁରୁଙ୍କ ଦ୍ୱାରା ହିଁ ସମ୍ଭବ ହୋଇପାରେ ।

ଚର୍ଚ୍ଚର ଜଣେ ମହିଳା ପ୍ରତିନିଧି କହିଲେ କି ମୋର ଖଲିଫତୁଲ୍ ମସିହଙ୍କ ସହିତ ସାକ୍ଷାତ୍ କରିବା ପାଇଁ ମନ ଚାହୁଁଛି । ଯେବେ ତାକୁ ଏହା ବତାଇ ଦିଆଗଲା କି ଖଲିଫତୁଲ୍ ମସିହ୍ ମହିଳାମାନଙ୍କୁ ସମ୍ମାନ ଦେଇ ତାଙ୍କ ସହିତ ନିଜ ହାତ ମିଳାନ୍ତି ନାହିଁ । ସେଥିରେ ସେ କହିଲେ ଖଲିଫତୁଲ୍ ମସିହଙ୍କ ଅସ୍ତିତ୍ୱ ବହୁତ ପବିତ୍ର ଓ ଆଧ୍ୟାତ୍ମିକ ଅସ୍ତିତ୍ୱ ଅଟେ । ମୁଁ ହେଉଛି ଦୁର୍ବଳ ଓ ପାପୀ । ମୁଁ ଏହା କେବେ ଭାବିପାରିବି ନାହିଁ ଯେ ମୋ ପରି ଦୁର୍ବଳ ଲୋକର ହାତ ସେହି ଆଧ୍ୟାତ୍ମିକ ଅସ୍ତିତ୍ୱକୁ ଛୁଇଁନେଉ ।

୮:୧୫ ରେ ଏହି ଉତ୍ସବର ପରିସମାପ୍ତ ଘଟିଲା । ହୋଟେଲ୍‌ରୁ ଯିବା ପୂର୍ବରୁ ନାକ୍‌ସୋରୁ ଆସିଥିବା ଅତିଥିମାନେ ହଜୁର୍ ଅନ୍ୱୁର୍‌ଙ୍କ ସହିତ ଗ୍ରୁପ୍ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ନାକ୍‌ସୋରୁ ଅତିଥିମାନଙ୍କର ଏକ ବଡ଼ ପ୍ରତିନିଧି ମଣ୍ଡଳ ଆଜିର ଏହି ଉତ୍ସବରେ ସାମିଲ୍ ହେବାପାଇଁ ବସ୍‌ଯୋଗେ ଆସିଥିଲା । ଏହାପରେ ହଜୁର୍ ଅନ୍ୱୁର୍ ଅ:ବ:ଅ ୮:୪୫ ରେ ମସ୍‌ଜିଦ୍‌କୁ ଚାଲିଗଲେ ।

୯:୧୫ ରେ ହଜୁର୍ ଅନ୍ୱୁର୍ ଅ:ବ:ଅ ମସ୍‌ଜିଦ୍ ନୁସ୍‌ରତ୍ ଜାହାଁଠାରେ ପହଂଚି ନମାଜ ମଗ୍‌ରିବ୍ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନ୍ୱୁର୍ ଅ:ବ:ଅ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

(କ୍ରମଶଃ...)

*(ବହ୍‌ଓ୍ୱାଲା ଅଖ୍‌ବାର୍ ବଦର୍ ୯ ଜୁନ୍ ୨୦୧୬)*

**ଏହି ସଂଖ୍ୟାରେ ଓଡ଼ିଆ ଡି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.3 Thursday 03 May 2018 Issue No.18

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଡେନ୍‌ମାର୍କ ଗସ୍ତ-ମଇ ୨୦୧୬ ର କାର୍ଯ୍ୟବ୍ୟସ୍ତତା

## ୦୯ ମଇ ୨୦୧୬ ସୋମବାର
## ହଜୁର୍ ଅନୁୱର୍ ଅ:ବ:ଅଙ୍କ ଅଭିଭାଷଣ

ତଉଜ ଓ ତସ୍‌ମିଆ ପରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏଠାରେ ଉପସ୍ଥିତ ସମସ୍ତ ସମ୍ମାନୀୟ ଅତିଥିଗଣ ! ଅସ୍‌ସଲାମୋ ଆଲୈକୁମ୍ ୱ ରହମତୁଲ୍ଲାହେ ୱ ବରକାତୁହୁ । ଆପଣ ସମସ୍ତଙ୍କ ଉପରେ ଅଲ୍ଲାଃତାଲାଙ୍କର କରୁଣା ଓ ବୈଭବ ଅବତୀର୍ଣ୍ଣ ହେଉ । ସର୍ବପ୍ରଥମେ ମୁଁ ଏ ଅବସରରେ ସମସ୍ତ ଅତିଥିମାନଙ୍କର ହୃଦୟର ଗଭୀରତାରୁ ଧନ୍ୟବାଦ ଅର୍ପଣ କରୁଛି, ଯେଉଁମାନେ ଆଜି ଆମର ଏହି ଉତ୍ସବରେ ସହୃଦୟତାର ସହିତ ନିମନ୍ତ୍ରଣ ଗ୍ରହଣ କରିଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଜମାତ୍ ଅହେମଦୀୟା ମୁସ୍‌ଲିମା ହେଉଛି ଇସ୍‌ଲାମ୍‌ର ଏଭଳି ଏକ ଫିର୍‌କା ଯାହାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବହୁତ ସ୍ପଷ୍ଟ ଅଟେ । ଆମେ ମାନବଜାତିକୁ ତାଙ୍କର ସୃଷ୍ଟିକର୍ତା ଜ୍ୟୋତିର୍ମୟ ଇଶ୍ୱରଙ୍କ ନିକଟତର କରାଇବା ପାଇଁ ଚେଷ୍ଟା କରୁଅଛୁ । ଆମେ ଲୋକମାନଙ୍କୁ ହୁକୁକୁଲ୍ ଇବାଦ୍ (ଲୋକମାନଙ୍କର ଅଧିକାର), ଜଣେ ଅନ୍ୟଙ୍କ ସହିତ ପ୍ରେମ, ସ୍ନେହ ଓ ସମ୍ମାନର ସହିତ ବ୍ୟବହାର କରିବାର ଆବଶ୍ୟକତା ଆଡକୁ ଧ୍ୟାନ ଆକର୍ଷଣ କରାଉଛୁ । ଓ ଆମ୍ଭେ ଦୁନିଆରେ ବାସ୍ତବିକ୍ ଓ ଦୀର୍ଘସ୍ଥାୟୀ ଶାନ୍ତି ସ୍ଥାପନା କରିବା ପାଇଁ ମନଭାବ ପୋଷଣ କରୁଛୁ ଓ ସେଥିପାଇଁ ଚେଷ୍ଟା ମଧ୍ୟ କରିଚାଲିଛୁ । ଆମେ ଅହେମଦୀ ମୁସଲ୍‌ମାନ୍‌ମାନେ ଏ ବିଶ୍ୱାସ ରଖିଛୁ କି ଜମାତ୍ ଅହେମଦୀୟା ମୁସ୍‌ଲିମାର ପ୍ରତିଷ୍ଠାତା ସେହି ମସିହ୍ ମଉଦ୍ ଓ ଇମାମ୍ ମେହ୍‌ଦୀ ଅଟନ୍ତି, ଯାହାଙ୍କ ସମ୍ବନ୍ଧରେ ପବିତ୍ର କୋରାନ୍ ଓ ଇସ୍‌ଲାମ୍‌ର ପୈଗମ୍ବର୍ ନବୀ କରିମ୍ ସ:ଆ:ସ ପେଶ୍‌ଗୋଇ କରିଥିଲେ । ପବିତ୍ର କୋରାନ୍ ଏବଂ ରସୁଲେ କରିମ୍ ସ:ଆ:ସ ତାଙ୍କର କିଛି ନିଦର୍ଶନ/ଚିହ୍ନ ସମ୍ବନ୍ଧରେ ମଧ୍ୟ ଭବିଷ୍ୟବାଣୀ କରିଛନ୍ତି ଯେଉଁଥିରୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତାର ପ୍ରମାଣ ମିଳିଥାଏ । ଓ ଆମର ଏ ବିଶ୍ୱାସ ରହିଛି କି ଉକ୍ତ ସମସ୍ତ ନିଦର୍ଶନ/ଚିହ୍ନ ଆମ ଜମାତ୍‌ର ପ୍ରତିଷ୍ଠାତାଙ୍କ ସପକ୍ଷରେ ସମ୍ପୂର୍ଣ୍ଣ ହୋଇସାରିଛି । କିଛି ନିଦର୍ଶନର ସମ୍ପର୍କ ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍‌ଙ୍କ ଯୁଗରେ ହେବାକୁ ଥିବା ସାଂସାରିକ ଉନ୍ନତି ବିଷୟରେ ଥିଲା । ଉଦାହରଣ ସ୍ୱରୂପ ଏ ସ୍ୱର୍ଗବାଣୀ ହୋଇଥିଲା ଯେ ମସିହ୍ ମଉଦ୍‌ଙ୍କୁ ସେ ସମୟରେ ପ୍ରେରଣ କରାଯିବ ଯେବେ ଏ ଦୁନିଆରେ ନୂଆ ନୂଆ ଯାନାବାହାନର ଓ ଯୋଗାଯୋଗର ସାଧନ ଆବିଷ୍କାର ହୋଇଥିବ ଯଦ୍ୱାରା ଦୁନିଆର ବିଭିନ୍ନ ସ୍ଥାନରୁ ଲୋକମାନେ ଯିବା ଆସିବା କରି କରିପାରିବେ ଓ ଏକତ୍ରିତ ହୋଇପାରିବେ । ଯେବେ ପ୍ରେସ୍ ଓ ମିଡ଼ିଆର ଯୁଗ ଆରମ୍ଭ ହୋଇସାରିଥିବ । ପୁଣି ରସୁଲେ କରିମ୍ ସ:ଆ:ସ ଗୋଟିଏ ମହାନ୍ ଆକାଶୀୟ ନିଦର୍ଶନ ହେବାର ଭବିଷ୍ୟବାଣୀ କରିଥିଲେ ଯାହା ମସିହ୍ ମଉଦ୍‌ଙ୍କ ଆବିର୍ଭାବ ସମୟରେ ପ୍ରକାଶ ହେବାର ଥିଲା ଓ ସେହି ନିଦର୍ଶନ ହେଉଛି ଚନ୍ଦ୍ର ଓ ସୂର୍ଯ୍ୟକୁ ଗ୍ରହଣ ଲାଗିବା ଓ ତାହା ପବିତ୍ର ରମ୍‌ଜାନ୍ ମାସରେ ନିର୍ଦ୍ଧାରିତ ଦିନ ଓ ନିର୍ଦ୍ଧାରିତ ସମୟରେ ଲାଗିବାର ଥିଲା । ଜମାତ୍ ଅହେମଦୀୟାର ପ୍ରତିଷ୍ଠାତାଙ୍କ ଦାବି କରିବା ପରେ ଉକ୍ତ ଆକାଶୀୟ ନିଦର୍ଶନ ବହୁତ ବୈଭବତାର ସହିତ ଓ ପ୍ରାଞ୍ଜଳ ରୂପେ ୧୮୯୪ ମସିହାରେ ପୃଥିବୀର ପୂର୍ବ ଭାଗରେ ଓ ୧୮୯୫ ମସିହାରେ ପୃଥିବୀର ପଶ୍ଚିମ ଭାଗରେ ଅନୁଷ୍ଠିତ ହୋଇ ଅକ୍ଷରେ ଅକ୍ଷରେ ପୁରା ହେଲା ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ସୁତରାଂ ପବିତ୍ର କୋରାନ୍ ଓ ରସୁଲେ କରିମ୍ ସ:ଆ:ସଙ୍କ ଉକ୍ତ ଭବିଷ୍ୟବାଣୀ ଗୁଡିକ ସୂର୍ଯ୍ୟାଲୋକ ପରି ପୂରଣ ହେବାର ଦେଖି ଆମେ ଅହେମଦୀ ମୁସଲ୍‌ମାନ୍ ମାନେ ଏ ବିଶ୍ୱାସ ରଖିଛୁ କି ଯମାତ୍ ଅହେମଦୀୟା ମୁସ୍‌ଲେମାର ପ୍ରତିଷ୍ଠାତା ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ କାଦିଆନୀ ହିଁ ମସିହ୍ ମଉଦ୍ ଓ ଇମାମ୍ ମେହ୍‌ଦୀ ଅଟନ୍ତି । ଆମେ ଏହା ବିଶ୍ୱାସ ରଖିଛୁ କି ଆପଣ ଆ:ସ ସତ୍ୟତାର ସେହି ଦୀପ ଥିଲେ ଯାହାଦ୍ୱାରା ସାରା ସଂସାରରେ ଇସ୍‌ଲାମ୍‌ର ଉତମ ଶିକ୍ଷାକୁ ପ୍ରଚାର କରାଯାଇପାରିବ । ସେ ସଂସାରର ସମସ୍ତ ଲୋକମାନଙ୍କୁ ଏ କଥାପ୍ରତି ଧ୍ୟାନ ଆକର୍ଷଣ କରାଇଲେ କି ସମସ୍ତେ ଶାନ୍ତି ଓ ସୌହାର୍ଦ୍ଦ୍ୟର ସହିତ ଜଣେ ଅନ୍ୟ ଜଣଙ୍କ ସହିତ ମିଶି ରହୁ । ଏବଂ ସେ ନିଜର ଜମାତ୍‌କୁ ଏ ତାଗିଦ୍ କରିଛନ୍ତି କି ସେମାନେ ଇଶ୍ୱରଙ୍କ ସୃଷ୍ଟଜ ଅର୍ଥାତ୍ ବିଶେଷ ରୂପେ ଲୋକମାନଙ୍କ ସହିତ ସହାନୁଭୁତି ଓ କରୁଣାର ବ୍ୟବହାର କରନ୍ତୁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ କହୁଛନ୍ତି କି ''ମାନବଜାତି ଉପରେ ଦୟା ଓ ତା ସହିତ ସହାନୁଭୁତି କରିବା ହେଉଛି ବହୁତ ବଡ଼ ଇବାଦତ୍(ଉପାସନା) ଓ ଅଲ୍ଲାଃଙ୍କ ପ୍ରସନ୍ନତା ହାସଲ କରିବା ପାଇଁ ଏହା ହେଉଛି ଏକ ଜବରଦସ୍ତ ମାଧ୍ୟମ'' ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ସୁତରାଂ ଆମ ବିଶ୍ୱାସ ମୁତାବକ ଇସ୍‌ଲାମ୍ ଏହି ଶିକ୍ଷା ଦେଇଥାଏ କି ଅଲ୍ଲାଃତାଲାଙ୍କ ଅଧିକାର ସେପର୍ଯ୍ୟନ୍ତ ସଠିକ୍ ରୂପେ ପ୍ରଦାନ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ଲୋକମାନଙ୍କର ଅଧିକାର ନଦିଆଯାଇଛି । ବରଂ ବିଶେଷ ଅବସ୍ଥାରେ ହୁକୁକୁଲ୍ ଇବାଦ୍‌କୁ ହୁକୁକୁଲ୍ଲାଃ ଉପରେ ଅଗ୍ରାଧିକାର ଦିଆଯାଇଛି । ସଂକ୍ଷେପରେ କହିବାକୁ ଗଲେ ଏହା ହେଉଛି କି ଇସ୍‌ଲାମ୍‌ର ଏ ସର୍ତ ଅଛି କି ମନୁଷ୍ୟ କେବଳ ସେତେବେଳେ ମୁସଲ୍‌ମାନ୍ ବୋଲାଇ ପାରିବ ଯେତେବେଳେ ସେ ଅନ୍ୟମାନଙ୍କ ଅଧିକାରକୁ ପ୍ରଦାନ କରୁଥିବ । ତାହା ପୁଣି ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଅଧିକାରକୁ ପ୍ରଦାନ କରୁଥିବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ୧୯୦୮ ମସିହାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦେହାନ୍ତ ପରେ ଆପଣ ଆ:ସଙ୍କ ଉତରାଧିକାରୀ ରୂପେ ଖିଲାଫତ୍‌ର ନିଜାମ୍ ପ୍ରତିଷ୍ଠା ହେଲା, ଯାହାର ଉଦ୍ଦେଶ୍ୟ ଏହା ଥିଲା, ଓ ସର୍ବଦା ଏହା ମଧ୍ୟ ରହିବ କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମିଶନ୍ ଓ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ଦୁନିଆର କୋଣ ଅନୁକୋଣ ପର୍ଯ୍ୟନ୍ତ ପ୍ରସାର କରାଯାଉ । ଏବେ ମୁଁ ଆପଣମାନଙ୍କ ସମ୍ମୁଖରେ କିଛି ବାସ୍ତବିକ ଇସ୍‌ଲାମୀୟ ଶିକ୍ଷାକୁ ଉପସ୍ଥାପନ କରିବାକୁ ଚାହିଁବି ଓ ଧର୍ମ ସମ୍ବନ୍ଧରେ ଥିବା ସାଧାରଣ ଭୁଲ୍ ଭାବନାକୁ ଦୂର କରିବା ପାଇଁ ଚେଷ୍ଟା କରିବି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଇସ୍‌ଲାମ୍ ପ୍ରତ୍ୟେକ ପ୍ରକାରର ବୈମନସ୍ୟ, ଦ୍ୱେଷ, କପଟ ଓ କଳହରୁ ଦୂରେଇ ଯାଇ ପ୍ରେମ, ଭାତୃଭାବ ଓ ଜଣେ ଅନ୍ୟଜଣକୁ ସମ୍ମାନ ଦେଇ ଗୋଟିଏ ପତାକା ତଳେ ଏକାଠି ରହିବା ପାଇଁ ଶିକ୍ଷା ଦେଇଥାଏ । ଇସ୍‌ଲାମ୍ ସମାଜର ପ୍ରତ୍ୟେକ ସ୍ତରର ଲୋକମାନଙ୍କ ଭିତରେ ନ୍ୟାୟ ଓ ଶାନ୍ତି ସ୍ଥାପନ ପାଇଁ ପ୍ରୋତ୍ସାହନ ଦେଇଥାଏ । ସୁତରାଂ ପବିତ୍ର କୋରାନ୍‌ର ସୁରା ମାଏଦାର ଆୟତ ନଂ-୯ରେ ଅଲ୍ଲାଃତାଲା କହୁଛନ୍ତି କି- ''ହେ ବିଶ୍ୱାସକାରୀ ଗଣ ! ତୁମେ ନ୍ୟାୟର ସହିତ ସାକ୍ଷ ଦେଇ ଅଲ୍ଲାଃତାଲାଙ୍କ ସହିତ ପ୍ରତିଶୃତି ପୂରଣ କର ଓ କୌଣସି ଧର୍ମ ସହିତ ଶତୃତା ତୁମକୁ କଦାପି ଏକଥା ନପ୍ରବର୍ତାଉ କି ତୁମେ ନ୍ୟାନ ନ କର ବୋଲି । (ବରଂ) ତୁମେ ନ୍ୟାୟ କର । ତାହା ଧର୍ମ ପରାୟଣତାର ଅଧିକ ନିକଟତର ଅଟେ ଓ ଅଲ୍ଲାଃଙ୍କ ତକ୍‌ୱା (ଭୟ) ନିଜ ମନରେ ରଖ । ଯାହା କିଛି ତୁମେ କରୁଅଛ ଅଲ୍ଲାଃତାଲା ନିଶ୍ଚିତ ରୂପେ ସେ ବିଷୟରେ ଅବଗତ ଅଛନ୍ତି'' ।

ଏହି ଆୟତ୍‌ରେ ଅଲ୍ଲାଃତାଲା ମୁସଲ୍‌ମାନ୍‌ମାନଙ୍କୁ ସମସ୍ତ ଲୋକମାନଙ୍କ ସହିତ, ସେ ବିରୋଧି ହୋଇଥାଉ ବା ଶତ୍ରୁ ହୋଇଥାଉ, ନ୍ୟାୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ଇସ୍‌ଲାମ୍ କୌଣସି ବି ଅବସ୍ଥାରେ ଅନ୍ୟାୟ ଓ ଅତ୍ୟାଚାର କରିବା ପାଇଁ ଅନୁମତି ଦିଏନାହିଁ । ଏ କଥାର କୌଣସି ଶଙ୍କା ନାହିଁ କି ନବୀ କରିମ୍ ସ:ଆ:ସ ଦୁନିଆରେ ଧର୍ମୀୟ ସ୍ୱାଧିନତା ଓ ଭାଇଚାରାର ଉଚ୍ଚତମ ସ୍ତର କାଏମ୍ କରିଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ନବୀକରିମ୍ ସ:ଆ:ସ ନିଜ ଜନ୍ମ ଭୂମିରେ ଅନେକ ବର୍ଷ ପର୍ଯ୍ୟନ୍ତ ଦୁଃଖ କଷ୍ଟ ସହିବା ଯୋଗୁ ମଦିନାକୁ ହିଜ୍‌ରତ୍ (ଦେଶାନ୍ତର) କରିବା ପରେ ଯେଉଁ ପ୍ରକାରର ସମ୍ମାନୀୟ ବ୍ୟବହାର ୟୁହୁଦୀ ଓ ଅନ୍ୟାନ୍ୟ ଅଣମୁସଲ୍‌ମାନ୍ ମାନଙ୍କ ସହିତ କଲେ ତାହା ମଧ୍ୟ ଏକ ଗୁରୁତ୍ୱପୁର୍ଣ୍ଣ ଦୃଷ୍ଟାନ୍ତ ଅଟେ । ମଦିନାର ସ୍ଥାନୀୟ ଲୋକମାନଙ୍କ ମଧ୍ୟରୁ ଅଧିକ ଲୋକ ଇସ୍‌ଲାମ୍ ଗ୍ରହଣ କଲେ ଓ ଆପଣ ସ:ଆ:ସଙ୍କୁ ନା କେବଳ ନିଜର ଧାର୍ମିକ ନେତା ରୂପେ ମାନିଲେ ବରଂ ରାଜ୍ୟର ମାର୍ଗଦର୍ଶକ ରୂପେ ମଧ୍ୟ ଚୟନ କଲେ । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ୟୁହୁଦୀ ଓ ଅଣମୁସଲ୍‌ମାନ୍ ମାନଙ୍କର ବହୁତ ବଡ଼ ସଂଖ୍ୟା ମଦିନାରେ ଉପସ୍ଥିତ ଥିଲେ । ସୁତରାଂ ଆପଣ ସ:ଆ:ସ ରାଜ୍ୟର ମାର୍ଗଦର୍ଶକ ରୂପେ ସ୍ୱାଧିନତା ଓ ଭାତୃଭାବ ବିଶ୍ୱବ୍ୟାପୀ ନିୟମର ଆଧାରରେ ୟୁହୁଦୀ ଏବଂ ଅନ୍ୟ ଗୋଷ୍ଠୀମାନଙ୍କ ସହିତ ଗୋଟିଏ ଶାନ୍ତିର ଚୁକ୍ତି କଲେ । ତା ମୁତାବକ ରସୁଲେ କରିମ୍ ସ:ଆ:ସ ୟୁହୁଦୀ ଅଣ ମୁସଲ୍‌ମାନଙ୍କୁ ସେମାନଙ୍କ ଧର୍ମୀୟ ସ୍ୱାଧିନତାର ସୁରକ୍ଷା ପାଇଁ ଜମାନତ୍ ଦେଲେ । ଇତିହାସରୁ ଏହା ପ୍ରମାଣ ମିଳୁଛି କି ନବୀ କରିମ୍ ସ:ଆ:ସ ସେହି ଚୁକ୍ତିରେ ଥିବା ସର୍ତ ଗୁଡିକର କଦାପି ବିରୁଦ୍ଧାଚରଣ କରିନାହାଁନ୍ତି ଓ ଆପଣ ସ:ଆ:ସଙ୍କ ନେତୃତ୍ୱରେ ଧର୍ମୀୟ ସ୍ୱାଧିନତା ଓ ଅଣ ମୁସଲ୍‌ମାନ୍‌ଙ୍କ ସ୍ୱାଧୀନତା ସଦା ସର୍ବଦା କାଏମ୍ ରଖାଯାଇଛି । ଏହା ଦ୍ୱାରା ଉକ୍ତ ଆରୋପ ଗୁଡିକର ମଧ୍ୟ ସ୍ପଷ୍ଟ ରୂପେ ଖଣ୍ଡନ ହେଉଛି କି ଇସ୍‌ଲାମ୍ ଧର୍ମକୁ ଆଧାର ବନାଇ ଭାଗ ଭାଗ କରୁଛି ବା ୟୁହୁଦୀଙ୍କ ସହିତ ବିଶେଷ ବ୍ୟବହାର କରିବା ପାଇଁ ଅନୁମତି ଦେଉଛି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ନମୀ କରିମ୍ ସ:ଆ:ସଙ୍କ ଉତର ଚରିତ୍ରର ଦୃଷ୍ଟାନ୍ତ ଆଉ ଏକ ସ୍ଥାନରେ ମଧ୍ୟ ଦୃଷ୍ଟିଗୋଚର ହେଉଅଛି । ନଜ୍‌ରାନ୍ ସହରରୁ ଇସାଇ ମାନଙ୍କର ଗୋଟିଏ ପ୍ରତିନିଧି ମଣ୍ଡଳ ଆପଣ ସ:ଆ:ସଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସିଲା । ଯେବେ ରସୁଲେ କରିମ୍ ସ:ଆ:ସ ଏହା ଜାଣିଲେ କି

*ଅବଶିଷ୍ଟାଂଶ ପୃଷ୍ଠା-୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan